

॥ ବକ୍ରତୁଣ୍ଡ ମହାକାୟ
ସୂର୍ଯ୍ୟକୋଟି ସମପ୍ରଭଃ ॥
॥ ନିର୍ବିଘ୍ନଂ କୁରୁମେ ଦେବ
ସର୍ବ କାର୍ଯ୍ୟେଷୁ ସର୍ବଦା ॥

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-81 ♦MONDAY ♦14 SEPTEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୮୧ ♦ସୋମବାର ♦୧୪ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୬.୬ କୋଟି ବର୍ଷ ତଳର ଡାଇନୋସର ଜୀବାଶ୍ମ ଭିତରେ ପକ୍ଷୀର ଅକ୍ଷତ ପର

### ବୈଜ୍ଞାନିକ ବିସ୍ମିତ

■ ୱାଶିଂଟନ୍, ୧୩।୯ (ଏଜେନ୍ସି): ଡାଇନୋସରର ଜୀବାଶ୍ମୀଭୂତ ମଳ ଭିତରୁ ବୈଜ୍ଞାନିକମାନେ ପାଇଛନ୍ତି ପ୍ରାୟ ୬.୬ କୋଟି ବର୍ଷ ପୁରୁଣା ଏକ ପକ୍ଷୀର ପର। ଏହି ଅସାଧାରଣ ଜୀବାଶ୍ମ ଆବିଷ୍କାର ଡାଇନୋସର ଯୁଗର ଶେଷଭାଗରେ ଘଟିଥିବା ବ୍ୟାପକ ବିଲୁପ୍ତିରେ କାହିଁକି କେତେକ ପକ୍ଷୀ ବଞ୍ଚିଗଲେ, ତାହା ଅନୁଧ୍ୟାନ ନିମନ୍ତେ ବୈଜ୍ଞାନିକମାନଙ୍କୁ ନୂଆ ଦିଶା ଦେଇଛି। କରେଣ୍ଟ ବାୟୋଲୋଜି ପତ୍ରିକାରେ ଏହି ଗବେଷଣାର ବିସ୍ତୃତ ତଥ୍ୟ ପ୍ରକାଶ ପାଇଛି ।

ଆମେରିକାର ମଣ୍ଟାନା ଅଞ୍ଚଳର ହେଲ୍ କ୍ରିକ୍ ଫର୍ମେସନ୍‌ରୁ ଏହି ଜୀବାଶ୍ମ ମିଳିଛି। ବୈଜ୍ଞାନିକ ଡେଭିଡ୍ ଡିମାର୍ ଜୁନିଅର୍ ମାଛର ଜୀବାଶ୍ମ ଖୋଜୁଥିବା ସମୟରେ ଏକ ଗାଢ଼ ଲାଲ-ବାଦାମୀ ରଙ୍ଗର ପଥର ସଦୃଶ ନମୁନା ଦେଖିଥିଲେ। ଏହାର ଆକାର ପ୍ରାୟ ଗଲ୍ଫ ବଲ୍‌ର ଅଧା ଥିଲା। ହାତରେ ଥିବା ଲେନ୍ସରେ ଯାଞ୍ଚ କରିବା ବେଳେ ତାହାର ଉପରେ ଏକ କ୍ଷୁଦ୍ର ଜୀବାଶ୍ମ ପର ଦେଖିଥିଲେ। ପରେ ଗବେଷଣାରୁ ଜଣାପଡ଼ିଥିଲା ଯେ ଏହା ଜୀବାଶ୍ମୀଭୂତ ମଳ ବା 'କପ୍ରୋଲାଇଟ୍'।

ଗବେଷକମାନେ ନମୁନାର ଖଣିଜ ଗଠନ ଅଧ୍ୟୟନ କରିବା ସହିତ ସିଟି ସ୍କାନ୍? କରିଥିଲେ। ପରଗୁଡ଼ିକ ହେସ୍ପରୋର୍ନିଥିଫର୍ମ୍ସ ନାମକ ବିଲୁପ୍ତ ଜଳଚର ପକ୍ଷୀ ବର୍ଗର। ଏହି ପକ୍ଷୀ ବିଶେଷ ଉଡ଼ିପାରନ୍ତନି ନାହିଁ, ମାତ୍ର ପାଣି ଭିତରକୁ ବୁଡି ମାଛ ଶିକାର କରନ୍ତି ।

ବୈଜ୍ଞାନିକମାନଙ୍କ ମତରେ ପ୍ରାୟ ୬.୬ କୋଟି ବର୍ଷ ପୂର୍ବେ ଏକ ବିଶାଳ ଧୂମକେତୁ ଧକ୍କାରେ ବହୁ ପରିମାଣର ଧୂଳି ଓ ▶ପୃଷ୍ଠା-୭



## ଭାରତ ଅଧ୍ୟକ୍ଷତାରେ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଉଦ୍‌ଯାପିତ

### ସ୍ୱଦେଶ ଫେରିଲେ ଅତିଥି

# ବଢ଼ିଲା ଆତିଥ୍ୟ ବିବାଦ

■ ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀ ଆଜି ଶେଷ ହୋଇଛି। ଏଥିରେ ୨୧ଟି ଦେଶର ନେତା ଯୋଗଦେଇଥିଲେ। ବ୍ରିକ୍ସର ୧୧ ସଭ୍ୟ ରାଷ୍ଟ୍ର ସହିତ ୧୦ଟି ପାର୍ଟନର ଦେଶର ନେତାମାନେ ମଧ୍ୟ ଭାଗ ନେଇଥିଲେ। ସମ୍ମିଳନୀ ଶେଷ ହେବାପରେ ନେତାମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛନ୍ତି।

**'ପ୍ରଯୁକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜର ଅସ୍ତ୍ରୀକରଣ ବିରୋଧରେ ମୋଦୀଙ୍କ ଚେତାବନୀ**

**ଆଉ ଚଳିବନି 'ଜୋର୍ ଯାହାର ମୁଲକ ତାର': ଚୀନ ରାଷ୍ଟ୍ରପତି**

ସମ୍ମିଳନୀର ଅନ୍ତିମ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜର ଅସ୍ତ୍ରୀକରଣକୁ ନେଇ ବଢୁଥିବା ବିପଦ ସଂପର୍କରେ ଚୋତବନା ଦେଇଛନ୍ତି। ସେ କହିଛନ୍ତି ଯେ ଏଭଳି ପ୍ରବୃତ୍ତି ବିଶ୍ୱର ସାମୂହିକ ପ୍ରଗତି ଓ ସମୃଦ୍ଧିରେ ବାଧା ସୃଷ୍ଟି କରିପାରେ। ବିଶ୍ୱରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଥିବାରୁ ଏହାର ମୁକାବିଲା ପାଇଁ ବ୍ରିକ୍ସ ଦେଶଗୁଡ଼ିକୁ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ▶ପୃଷ୍ଠା-୭

### ନୈଶଭୋଜିକୁ ଗଲେନି ଜିନ୍‌ପିଙ୍ଗ



**ଆବୁଧାବୀ ରାଜକୁମାର ମଧ୍ୟ ଅନୁପସ୍ଥିତ**

■ ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ନୂଆଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନୈଶଭୋଜି ଆୟୋଜିତ ହୋଇଯାଇଛି। ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ସୃଷ୍ଟି ହୋଇଛି। ନୈଶଭୋଜିରେ ସମ୍ପୂର୍ଣ୍ଣ ନିରାମିଷ ଖାଦ୍ୟ ପରିବେଷଣ କରାଯାଇଥିବା ବେଳେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏଥିରେ ଯୋଗ ଦେଇନାହାନ୍ତି। ଜିନପିଙ୍ଗ ଉଭୟ ସମ୍ମିଳନୀ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଭାଗ ନେଇଥିଲେ। ମାତ୍ର ସେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ନୈଶଭୋଜିରୁ ଦୂରେଇ ରହିଥିଲେ। ତାଙ୍କ ଅନୁପସ୍ଥିତିର ସ୍ପଷ୍ଟ କାରଣ ଜଣାପଡ଼ିନଥିବା ବେଳେ ସେ କ୍ଲାନ୍ତ ▶ପୃଷ୍ଠା-୭

### ରାହୁଲଙ୍କ 'ନିରାମିଷ' କଟାକ୍ଷ



**୮୦ ପ୍ରତିଶତ ଭାରତୀୟ ଆମିଷାସୀ**

■ ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ବ୍ରିକ୍ସ ନେତାମାନଙ୍କ ପାଇଁ ଆୟୋଜିତ ରାତ୍ରିଭୋଜନରେ ନିରାମିଷ ଖାଦ୍ୟ ପରଷା ଯିବାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ, ୮୦% ଭାରତୀୟ ଆମିଷାଶୀ ଏବଂ ଭାରତୀୟ ଆମିଷ ଖାଦ୍ୟ ଅତ୍ୟନ୍ତ ସ୍ୱାଦିଷ୍ଟ। କଂଗ୍ରେସ ନେତା ପବନ ଖେଡା ଅଭିଯୋଗ କରିଛନ୍ତି ଯେ ଭାରତରେ ବିଭିନ୍ନ ସମ୍ପ୍ରଦାୟ ଓ ଖାଦ୍ୟ ପ୍ରକାର ରହିଥିବା ବେଳେ ବିଜେପି କେବଳ ନିଜର ଖାଦ୍ୟ ପସନ୍ଦକୁ ବିଦେଶୀ ▶ପୃଷ୍ଠା-୭

### ଏମ୍‌ଏମ୍‌ଡିଆର୍ ଆଇନ ସଂଶୋଧନ

# ରାଜ୍ୟ ହରାଇବ ରାଜସ୍ୱ; ଲାଭ ପାଇବେ କମ୍ପାନୀ

**ଘରୋଇ ମାଲିକାନାରେ ରାଜ୍ୟର କାର୍ଯ୍ୟକ୍ଷମ ୯୦% ଖଣି**

■ ଭୁବନେଶ୍ୱର, ୧୩।୯ (ସମିସ): ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଆଇନ, ୧୯୫୭ରେ ୨୦୨୬ରେ ହୋଇଥିବା ସଂଶୋଧନକୁ ନେଇ ଓଡ଼ିଶାର ଖଣି ରାଜସ୍ୱ ଓ ରାଜ୍ୟର କର ଅଧିକାର ଉପରେ ନୂଆ ତର୍କ ଆରମ୍ଭ ହୋଇଛି। ରାଜ୍ୟରେ ଏହି ସଂଶୋଧନ ଯୋଗୁଁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱରେ ବଡ଼ ଧରଣର ପ୍ରଭାବ ପଡ଼ିପାରେ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ବିଶେଷ ଭାବରେ ରାଜ୍ୟ ପାଇବାକୁ ଥିବା ୧.୨ଲକ୍ଷ କୋଟି ଟଙ୍କାର ବକେୟା ରାଶି ସହ ବାର୍ଷିକ ହାରାହାରି ୧୨ ହଜାର କୋଟି ଟଙ୍କାର ଟିକସ ହରାଇବା ନିଶ୍ଚିତ ବୋଲି କୁହାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ରାଜ୍ୟରେ କାର୍ଯ୍ୟକ୍ଷମ ଖଣିଗୁଡ଼ିକର ୯୦% ଘରୋଇ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ରାଜ୍ୟ ହାତରୁ ଟିକସ ଲଗାଇବାର କ୍ଷମତା ସଂକୁଚିତ କରାଯିବା ଦ୍ୱାରା ରାଜ୍ୟ ହରାଇବାକୁଥିବା ଅର୍ଥରାଶି ସିଧାସଳଖ ନିର୍ଦ୍ଦିଷ୍ଟ ଆଙ୍ଗୁଳିଗଣତି ଖଣି ପଟ୍ଟାଦାର ଓ ବ୍ୟକ୍ତିବିଶେଷଙ୍କୁ ଫାଇଦା ଦେବା ନିଶ୍ଚିତ ବୋଲି ମନେ କରାଯାଉଛି ।

ଓଡ଼ିଶାରେ ବର୍ତ୍ତମାନ ୭୫ରୁ ଊର୍ଦ୍ଧ୍ୱ ଲୁହାପଥର ଖଣି କାର୍ଯ୍ୟକ୍ଷମ ରହିଛି। ଅନୁରୂପ ଭାବରେ ୨୫ କ୍ରୋମାଇଟ, ୪୫ ମାଙ୍ଗାନିଜ, ୩୦ କୋଇଲା, ୧୦ ବକ୍ସାଇଟ୍ ଖଣିରୁ ଖଣିଜ ସମ୍ପଦ ଉତ୍ତୋଳନ ହେଉଛି। ଏହାବ୍ୟତୀତ ଡ଼ୋଲୋମାଇଟ୍, ଗ୍ରାଫାଇଟ୍, ଗ୍ରାନାଇଟ୍ ଆଦି ଅନ୍ୟାନ୍ୟ ଖଣି ସହ ଶହଶହ ଲଘୁ ଖଣିଜ ଖଣି ରହିଛି। ଏହି ଖଣିଗୁଡ଼ିକ ମଧ୍ୟରୁ ୯୦ ପ୍ରତିଶତ ଘରୋଇ ମାଲିକାନାରେ ଥିବାବେଳେ ୧୦ ପ୍ରତିଶତ ଖଣି ରାଷ୍ଟ୍ରାୟତ୍ତ ସଂସ୍ଥା ପରିଚାଳନା କରୁଛି। ତେଣୁ ରାଜ୍ୟର ରାଜସ୍ୱ ହାନି ସିଧାସଳଖ ଘରୋଇ ସଂସ୍ଥାଗୁଡ଼ିକୁ ସମୃଦ୍ଧ କରିବ ଓ ରାଜ୍ୟ ସରକାରଙ୍କ ଟିକସ କ୍ଷମତା ସଂକୋଚନ ଦ୍ୱାରା ଖଣି ମାଲିକମାନଙ୍କୁ ଲାଭବାନ କରିବ।

ସଂଶୋଧନରେ ଏମ୍‌ଏମ୍‌ଡିଆର୍ ଆଇନର ଧାରା ୨ରେ 'ମିନେରାଲ ବିୟରିଂ ଲ୍ୟାଣ୍ଡ' ବା ଖଣିଜ ଧାରଣ କରୁଥିବା ଜମିକୁ ମଧ୍ୟ କେନ୍ଦ୍ରୀୟ ନିୟନ୍ତ୍ରଣ ପରିସରକୁ ଆଣାଯାଇଛି। ନୂଆ ଧାରା ୯ଡି ଅନୁଯାୟୀ, ଖଣିଜ ଅଧିକାର କିମ୍ବା ଖଣିଜ ଧାରଣ କରୁଥିବା ▶ପୃଷ୍ଠା-୭

# ମହଙ୍ଗା ହେବ ବ୍ୟାଙ୍କ ଋଣ !


**ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟର ଆକଳନ**

**ବଢ଼ିବ ସୁଧହାର, ଇଏମ୍‌ଆଇ**

■ ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଆଗାମୀ ଦିନଗୁଡିକ ଦେଶରେ ଗୃହ ଏବଂ କାର ଋଣ ମହଙ୍ଗା ହୋଇପାରେ। କାରଣ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଆଗାମୀ ଦିନରେ ତା'ର ରେପୋ ହାର ବା ପ୍ରମୁଖ ସୁଧ ହାରରେ ବୃଦ୍ଧି ଘଟାଇବାର ଯଥେଷ୍ଟ ସମ୍ଭାବନା ରହିଛି। ରିପୋର୍ଟ ଅନୁଯାୟୀ, ଆର୍‌ବିଆଇ ଅକ୍ଟୋବର ମାସରେ ଏହାର ଋଣ ନୀତି ସମୀକ୍ଷା ସମୟରେ ରେପୋ ହାରରେ ୦.୨୫% ବୃଦ୍ଧି କରିପାରେ। ଏହା ପରେ ଡିସେମ୍ବରରେ ମଧ୍ୟ ବ୍ୟାଙ୍କ ରୋପୋ ହାରରେ ଏଭଳି ସମାନ ବୃଦ୍ଧି କରିବାର ସମ୍ଭାବନା ଦେଖାଦେଇଛି। ଏହାର ଅର୍ଥ ହେଉଛି କ୍ରମାଗତ ଭାବେ ଦୁଇ ମାସରେ ରେପୋ ହାର ୦.୫୦% ବୃଦ୍ଧି ହୋଇପାରେ। ଯେହେତୁ, ଆର୍‌ବିଆଇର ରେପୋ ହାରରେ ଯେକୌଣସି ପରିବର୍ତ୍ତନ ସିଧାସଳଖ ଋଣଗ୍ରହୀତାଙ୍କ ଉପରେ ପ୍ରଭାବ ପକାଇଥାଏ, ତେଣୁ ଏହା ହେଲେ ଆଗକୁ ଗୃହ ଋଣ, କାର ଋଣ ଏବଂ ଅନ୍ୟାନ୍ୟ ଫ୍ଲୋଟିଂ-ହାର ଋଣ ଉପରେ ସୁଧ ହାର ଏବଂ ଇଏମ୍‌ଆଇ ବୃଦ୍ଧି ଘଟିପାରେ।

ଏସ୍‌ବିଆଇ ରିସର୍ଚ୍ଚ ଅନୁଯାୟୀ, ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ବିଶ୍ୱ ଭୂ-ରାଜନୈତିକ ଉତ୍ତେଜନା ମୁଦ୍ରାସ୍ଫୀତି ଚାପ ବୃଦ୍ଧି କରୁଛି। ଅଶୋଧିତ ତୈଳ ମୂଲ୍ୟ ସମ୍ପ୍ରତି ପ୍ରତି ବ୍ୟାରେଲ ୧୦୦ ଡଲାର ଅତିକ୍ରମ କରିଛି। ଏକ ରିପୋର୍ଟ ଅନୁଯାୟୀ, ଆଗାମୀ ୧୫ ଦିନ ମଧ୍ୟରେ ମୂଲ୍ୟ ବ୍ୟାରେଲ ପିଛା ୧୨୩ ଡଲାର ପର୍ଯ୍ୟନ୍ତ ଯାଇପାରେ। ଅଗଷ୍ଟ ମାସରେ ଆର୍‌ବିଆଇ କ୍ରମାଗତ ଭାବେ ଏହାର ୪ର୍ଥ ବୈଠକରେ ରେପୋ ହାର ୫.୨୫% ରେ ବଜାୟ ରଖିଥିଲା। ପରବର୍ତ୍ତୀ ମୁଦ୍ରା ନୀତି କମିଟି ବୈଠକ ଅକ୍ଟୋବର ୫ରୁ ୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ସୁଧ ହାରରେ ବୃଦ୍ଧି ଭଳି ନିଷ୍ପତ୍ତି ▶ପୃଷ୍ଠା-୭

## ୨୦୨୯ ପୂର୍ବରୁ ୨୧ ଏନ୍‌ଡିଏ ଶାସିତ ରାଜ୍ୟରେ ୟୁସିସି: ଶାହ



■ ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ୨୦୨୯ ପୂର୍ବରୁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଶାସିତ ସମସ୍ତ ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୂଚନା ଦେଇଛନ୍ତି। ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀରେ ଶାହ ଆଜି କହିଛନ୍ତି, ଦେଶର କେତେକ ରାଜ୍ୟରେ ଇତିମଧ୍ୟରେ ୟୁସିସି ଲାଗୁ କରାଯାଇଛି। ଆଗାମୀ ୨୦୨୯ ପୂର୍ବରୁ ଏନ୍‌ଡିଏ ଶାସିତ ସମସ୍ତ ୨୧ ରାଜ୍ୟରେ ଏହା କାର୍ଯ୍ୟକାରୀ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ୟୁସିସିରେ ଧର୍ମ ନିର୍ବିଶେଷରେ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଓ ପୋଷ୍ୟ ସନ୍ତାନ ଗ୍ରହଣ ଭଳି ବ୍ୟକ୍ତିଗତ ଆଇନ ପାଇଁ ଏକ ସମାନ ଆଇନଗତ ବ୍ୟବସ୍ଥାର ପ୍ରସ୍ତାବ ରହିଛି। ଆତଙ୍କବାଦ ପ୍ରସଙ୍ଗରେ ଶାହ କହିଛନ୍ତି, ସରକାର 'ଶୂନ୍ୟ ସହନଶୀଳତା' ନୀତି ଅନୁସରଣ କରୁଛି। ସର୍ଜିକାଲ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ୍ ଓ ଅପରେସନ ସିନ୍ଦୂରକୁ ଏହାର ଉଦାହରଣ ଭାବେ ସେ ଉଲ୍ଲେଖ କରିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସାର୍ବଜନୀନ ▶ପୃଷ୍ଠା-୭

# ୟୁଏଇରୁ ଫେରିଲେ ମୁଖ୍ୟମନ୍ତ୍ରୀ

### ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲା ସମୁଦାୟ ପୁଞ୍ଜି ନିବେଶ ପ୍ରସ୍ତାବ

**ଆମର ସର୍ବାଧିକ ସାମର୍ଥ୍ୟ ଯୁବବର୍ଗଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଉପଯୋଗ କରୁଛୁ: ମୋହନ**


**ନିବେଶ ପ୍ରସ୍ତାବ ଓ ଏମ୍‌ଓୟୁଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ**

■ ଭୁବନେଶ୍ୱର, ୧୩।୯ (ସମିସ): ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟରେ ଉପଯୋଗ କରୁଛନ୍ତି ବୋଲି ୟୁଏଇ ଗସ୍ତରୁ ଫେରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି। ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଂ, ୬ଟି ରାଉଣ୍ଡଟେବୁଲ ମିଟିଂ, ୪୬ଟି ୱାନ୍-ଟୁ-ୱାନ୍ ମିଟିଂ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ▶ପୃଷ୍ଠା-୭



### ଓଲଟ ପାଲଟ




ଯଥା ରୀତି ଆମ ଭାରତବର୍ଷରେ
ଚାଲେ ରାଜନୀତି ଭୋଟ,
ସମ ତାଳ ଦେଇ ଓଡିଶା ରାଇଜେ
ଚାଲିଅଛି ସେଇ ନାଟ !
କଲେଜ ପାଇଁ କପଟ,
କଲେଜର ନିର୍ବାଚନ ହେଉନାହିଁ
ଛାତ୍ରଛାତ୍ରୀ ଛଟପଟ !
ଏଥରକ ନିର୍ବାଚନ ନ ହୋଇଲେ
ରାଜ୍ୟକୁ ମହା ସଙ୍କଟ !!

-ଯାଯାବର

### ଉଚ୍ଚଶିକ୍ଷା ବିଭାଗର ନୂଆ ନୀତି

# ଭୁଲ୍ ଘୋଡ଼ାଇବାକୁ ପୁଣି ଭୁଲ୍

### ୧୭୦ କିଲୋମିଟରରେ ବଦଳିଯାଉଛି ଅଧ୍ୟାପକଙ୍କ ବିଭାଗ



| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 | 16 |
|---|---|---|---|---|---|---|---|---|---|---|---|---|---|---|---|
| 5 | Smt.Subhashree Mishra ,DOB-[illegible] | | OTHER | Assistant Professor | Yes (60%) | No | M.A. Education ( 68.7%) | M.A. Political Science [illegible] | Education | [illegible] | Yes(Education) | 4 Years | 4 Years | [illegible] | [illegible] |
| 7 | Dr. Prabina Priyadarsini Behera ,DOB-15.05.1985 | | OBC | Assistant Professor | Yes (65.2 %) | No | M.A. Education (71.8 %) | M.A. Political Science [illegible] | Education | Yes (Education) | Yes(Education) | 04 years | 4 years | [illegible] | [illegible] |

■ ରାଜନୀତି ବିଜ୍ଞାନ ଅଧ୍ୟାପକ ପଢ଼ାଇବେ ଏଜୁକେସନ

■ ଓପିଏସ୍‌ସିର ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ବିଭାଗର ଅବମାନନା

■ ଭୁବନେଶ୍ୱର, ୧୩।୯ (ସମିସ): ବିଇଡି କଲେଜରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଘଟଣାରେ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସୁଛି। ଅଯୋଗ୍ୟ ଅଧ୍ୟାପକଙ୍କ ମଧ୍ୟରୁ ୧୨୦ ଜଣଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ପରେ ଆଉ କିଛି ଜଣଙ୍କ ବିଷୟ ପରିବର୍ତ୍ତନ କରାଯାଇ ଯୋଗ୍ୟ କରିବାକୁ ପ୍ରୟାସ କରାଯାଇଛି। ଅର୍ଥାତ୍ ରାଜନୀତି ବିଜ୍ଞାନ ପେଡ଼ାଗୋଜୀ ବିଷୟରେ ନିଯୁକ୍ତି ପାଇଥିବା ଅଧ୍ୟାପକଙ୍କୁ ଏଜୁକେସନ୍ ଅଧ୍ୟାପକ ଦର୍ଶାଇ ଏନ୍‌ସିଟିଇକୁ ରିପୋର୍ଟ ଦିଆଯାଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପ୍ରକାଶିତ ମେଧା ତାଲିକାରେ ସିରିଏଲ୍ ନମ୍ବର ୪ ଓ ୧୨ ରେ ଶୁଭଶ୍ରୀ ମିଶ୍ର ଓ ପ୍ରବୀଣା ପ୍ରିୟଦର୍ଶିନୀ ବେହେରାଙ୍କୁ ରାଜନୀତି ବିଜ୍ଞାନରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ମିଳିଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ନିଯୁକ୍ତି ଅର୍ଡରରେ ମଧ୍ୟ ସମାନ କଥା ଉଲ୍ଲେଖ କରାଯାଇଥିଲା। ଏହି ଉଭୟ ଅଧ୍ୟାପକ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ଆଇଏଏସ୍‌ଇ ବା ବିଇଡି କଲେଜରେ କାର୍ଯ୍ୟରତ ଅଛନ୍ତି। ମାତ୍ର ଏନ୍‌ସିଟିଇ ନିକଟରେ ଦାଖଲ କରିବାକୁ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଉଭୟଙ୍କୁ ଏଜୁକେସନ୍ ବିଷୟର ଅଧ୍ୟାପକ ଭାବେ ଦର୍ଶାଯାଇଛି। ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଉଚ୍ଚଶିକ୍ଷା ବିଭାଗର ଭୂମିକା ପୁଣି ସନ୍ଦେହ ଘେରକୁ ଆସିଛି। କେବଳ ଏତିକି ନୁହେଁ, ବିଜେବି କଲେଜର ଇଣ୍ଟିଗ୍ରେଟେଡ୍ ବିଇଡି ଖୋଲିବାକୁ ସ୍ୱୀକୃତି ପାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ବ୍ୟାପକ ତଞ୍ଚକତା କରିଥିବା ଅଭିଯୋଗ ହୋଇଛି। ଶୁଭଶ୍ରୀ ମିଶ୍ରଙ୍କୁ ବିଜେବି କଲେଜକୁ ଡେପୁଟେସନ୍ କରିବା ସହ ରାଜନୀତି ବିଜ୍ଞାନ ପେଡାଗୋଜୀ ବିଷୟର ଅଧ୍ୟାପିକା ଦର୍ଶାଇ ଏନ୍‌ସିଟିଇକୁ ତାଲିକା ପଠାଯାଇଥିଲା। ବିଜେବି ▶ପୃଷ୍ଠା-୭

### ପାଗ ଅନୁକୂଳ; ଫେରିବ ମୌସୁମୀ

# ଜାରି ରହିବ ବର୍ଷା

**ତୃତୀୟ ସପ୍ତାହର ଲଘୁଚାପକୁ ନେଇ ନାନା ଆଶଙ୍କା**

■ ଭୁବନେଶ୍ୱର,୧୩।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ମଧ୍ୟପ୍ରଦେଶ ନିକଟରେ ରହିଛି। ଏହାପ୍ରଭାବରେ ଓଡ଼ିଶାରେ ପାଗରେ ପରିବର୍ତ୍ତନ ଆସିଛି। ତେବେ ଲଘୁଚାପ ଯିବା ସତ୍ତ୍ୱେ ଓଡ଼ିଶା ଉପରେ ଏବେ ବି ବର୍ଷା ଆଶଙ୍କା ଜାରି ରହିଛି। ମୌସୁମୀ ଟ୍ରଫ୍‌ଲାଇନ ସକ୍ରିୟ ରହିଥିବାରୁ ଏହା ରାଜ୍ୟରେ ବର୍ଷା କରାଇବା ନେଇ ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଆଲର୍ଟ ଜାରି କରିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଓଡ଼ିଶାଠାରୁ ଦୂରକୁ ଚାଲିଯାଇଛି। ତେଣୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ କମୁଛି। ତଥାପି ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଯୋଗୁଁ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ପାହାଡ଼ିଆ ଅଞ୍ଚଳର କେତେକ ସ୍ଥାନରେ ଅଧିକ ବର୍ଷା ହେବାର ସମ୍ଭାବନା ▶ପୃଷ୍ଠା-୭

# ଗୋଆ ନିର୍ବାଚନ ପାଇଁ ଆପ୍-ଜିଏଫ୍‌ପି ମେଣ୍ଟ

## 'ଗୋଆ ଫାର୍ଷ୍ଟ' ମଞ୍ଚ ଗଠିତ

ପଣଜୀ,୧୩।୯ (ଏଜେନ୍ସି): ୨୦୨୭ ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଆପ୍) ଓ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି) ମେଣ୍ଟ ଗଠନ କରିଛନ୍ତି। ଆପ୍ ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ 'ଗୋଆ ଫାର୍ଷ୍ଟ' ନାମରେ ଏହି ମେଣ୍ଟ ଘୋଷଣା କରିଛନ୍ତି। ଏହାକୁ ବିଜେପି ଓ କଂଗ୍ରେସ ବାହାରେ ଏକ ବିକଳ୍ପ ରାଜନୈତିକ ମଞ୍ଚ ଭାବେ ଉପସ୍ଥାପନ କରାଯାଉଛି। କେଜ୍ରିୱାଲ କହିଛନ୍ତି, ଗୋଆବାସୀଙ୍କୁ ବିଜେପି ଓ କଂଗ୍ରେସ ବ୍ୟତୀତ ଏକ ବାସ୍ତବ ବିକଳ୍ପ ଦେବା ହେଉଛି ମେଣ୍ଟର ଲକ୍ଷ୍ୟ। ତାଙ୍କ ଅଭିଯୋଗ ଅନୁସାରେ, ନିର୍ବାଚନ ସମୟରେ ଉଭୟ ଦଳ ପରସ୍ପର ବିରୋଧରେ ଲଢୁଥିଲେ ମଧ୍ୟ ପରେ ସରକାର ଗଠନ ପାଇଁ ପରସ୍ପର ସହ ମେଣ୍ଟ କରନ୍ତି। ଗୋଆବାସୀଙ୍କୁ ତୃତୀୟଥର 'ଠକାଯିବା'ରୁ ବଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଗୋଆ ବିଧାନସଭାରେ ମୋଟ ୪୦ଟି ଆସନ ରହିଛି। ଜିଏଫ୍‌ପି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବିଜୟ ସରଦେସାଇ ବର୍ତ୍ତମାନ ଦଳର ଏକମାତ୍ର ବିଧାୟକ। ଅନ୍ୟପକ୍ଷରେ ଆପ୍‌ର ଦୁଇ ବିଧାୟକ ଭେଞ୍ଜି ଭିଗାସ୍ ଓ କ୍ରୁଜ୍ ସିଲ୍‌ଭା ରହିଛନ୍ତି। କେଜ୍ରିୱାଲ ଗୋଆର ବିଜେପି ସରକାରକୁ ମଧ୍ୟ ସମାଲୋଚନା କରିଛନ୍ତି। ସରକାରରେ ବହୁ ପୂର୍ବତନ କଂଗ୍ରେସ ନେତା ଥିବା ଦାବି କରି ସେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ତାଙ୍କର ଏହି ମନ୍ତବ୍ୟ ଉପରେ ବିଜେପି କିମ୍ବା କଂଗ୍ରେସର ପ୍ରତିକ୍ରିୟା ଦିଆଯାଇନାହିଁ। ୨୦୨୭ ମାର୍ଚ୍ଚ ପୂର୍ବରୁ ଗୋଆ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ 'ଗୋଆ ଫାର୍ଷ୍ଟ' ମେଣ୍ଟ ରାଜ୍ୟରେ ବିଜେପି-କଂଗ୍ରେସ ଦ୍ୱିମୁଖୀ ରାଜନୈତିକ ପ୍ରତିଯୋଗିତାର ବାହାରେ ଏକ ତୃତୀୟ ବିକଳ୍ପ ଭାବେ ନିଜକୁ ପ୍ରସ୍ତୁତ କରୁଛି।

# ମମତା ନନ୍ଦିଗ୍ରାମରୁ ଲଢ଼ିଲେ ପ୍ରାର୍ଥୀ ଦେବେନାହିଁ ବିଦ୍ରୋହୀ

କୋଲକାତା,୧୩।୯ (ଏଜେନ୍ସି): ପଶ୍ଚିମବଙ୍ଗର ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନରେ ମମତା ବାନାର୍ଜୀ ପ୍ରାର୍ଥୀ ହେଲେ ନିଜ ପ୍ରାର୍ଥୀଙ୍କୁ ପ୍ରତ୍ୟାହାର କରିନେବାକୁ ବିଦ୍ରୋହୀ ଟିଏମ୍‌ସି ନେତା ରିତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ଘୋଷଣା କରିଛି। ରିତବ୍ରତ କହିଛନ୍ତି, ସେମାନେ ମମତାଙ୍କୁ ପୁଣି ବିଧାନସଭାରେ ଦେଖିବାକୁ ଚାହୁଁଛନ୍ତି। ଏପରିକି ମମତା ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଲେ ମଧ୍ୟ ତାଙ୍କ ବିରୋଧରେ ପ୍ରାର୍ଥୀ ଦିଆଯିବ ନାହିଁ ବୋଲି ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ନନ୍ଦିଗ୍ରାମ ମମତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଆସନ। ୨୦୨୧ରେ ଏଠାରୁ ସେ ବର୍ତ୍ତମାନର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁବେନ୍ଦୁ ଅଧିକାରୀଙ୍କଠାରୁ ପରାଜିତ ହୋଇଥିଲେ। ପରେ ସୁବେନ୍ଦୁ ବିଜେପିରେ ଯୋଗ ଦେଇଥିଲେ। ୨୦୨୬ ନିର୍ବାଚନରେ ସୁବେନ୍ଦୁ ନନ୍ଦିଗ୍ରାମ ଓ ଭବାନୀପୁର ଉଭୟ ଆସନରୁ ବିଜୟୀ ହୋଇଥିଲେ। ପରେ ସେ ନନ୍ଦିଗ୍ରାମ ଆସନ ଛାଡ଼ିବାରୁ ଏଠାରେ ଉପନିର୍ବାଚନ ହେଉଛି। ଏହି ଉପନିର୍ବାଚନ ପାଇଁ ବାମମୋର୍ଚ୍ଚା ନନ୍ଦିଗ୍ରାମରୁ ସିପିଆଇ ପ୍ରାର୍ଥୀ ଶାନ୍ତିଗୋପାଳ ଗିରିଙ୍କୁ ମଇଦାନକୁ ଓହ୍ଲାଇଛି। ଟିଏମ୍‌ସି ଓ ବିଜେପି ଏପର୍ଯ୍ୟନ୍ତ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। ଏପଟେ ଟିଏମ୍‌ସି ନାମ-ଚିହ୍ନକୁ ନେଇ ମମତା ଓ ରିତବ୍ରତ ଗୋଷ୍ଠୀ ମଧ୍ୟରେ ବିବାଦ ଚାଲିଛି। ଦଳର ନାମ, ନିର୍ବାଚନୀ ଚିହ୍ନ ଏବଂ ପାଣ୍ଠି ଉପରେ ଉଭୟ ଗୋଷ୍ଠୀ ଦାବି କରିଛନ୍ତି।

# ହାଇକୋର୍ଟ ବିରୋଧରେ ସୁପ୍ରିମକୋର୍ଟ ଗଲେ ନୋଏଡା ଡିଏମ୍

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟଙ୍କ ଭର୍ତ୍ସନାର ସମ୍ମୁଖୀନ ହେବା ପରେ ଗୌତମ ବୁଦ୍ଧ ନଗର (ନୋଏଡା) ଜିଲ୍ଲାପାଳ ତଥା ଭାରତର ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପୁତ୍ରୀ ମେଧା ରୂପମ୍ ରବିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଏପ୍ରିଲରେ ହୋଇଥିବା ନୋଏଡାର ଶ୍ରମିକ ଆନ୍ଦୋଳନକୁ ସମର୍ଥନ ମାମଲାରେ ୨୫ ବର୍ଷୀୟା ଛାତ୍ରୀ ଆକୃତି ଚୌଧୁରୀଙ୍କୁ ଗିରଫ କରାହୋଇଥିଲା। ଛାତ୍ରୀ ଆନ୍ଦୋଳନକାରୀ ଜଣଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ଅଟକ ରଖାଯାଇଥିଲା। ଏପରି କରିବାକୁ ଜିଲ୍ଲାପାଳ ମେଧା ରୂପମଙ୍କ ଆଦେଶ ରହିଥିବା ଜଣାପଡ଼ିଛି। ପରେ ଆକୃତିଙ୍କ ବିରୋଧରେ ଅଣାଯାଇଥିବା ଏନ୍‌ଏସ୍‌ଏ ଅଟକ ଆଦେଶକୁ ଆହ୍ଲାବାଦ ହାଇକୋର୍ଟ ରଦ୍ଦ କରିଥିଲେ। ଏହି ଅଟକ ଆଦେଶ ରାଜ୍ୟ ସରକାରଙ୍କ ଦ୍ୱାରା ଗଢ଼ାଯାଇଥିବା ଏକ କାହାଣୀ ଉପରେ ଆଧାରିତ ବୋଲି ହାଇକୋର୍ଟ ଦର୍ଶାଇଥିଲେ। ଆକୃତିଙ୍କ ବିରୋଧରେ ଅନ୍ୟ କୌଣସି ଗୁରୁତର ମାମଲା ନଥିଲେ, ତାଙ୍କୁ ତୁରନ୍ତ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ କୋର୍ଟ ମେଧା ରୂପଙ୍କୁ କଡ଼ା ସମାଲୋଚନା କରିଥିଲେ। ନୋଏଡା ଜିଲ୍ଲାପାଳ ଓ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ଏପରି ଆଚରଣକୁ କୋର୍ଟ ସ୍ୱେଚ୍ଛାଚାରୀ ବୋଲି ଅଭିହିତ କରିଥିଲେ। ସାଧାରଣ ମାମଲାରେ ଜଣେ ଛାତ୍ରୀଙ୍କ ବିରୋଧରେ ଏନ୍‌ଏସ୍‌ଏ ଭଳି ଗୁରୁତର ଆଇନର ପ୍ରୟୋଗ ଉତ୍ତର ପ୍ରଦେଶକୁ ପ୍ରଶାସନିକ ଏକଛତ୍ରବାଦ ଶାସନ ଆଡ଼କୁ ନେଇଯିବ ବୋଲି ହାଇକୋର୍ଟ ସାବଧାନ କରିଦେଇଥିଲେ। ହାଇକୋର୍ଟ ଏଥିପାଇଁ ଛାତ୍ରୀଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଏବଂ ଉକ୍ତ ରାଶିକୁ ଜିଲ୍ଲାପାଳ ମେଧା ରୂପମ୍‌ଙ୍କ ଦରମାରୁ କାଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲ୍ଲାପାଳ ଏବଂ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କୋର୍ଟଙ୍କ ଅସନ୍ତୋଷ ସେମାନଙ୍କ ଚାକିରି ରେକର୍ଡରେ ଲିପିବଦ୍ଧ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ନିଜ ନିର୍ଦ୍ଦେଶରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଅମଲାତନ୍ତ୍ର ନିଜର ଆନୁଗତ୍ୟ ସମ୍ବିଧାନ ପ୍ରତି ରଖିବା ଉଚିତ, ରାଜନୈତିକ କାର୍ଯ୍ୟନିର୍ବାହୀଙ୍କ ପ୍ରତି ନୁହେଁ।



# ମନମୋହନଙ୍କୁ ଶ୍ରଦ୍ଧାଞ୍ଜଳି ପରେ ରାହୁଲଙ୍କୁ ଭେଟିଲେ ମାଲେସିଆ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରବିବାର ନୂଆଦିଲ୍ଲୀରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମଙ୍କୁ ଭେଟିଛନ୍ତି। ଜଳଖିଆ ସମୟରେ ହୋଇଥିବା ଏହି ସାକ୍ଷାତ୍‌କାରରେ ଭାରତ-ମାଲେସିଆ ସମ୍ପର୍କ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଏହି ସାକ୍ଷାତ୍‌କାରରେ ଉପସ୍ଥିତ ଥିଲେ। ଅନୱାର ଇବ୍ରାହିମ ୨୦୨୬ ବ୍ରିକ୍ସ ଶିଖର ସମ୍ମିଳନୀରେ ମାଲେସିଆର ପ୍ରତିନିଧି ଭାବେ ଭାରତ



ଆସିଛନ୍ତି। ମାଲେସିଆ ବ୍ରିକ୍ସର ଏକ ସହଯୋଗୀ ଦେଶ ହେବା ସହ ଦକ୍ଷିଣ-ପୂର୍ବ ଏସିଆ ଦେଶ ସଂଘ (ଆସିଆନ୍) ମଧ୍ୟରେ ଭାରତର ଏକ ପ୍ରମୁଖ ସହଯୋଗୀ ରାଷ୍ଟ୍ର ଭାବେ ଗୁରୁତ୍ୱ ବହନ କରେ। ରାହୁଲ ଓ ପ୍ରିୟଙ୍କାଙ୍କ ସହ ଅନୱାରଙ୍କ ଜଳଖିଆ ବୈଠକର ଫଟୋ କଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଛି। ରାହୁଲ ଗାନ୍ଧୀଙ୍କ ସହ ଅନୱାରଙ୍କ ସାକ୍ଷାତ୍‌କାର ଏଭଳି ସମୟରେ ହୋଇଛି, ଯେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପ୍ରତି ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘଦିନର ସମ୍ମାନ ଓ ପ୍ରଶଂସା ପୁଣି ଚର୍ଚ୍ଚାକୁ ଆସିଛି। ୨୦୨୪ ଡିସେମ୍ବରରେ ମନମୋହନ ସିଂହଙ୍କ ଦେହାନ୍ତ ପରେ ଅନୱାର ତାଙ୍କୁ ଜଣେ 'ସମ୍ମାନିତ ଓ ପ୍ରିୟ ବନ୍ଧୁ' ଭାବେ ସ୍ମରଣ କରିଥିଲେ। ଭାରତର ଅର୍ଥନୈତିକ ପରିବର୍ତ୍ତନରେ ସିଂହଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ। ଭାରତକୁ ଏକ ପ୍ରମୁଖ ବିଶ୍ୱ ଅର୍ଥନୀତିରେ ପରିଣତ କରିବାରେ ସିଂହଙ୍କ ଅର୍ଥନୈତିକ ସଂସ୍କାରର ଗୁରୁତ୍ୱକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ୧୯୯୦ ଦଶକରେ ମାଲେସିଆର ଅର୍ଥମନ୍ତ୍ରୀ ଥିବା ଅନୱାର ମନମୋହନ ସିଂହଙ୍କ ଅର୍ଥନୈତିକ ସଂସ୍କାରକୁ ନିକଟରୁ ଅନୁସରଣ କରିଥିଲେ।

# ୧୫ ବିଶ୍ୱ ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ୧୫ ଜଣ ନେତାଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ୍, ଚୀନ ରାଷ୍ଟ୍ରପତି ଜିଙ୍ଗପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍, ଆବୁଧାବି ରାଜକୁମାର ମହମ୍ମଦ ବିନ୍ ଜାୟେଦ, ମିଶର ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସି, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ, ଇଣ୍ଡୋନେସିଆ ରାଷ୍ଟ୍ରପତି ସୁବିୟାନ୍ତୋ, ଫିଲିପାଇନ୍ସ ରାଷ୍ଟ୍ରପତି ମାର୍କସ, ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଆଲୁପୋ, କାଜକସ୍ତାନ ରାଷ୍ଟ୍ରପତି ଏବଂ ଇଥୋପିଆ ରାଷ୍ଟ୍ରପତି ପ୍ରମୁଖ।



ମିଶର ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସିଙ୍କ ସହ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଭାରତ ଓ ମିଶର ମଧ୍ୟରେ ଦୀର୍ଘଦିନରୁ ରହିଆସିଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଭାରତ ଓ ମିଶର ମଧ୍ୟରେ ୧୮ ଅଗଷ୍ଟ ୧୯୪୭ରୁ ରାଷ୍ଟ୍ରଦୂତସ୍ତରୀୟ କୂଟନୈତିକ ସମ୍ପର୍କ ରହିଛି। ମିଶର ୨୦୨୪ ଜାନୁଆରୀରେ ଇଥିଓପିଆ, ଇରାନ, ସାଉଦି ଆରବ ଓ ୟୁଏଇ ସହ ବ୍ରିକ୍ସର ପୂର୍ଣ୍ଣ ସଦସ୍ୟ ହୋଇଥିଲା। ୨୦୨୬ ବ୍ରିକ୍ସ ସମ୍ମିଳନୀରେ ଏଲ୍-ସିସି ଦୁଇଦିନିଆ ଅଧିବେଶନରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ମେ ମାସରେ ମିଶର ବୈଦେଶିକ ମନ୍ତ୍ରୀ ବଦର ଅବଦେଲାତ୍ତି ଭାରତ ଆସି ବ୍ରିକ୍ସ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେଇଥିଲେ। ଦୁଇ ଦିନ ଧରି ହୋଇଥିବା ବୈଠକରେ ୨୧ଟି ରାଷ୍ଟ୍ରର ନେତା ଯୋଗଦେଇଥିଲେ। ଏଥିରେ ବ୍ରିକ୍ସର ୧୧ ସଭ୍ୟ ରାଷ୍ଟ୍ର ନେତା ଥିବା ବେଳେ ୧୧ ଟି ପାର୍ଟନର ଦେଶର ନେତା ସାମିଲ ଥିଲେ। ରବିବାର ବ୍ରିକ୍ସ ଅଧିବେଶନରେ ମୋଦୀ କହିଛନ୍ତି ଯେ ବ୍ରିକ୍ସ ପ୍ରତି 'ଗ୍ଲୋବାଲ୍ ସାଉଥ୍' ଦେଶଗୁଡ଼ିକର ଆସ୍ଥା ବୃଦ୍ଧି ପାଇଛି। ବିପର୍ଯ୍ୟୟ ପରିଚାଳନା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ପରିବେଶ କ୍ଷେତ୍ରରେ ସହଯୋଗ ଉପରେ ଭାରତ ଗୁରୁତ୍ୱ ଦେଇଥିବା ସେ କହିଛନ୍ତି। ମୋଦୀ କହିଛନ୍ତି, ବ୍ରିକ୍ସ ସହଯୋଗ କେବଳ ସରକାରମାନଙ୍କ ମଧ୍ୟରେ ସୀମିତ ନ ରହି ଉଦ୍ୟୋଗୀ, କୃଷକ, ଗବେଷକ, ମହିଳା, ଯୁବବର୍ଗ ଓ ସାଧାରଣ ନାଗରିକଙ୍କୁ ମଧ୍ୟ ଏଥିରେ ସକ୍ରିୟ ଭାବେ ସାମିଲ କରିବା ଭାରତର ଲକ୍ଷ୍ୟ। ବ୍ରିକ୍ସର ଶକ୍ତି ଏହାର ବିବିଧତା ଓ ସହଯୋଗରେ ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

# ଭାଙ୍ଗିବ ମେଘାଳୟ ୟୁଡିପି

## ବିଜେପିକୁ ଯାଇପାରନ୍ତି ୮ ବିଧାୟକ



ଶିଲଂ,୧୨।୯ (ଏଜେନ୍ସି): ମେଘାଳୟରେ ବିଜେପିର ସହଯୋଗୀ ଦଳ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି)ରେ ବିଭାଜନ ଆଶଙ୍କା ସୃଷ୍ଟି ହୋଇଛି। ଦଳର ୧୨ ଜଣ ବିଧାୟକଙ୍କ ମଧ୍ୟରୁ ୮ ଜଣ ବିଜେପିରେ ଯୋଗଦେଇପାରନ୍ତି ବୋଲି ମେଘାଳୟର କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ସମ୍ପୃକ୍ତ ବିଧାୟକମାନଙ୍କ ପକ୍ଷରୁ ଏ ନେଇ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଘୋଷଣା ହୋଇନାହିଁ। ୟୁଡିପି ସଭାପତି ମେଟବାହ ଲିଙ୍ଗଡୋହ କହିଛନ୍ତି ଯେ ଦଳର ସମସ୍ତ ବିଧାୟକ ଏକଜୁଟ ଅଛନ୍ତି। ଶନିବାର ପୂର୍ବତନ ୟୁଡିପି ବିଧାୟକ ଜେମିନୋ ମାୱଥୋହ ବିଜେପିରେ ଯୋଗଦେବା ପରେ ଏହି ଚର୍ଚ୍ଚା ଜୋର ଧରିଛି। ମାୱଥୋହ ଚଳିତ ବର୍ଷ ମେ'ରେ ୟୁଡିପିରୁ ଇସ୍ତଫା ଦେଇଥିଲେ। ୬୦ ଆସନ ବିଶିଷ୍ଟ ମେଘାଳୟ ବିଧାନସଭାରେ ବର୍ତ୍ତମାନ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୩୩, ୟୁଡିପିର ୧୨ ଏବଂ ବିଜେପିର ୨ ଜଣ ବିଧାୟକ ଅଛନ୍ତି। ଏନ୍‌ପିପି ନେତୃତ୍ୱାଧୀନ ମେଘାଳୟ ଡେମୋକ୍ରାଟିକ୍ ଆଲାଏନ୍ସ (ଏମ୍‌ଡିଏ) ସରକାରରେ ଏନ୍‌ପିପି, ୟୁଡିପି ଓ ବିଜେପି ସହଯୋଗୀ ଭାବେ ରହିଛନ୍ତି। ଯଦି ୮ ଜଣ ୟୁଡିପି ବିଧାୟକ ବିଜେପିରେ ଯୋଗଦିଅନ୍ତି, ତେବେ ବିଜେପିର ବିଧାୟକ ସଂଖ୍ୟା ୨ରୁ ବଢ଼ି ୧୦ରେ ପହଞ୍ଚିବ। ଏହାଦ୍ୱାରା ଏନ୍‌ପିପି ପରେ ବିଜେପି ବିଧାନସଭାର ଦ୍ୱିତୀୟ ବୃହତ୍ତମ ଦଳ ହୋଇଯିବ। ରିପୋର୍ଟ ଅନୁସାରେ, ୟୁଡିପିର ତିନି ବିଧାୟକ-କ୍ୟାବିନେଟ୍ ମନ୍ତ୍ରୀ ଲାଖମେନ ରିମ୍ବୁଇ, ବଲାଜିଦ୍ କ୍ରିୟେମ ସିନ୍‌ରେମ ଓ ଓଲାନ ସିଂ ସୁଇନ-ଦଳୀୟ ବୈଠକରେ ପରବର୍ତ୍ତୀ ପଦକ୍ଷେପ ବିଜେପିର କିଛି ଦାବି ଗ୍ରହଣ ଉପରେ ନିର୍ଭର କରିବ ବୋଲି କହିଥିବା ଜଣାପଡ଼ିଛି। ତେବେ ସେମାନେ ୟୁଡିପି ନେତୃତ୍ୱ ସହ କୌଣସି ମତଭେଦ ନ ଥିବା ସ୍ପଷ୍ଟ କରିଥିବା ରିପୋର୍ଟରେ କୁହାଯାଇଛି। ସେମାନଙ୍କ କହିବା ଅନୁସାରେ, ଯଦି ଦଳବଦଳ ହୁଏ, ତେବେ ତାହା ନିଜ ନିଜ ନିର୍ବାଚନମଣ୍ଡଳୀ ଓ ରାଜ୍ୟର ସ୍ୱାର୍ଥ ପାଇଁ ହେବ। ବିଜେପିର ବିଧାୟକ ସଂଖ୍ୟା ବଢ଼ିଲେ ସରକାରରେ ଅଧିକ ମନ୍ତ୍ରୀ ପଦ ଦାବି କରାଯିବ ବୋଲି ବିଜେପିର ନେତାମାନେ କହିଛନ୍ତି।

# ଅକ୍ଟୋବରରେ ରୁଷ୍-ୟୁକ୍ରେନ-ଆମେରିକା ତ୍ରିପାକ୍ଷିକ ଆଲୋଚନା ସମ୍ଭାବନା

ମସ୍କୋ,୧୩।୯ (ଏଜେନ୍ସି): ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ରୁଷ୍, ୟୁକ୍ରେନ୍ ଓ ଆମେରିକା ମଧ୍ୟରେ ଅକ୍ଟୋବରରେ ତ୍ରିପାକ୍ଷିକ ଆଲୋଚନା ହୋଇପାରେ ବୋଲି କ୍ରେମଲିନ୍ ସୂଚନା ଦେଇଛି। କ୍ରେମଲିନ୍ ମୁଖପାତ୍ର ଦିମିତ୍ରି ପେସ୍କଭ୍ କହିଛନ୍ତି, ଏପରି ସମ୍ଭାବନାକୁ ଏବେ ଖାରଜ କରାଯାଇପାରିବ ନାହିଁ। ଏହି ସମୟରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ଡିସେମ୍ବରରେ ମିଆମିରେ ହେବାକୁ ଥିବା ଜି-୨୦ ସମ୍ମିଳନୀରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଆଲୋଚନା ପାଇଁ ସେ ପ୍ରସ୍ତୁତ ବୋଲି କହିଛନ୍ତି। ତେବେ ପେସ୍କଭ୍ ପରେ ଏପରି ସାକ୍ଷାତକୁ 'ଅସମ୍ଭବ' ବୋଲି କହିଥିବାବେଳେ, ମସ୍କୋରେ ହିଁ ଆଲୋଚନା ହେବା ଉଚିତ ବୋଲି ରୁଷ୍‌ର ଦାବି ରହିଛି।

# ୯/୧୧ ପୂର୍ବରୁ ଲାଦେନ ଟାର୍ଗେଟ୍‌ରେ ଥିଲା ଭାରତ!

ୱାଶିଂଟନ୍,୧୩।୯ (ଏଜେନ୍ସି): ଅଲ୍‌କାଏଦାର ପୂର୍ବତନ ମୁଖ୍ୟ ଓସାମା ବିନ୍ ଲାଦେନ୍ ଆମେରିକା ସହିତ ଭାରତକୁ ମଧ୍ୟ ଆକ୍ରମଣ ପାଇଁ ବିଚାର କରିଥିବା ଆମେରିକାର ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ପକ୍ଷରୁ ପ୍ରକାଶିତ ଦସ୍ତାବିଜରୁ ଜଣାପଡ଼ିଛି। ୨୦୦୧ ମସିହାର ୯/୧୧ ଆତଙ୍କବାଦୀ ଆକ୍ରମଣର ୨୫ତମ ବାର୍ଷିକୀ ପୂର୍ବରୁ ସିଆଇଏ ୭୦ରୁ ଅଧିକ ରାଷ୍ଟ୍ରପତିଙ୍କ ଗୁପ୍ତଚର ସୂଚନା ରିପୋର୍ଟ ପ୍ରକାଶ କରିଛି। ଏଥିରେ ୧୯୯୮ ଅଗଷ୍ଟ ୨୮ର ଏକ ରିପୋର୍ଟରେ ବିନ୍ ଲାଦେନ୍ ଭାରତ ସମେତ ଏକାଧିକ ଦେଶରେ ଆକ୍ରମଣ କରିବାକୁ ଚାହୁଁଥିବା ଉଲ୍ଲେଖ ରହିଛି। ରିପୋର୍ଟରେ ଭାରତ ବ୍ୟତୀତ ପାକିସ୍ତାନ, ଇଜିପ୍ଟ, କୁଏତ, ସାଉଦି ଆରବ, ୟେମେନ୍, ଉଗାଣ୍ଡା ଏବଂ ସମ୍ଭାବ୍ୟ ଭାବେ ନାଇଜେରିଆର ନାମ ରହିଛି। ତେବେ ଦସ୍ତାବିଜର କିଛି ଅଂଶ ଗୋପନୀୟ ରଖାଯାଇଛି।



ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଦସ୍ତାବିଜରେ ଭାରତର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ଟାର୍ଗେଟ୍, ଆକ୍ରମଣର ତାରିଖ କିମ୍ବା ଆକ୍ରମଣର ବିସ୍ତୃତ ଯୋଜନା ସମ୍ପର୍କରେ ତଥ୍ୟ ନାହିଁ। ଗୁପ୍ତଚର ସୂଚନାର ଉତ୍ସ ମଧ୍ୟ ଗୋପନ ରଖାଯାଇଛି। ସିଆଇଏର ପ୍ରକାଶିତ ଦସ୍ତାବିଜଗୁଡ଼ିକରୁ ୧୯୯୮ରୁ ୨୦୦୧ ମଧ୍ୟରେ ଆମେରିକାର ରାଷ୍ଟ୍ରପତିମାନଙ୍କୁ ଅଲ୍‌କାଏଦା ଓ ବିନ୍ ଲାଦେନଙ୍କ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ବାରମ୍ବାର ସତର୍କ କରାଯାଇଥିବା ଜଣାପଡ଼ିଛି। ୨୦୦୧ ସେପ୍ଟେମ୍ବର ୧୧ରେ ଅଲ୍‌କାଏଦାର ୧୯ ଜଣ ଆତଙ୍କବାଦୀ ୪ଟି ଯାତ୍ରୀବାହୀ ବିମାନ ଅପହରଣ କରିଥିଲେ। ଏଥିରୁ ଦୁଇଟି ବିମାନ ନ୍ୟୁୟର୍କର ୱାର୍ଲ୍ଡ ଟ୍ରେଡ୍ ସେଣ୍ଟରର ଟ୍ୱିନ୍ ଟାୱାରରେ ଧକ୍କା ଦେଇଥିଲା। ତୃତୀୟ ବିମାନ ପେଣ୍ଟାଗନ୍‌ରେ ଏବଂ ଚତୁର୍ଥ ବିମାନ ପେନ୍‌ସିଲଭାନିଆର ଏକ କ୍ଷେତରେ ଖସିପଡ଼ିଥିଲା।

# ଜାଭା ସାଗରରେ ଜାହାଜ ନିଖୋଜ; ୧୦୨ ଉଦ୍ଧାର

ଜାକର୍ତ୍ତା, ୧୩।୯ (ଏଜେନ୍ସି): ଇଣ୍ଡୋନେସିଆର ଜାଭା ସାଗରରେ ୨୪୩ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା 'ଭିର୍ଗ ଟ୍ରାନ୍ସପୋର୍ଟ ୮' ନାମକ ଯାତ୍ରୀବାହୀ ଜାହାଜ ନିଖୋଜ ହୋଇଯାଇଛି। ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଉଦ୍ଧାର ଓ ସନ୍ଧାନ ଅଭିଯାନ ଆରମ୍ଭ ହୋଇଛି। ଉଦ୍ଧାରକାରୀ ସଂସ୍ଥା ଅନୁସାରେ, ବିଭିନ୍ନ ଜାହାଜ ସହାୟତାରେ ୧୦୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପରେ ଜଣଙ୍କ ମୃତ୍ୟୁ ହୋଇଛି। ଏବେ ନିଖୋଜ ଥିବା ଅନ୍ୟ ୧୪୦ ଜଣଙ୍କୁ ଖୋଜିବା ପାଇଁ ଅଭିଯାନ ଜାରି ରହିଛି। ଜାହାଜଟି ପୂର୍ବ ଜାଭାର ସୁରାବାୟାରୁ ବୋର୍ନିଓ ଦ୍ୱୀପର ବାଞ୍ଜାରମାସିନ୍ ଅଭିମୁଖେ ଯାଉଥିଲା। ଯାତ୍ରା ସମୟରେ ଜାହାଜର ଯୋଗାଯୋଗ ବ୍ୟବସ୍ଥାରେ ସମସ୍ୟା ହେବା ପରେ ଏହା ସହ ପୁଣି ଯୋଗାଯୋଗ ସମ୍ଭବ ହୋଇନଥିଲା। ଶେଷଥର ପାଇଁ ବାଞ୍ଜାରମାସିନ୍‌ଠାରୁ ପ୍ରାୟ ୧୪୮ କିମି ଦୂର ଜାଭା ସାଗରରେ ଜାହାଜର ଅବସ୍ଥିତି ଚିହ୍ନଟ ହୋଇଥିଲା। ନିଖୋଜ ଯାତ୍ରୀଙ୍କ ସନ୍ଧାନ ପାଇଁ ଏକାଧିକ ଜାହାଜ ସହ ହେଲିକପ୍ଟର ମୁତୟନ କରାଯାଇଛି। ଇଣ୍ଡୋନେସିଆରେ ପୂର୍ବରୁ ମଧ୍ୟ ବଡ଼ ଧରଣର ନୌଦୁର୍ଘଟଣା ଘଟିଛି। ଖରାପ ପାଗ, ଉଚ୍ଚ ଲହରୀ, ଅତ୍ୟଧିକ ଯାତ୍ରୀ, ଅପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଓ ନିୟମ ପାଳନରେ ଅବହେଳା ଭଳି କାରଣ ବିଭିନ୍ନ ପୂର୍ବ ଦୁର୍ଘଟଣାର ତଦନ୍ତରେ ସାମ୍ନାକୁ ଆସିଥିଲା। ଉଲ୍ଲେଖଯୋଗ୍ୟ, ଇଣ୍ଡୋନେସିଆ ଭଳି ଫିଲିପାଇନ୍ସ ମଧ୍ୟ ଦ୍ୱୀପପୁଞ୍ଜ ରାଷ୍ଟ୍ର ହୋଇଥିବାରୁ ଯାତ୍ରୀବାହୀ ଜାହାଜ ଉପରେ ଅଧିକ ନିର୍ଭରଶୀଳ।

# ଛାତ୍ରୀ ଗର୍ଭବତୀ ଘଟଣା: ୩ ସ୍କୁଲ୍ କର୍ମଚାରୀ ନିଲମ୍ବିତ

ଅମରାବତୀ,୧୩।୯ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ପୋଲାଭରମ ଜିଲ୍ଲାର ଏକ ସରକାରୀ ଆଦିବାସୀ କଲ୍ୟାଣ ଆଶ୍ରମ ବାଳିକା ବିଦ୍ୟାଳୟର ୯ମ ଶ୍ରେଣୀର ୧୫ ବର୍ଷୀୟା ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିବା ପରେ ବିଦ୍ୟାଳୟର ୩ ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେପ୍ଟେମ୍ବର ୧୦ରେ ଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷାରୁ ଗର୍ଭଧାରଣ ସ୍ପଷ୍ଟ ହୋଇଥିବା ଅଧିକାରୀମାନେ କହିଛନ୍ତି। ଅସୁସ୍ଥତା ପରେ ତାଙ୍କୁ କାକିନାଡାର ଏକ ହସ୍ପିଟାଲକୁ ନିଆଯାଇଥିଲା। ଘଟଣା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଲିସରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ବିଦ୍ୟାଳୟରେ ଆଉଟସୋର୍ସିଂ ମାଧ୍ୟମରେ ରୋଷେୟା ଭାବେ କାମ କରୁଥିବା କେ ମଙ୍ଗରାଜୁ ତାଙ୍କୁ ୩ ଥର ଯୌନ ନିର୍ଯାତନା ଦେଇଥିବା ଛାତ୍ରୀ ଜଣକ କହିଛନ୍ତି। ପୁଲିସ ପୋକ୍‌ସୋ ଆଇନ ସମେତ ଅନ୍ୟ ଧାରାରେ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଶୃଙ୍ଖଳାଗତ ପଦକ୍ଷେପ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଡି ଶାନ୍ତିମତୀ, ହଷ୍ଟେଲ କଲ୍ୟାଣ ଅଧିକାରୀ ପି ବିଜୟକାନ୍ତମ ଏବଂ ୯ମ 'ଏ' ଶ୍ରେଣୀ ଦାୟିତ୍ୱରେ ଥିବା କେ ଲୋଭାମ୍ମାଙ୍କୁ ନିଲମ୍ବନ କରାଯାଇଛି। ଆଦିବାସୀ କଲ୍ୟାଣ ବିଭାଗର ଅଧିକାରୀ ଏମ୍ ରୁକ୍ମଣ୍ଡୟା କହିଛନ୍ତି ଯେ ନିରପେକ୍ଷ ତଦନ୍ତ ପାଇଁ ଏହି ନିଲମ୍ବନ କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଆଶ୍ରମ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା, ତଦାରଖ ଓ ନିରୀକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ହିମାଳୟ ପାଇଁ ବିପଦ ଆଣୁଛି ହ୍ରଦ, ହିମସ୍ଖଳନ, ବନ୍ୟା

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଯୋଗୁଁ ହିମାଳୟର ହିମନଦ ଅର୍ଥାତ ଗ୍ଲେସିଅରଗୁଡିକ ଦ୍ରୁତ ଭାବେ ତରଳୁଛି, ହିମନଦୀୟ ହ୍ରଦ ବଢୁଛି ଏବଂ ଭୂସ୍ଖଳନ, ହିମସ୍ଖଳନ ଓ ବନ୍ୟା ଭଳି ବିପଦ ବଢୁଛି। ଏଭଳି ସମୟରେ ଭାରତର ଗୁରୁତ୍ୱପୂର୍ଣ୍ଣ ହିମନଦ ଓ ହିମସ୍ଖଳନ ଗବେଷଣା ସଂସ୍ଥାଗୁଡ଼ିକ ବନ୍ଦ କିମ୍ବା ମିଶ୍ରଣ କରାଯିବାକୁ ନେଇ ବୈଜ୍ଞାନିକ ମହଲରେ ଚିନ୍ତା ପ୍ରକାଶ ପାଇଛି। ପୃଥିବୀର 'ତୃତୀୟ ଧ୍ରୁବ' ଭାବେ ପରିଚିତ ହିମାଳୟ ଏସିଆର ଅନେକ ପ୍ରମୁଖ ନଦୀର ଉତ୍ସ। କୋଟି କୋଟି ଲୋକଙ୍କ ଜୀବନ ଓ ଜଳ ନିରାପତ୍ତା ହିମାଳୟର ବରଫ ଓ ହିମ ଉପରେ ନିର୍ଭରଶୀଳ। ମାତ୍ର ତାପମାତ୍ରା ବୃଦ୍ଧି ସହ ଏହି ଅଞ୍ଚଳରେ ବରଫପାତର ଧାରା ବଦଳୁଥିବାରୁ ହିମନଦ ସଙ୍କୁଚିତ ହେଉଛି। ଭାରତୀୟ ଅନ୍ତରିକ୍ଷ ଗବେଷଣା ସଂସ୍ଥାର ତଥ୍ୟ ଅନୁସାରେ, ୧୯୮୪ ପରଠାରୁ ଦେଶର ହିମାଳୟ ଅଞ୍ଚଳରେ ଅନେକ ହିମନଦୀୟ ହ୍ରଦର ଆକାର ବଢ଼ିଛି। ୨୦୧୬-୧୭ରେ ଚିହ୍ନଟ ୨,୪୩୧ଟି ବଡ଼ ହିମନଦୀୟ ହ୍ରଦ ମଧ୍ୟରୁ ୬୭୬ଟି ଉଲ୍ଲେଖନୀୟ ଭାବେ ବିସ୍ତାରିତ ହୋଇଛି। ସେଥିରୁ ୧୩୦ଟି ଭାରତରେ ରହିଛି। ଏହି ୬୭୬ଟି ହ୍ରଦ ମଧ୍ୟରୁ ୬୦୧ଟିର ଆକାର ଗତ ଚାରି ଦଶନ୍ଧିରେ ଦୁଇଗୁଣରୁ ଅଧିକ ହୋଇଛି। ହିମନଦୀୟ ହ୍ରଦର ପ୍ରାକୃତିକ ବନ୍ଧ ଭାଙ୍ଗିଗଲେ ହଠାତ୍ ବିପୁଳ ଜଳରାଶି ତଳକୁ ଆସି 'ଗ୍ଲେସିଆଲ ଲେକ୍ ଆଉଟବର୍ଷ୍ଟ



ଫ୍ଲଡ୍' ବା ଜିଏଲଓଏଫ୍ ସୃଷ୍ଟି ହୋଇପାରେ। ୨୦୨୧ର ଚମୋଲି ବିପର୍ଯ୍ୟୟ, ୨୦୨୩ର ସିକ୍କିମ ଦକ୍ଷିଣ ଲୋହନାକ୍ ହ୍ରଦ ବିପର୍ଯ୍ୟୟ ଓ ସମ୍ପ୍ରତି ନେପାଳର ଭୟାବହ ହିମନଦ ସମ୍ପର୍କିତ ବିପର୍ଯ୍ୟୟ ଏହି ବିପଦର ଗମ୍ଭୀରତା ଦର୍ଶାଇଛି। ଏପରି ପରିସ୍ଥିତିରେ ୨୦୦୯ରେ ସ୍ଥାପିତ ଭାରତର ଏକମାତ୍ର ଗ୍ଲେସିଓଲୋଜି କେନ୍ଦ୍ରକୁ ୨୦୨୦ରେ ବନ୍ଦ କରି ୱାଡିଆ ଇନଷ୍ଟିଚ୍ୟୁଟ୍‌ରେ ମିଶାଇ ଦିଆଯାଇଥିଲା। ସେହିପରି ମନାଲିସ୍ଥିତ ସ୍ନୋ ଆଣ୍ଡ ଆଭାଲାଞ୍ଚ ଷ୍ଟଡି ଏଷ୍ଟାବ୍ଲିସମେଣ୍ଟକୁ ମଧ୍ୟ ୨୦୨୦ରେ ଡିଆରଡିଓ ଅନ୍ୟ ଏକ ସଂସ୍ଥା ସହ ମିଶାଇଥିଲା। ବୈଜ୍ଞାନିକମାନଙ୍କ ମତରେ, ହିମାଳୟରେ ବିପଦ ବଢୁଥିବା ବେଳେ ସ୍ୱତନ୍ତ୍ର ଗବେଷଣା କ୍ଷମତା ହ୍ରାସ କରିବା ପରିବର୍ତ୍ତେ ଏହାକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ। ବରିଷ୍ଠ ହିମନଦ ବିଜ୍ଞାନୀ ଡି.ପି. ଧୋବାଲଙ୍କ ମତରେ, ହିମନଦ ବିଜ୍ଞାନ ପାଇଁ ଜାତୀୟସ୍ତରର ଏକ ସ୍ୱତନ୍ତ୍ର କେନ୍ଦ୍ର ଆବଶ୍ୟକ। ହିମନଦ, ଜଳବାୟୁ, ଭୂବିଜ୍ଞାନ, ଜଳବିଜ୍ଞାନ, ଭୂକମ୍ପ ବିଜ୍ଞାନ ଓ ଉପଗ୍ରହ ତଥ୍ୟ ଭଳି ବିଭିନ୍ନ କ୍ଷେତ୍ରର ସମନ୍ୱିତ ଗବେଷଣା ମାଧ୍ୟମରେ ହିଁ ହିମାଳୟର ବଦଳୁଥିବା ସ୍ଥିତିକୁ ବୁଝିହେବ। ବୈଜ୍ଞାନିକମାନେ ଭାରତ, ନେପାଳ, ଭୁଟାନ ଓ ଅନ୍ୟ ହିମାଳୟୀ ଦେଶଗୁଡ଼ିକ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ଓ ମିଳିତ ଗବେଷଣା ବଢ଼ାଇବାକୁ ମଧ୍ୟ ମତ ଦେଇଛନ୍ତି। ହିମାଳୟର ବରଫ ଓ ହିମରୁ ଉତ୍ପନ୍ନ ଜଳ ଉପରେ ଅର୍ବୁଦ ଲୋକ ନିର୍ଭର କରୁଥିବା ବେଳେ, ଦ୍ରୁତ ପରିବର୍ତ୍ତିତ ହେଉଥିବା ଏହି ପରିବେଶ ଏବେ ସେମାନଙ୍କ ପାଇଁ ବିପଦର କାରଣ ମଧ୍ୟ ହେଉଛି। ତେଣୁ ଆଗାମୀ ବିପର୍ଯ୍ୟୟ ପୂର୍ବରୁ ହିମାଳୟକୁ ବୁଝିବା ପାଇଁ ବୈଜ୍ଞାନିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବେ ଅତ୍ୟନ୍ତ ଜରୁରୀ।

ସକାଳ THE SAKALA
ସୋମବାର ୧୪ ସେପ୍ଟେମ୍ବର, ୨୦୨୬



ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ସଦସ୍ୟଙ୍କ ମଧ୍ୟରେ ଛକାପଞ୍ଝା ଜାରି

# ଅନିଶ୍ଚିତତାରେ ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର,୧୩।୯(ସମିସ): ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବାର ୨ ବର୍ଷ ପରେ ମଧ୍ୟ ନିର୍ବାଚନ କରାଇବାରେ ଅସମର୍ଥ ହୋଇଛି। ବିଭିନ୍ନ ଛାତ୍ର ସଂଗଠନ ନିର୍ବାଚନ ଦାବିରେ ଆନ୍ଦୋଳନ ଡାକରା ଦେଉଥିବାବେଳେ ଚଳିତ ବର୍ଷ ମଧ୍ୟ ନିର୍ବାଚନ ହେବ ନା ନାହିଁ, ସେନେଇ ସରକାର କୌଣସି ସ୍ପଷ୍ଟିକରଣ ରଖୁନାହାନ୍ତି। ଏପରି ସ୍ଥିତିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓ ବିଜେପି ଯୁବମୋର୍ଚ୍ଚା ସଦସ୍ୟଙ୍କ ମଧ୍ୟରେ ଛକାପଞ୍ଝା ସରକାରୀ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ବିଜେବି ଓ ରାଜଧାନୀ କଲେଜରେ ପରସ୍ପର ମଧ୍ୟରେ ହାତାହାତି ହୋଇ ମାମଲା ଥାନା ପର୍ଯ୍ୟନ୍ତ ପହଞ୍ଚିଥିବାବେଳେ ସାରା ରାଜ୍ୟରେ ସମାନ ସ୍ଥିତି ଲାଗି ରହିଛି।

ରାଜ୍ୟର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରେ ଉଭୟ ସଂଗଠନ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ହଷ୍ଟେଲ୍ ଆବଣ୍ଟନ ଓ ବିକ୍ରି ଘଟଣାରେ ହାତାହାତି ହେବା ସହ ବନ୍ଧୁକ ମୁନରେ ଧମକାଉଥିବା ଏବିଭିପି ଥାନାରେ ଅଭିଯୋଗ କରିଛି। ଏପରିକି ବିଜେପି ଯୁବମୋର୍ଚ୍ଚାର ଜଣେ ସମ୍ପାଦକଙ୍କ ନାମରେ ଏତଲା ମଧ୍ୟ ଦେଇଛି। ଅନୁରୂପ ଭାବେ ଯୁବମୋର୍ଚ୍ଚା ସଦସ୍ୟମାନେ ମଧ୍ୟ ଏବିଭିପି ସଦସ୍ୟଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ କରୁଛନ୍ତି। ରାଜଧାନୀରେ ଆଉ ଏକ ପ୍ରତିଷ୍ଠିତ ବିଜେବି କଲେଜରେ ମଧ୍ୟ ସମାନ ପରିସ୍ଥିତି। ଏବିଭିପି ଓ ଯୁବମୋର୍ଚ୍ଚା ମଧ୍ୟରେ ଗଣ୍ଡଗୋଳ କାରଣରୁ 'ବିଜେବି ଷ୍ଟୁଡେଣ୍ଟ ଭଏସ୍' ନାମରେ ସଂଗଠନ ସଜାଡ଼ିବାକୁ ପ୍ରୟାସ ହେଉଛି। ଏବିଭିପି ବ୍ୟାନରରେ କୌଣସି କାର୍ଯ୍ୟକ୍ରମ ନ କରିବା ପାଇଁ ଏକପ୍ରକାର ବୁଝାମଣା ହେବା ପରେ ପରିସ୍ଥିତି ସାମାନ୍ୟ ସୁଧୁରିଛି। ସେହିପରି ରାଜଧାନୀ କଲେଜରେ ମଧ୍ୟ ଛକାପଞ୍ଝା ଲାଗି ରହିଛି। ବିଧାୟକଙ୍କ ଜଣେ ଖାସ୍ ଅନୁଗତ ସଂଗଠନ କରୁଥିବାବେଳେ ଏବିଭିପି ଏହାକୁ ବିରୋଧ କରୁଛି। ଏପରିକି ଏବିଭିପିର ହେଲ୍ପଡେସ୍କ ପୋଡ଼ିବା ଘଟଣାରେ ଯୁବମୋର୍ଚ୍ଚା ସଦସ୍ୟଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନ ରହିଥିବା ଅଭିଯୋଗ ହୋଇଛି। ଶାସକ ଦଳର ସମର୍ଥକ ଥିବା ଏହି ଦୁଇ ଗୋଷ୍ଠୀଙ୍କ ଭିତରେ ଟଣାଓଟରା ସରକାରଙ୍କ ପାଇଁ ଅଡୁଆ ବଢ଼ାଇଛି। ଛାତ୍ରସଂସଦ ନିର୍ବାଚନ ହେଲେ ଗୋଡ଼ ଟଣାଟଣି ମଧ୍ୟରେ ପରାଜୟ ବରଣ କରିବାର ଆଶଙ୍କା ଘାରୁଛି। ଏଣୁ ସରକାର ବିଭିନ୍ନ ଆଳ କରି କିମ୍ବା କୌଣସି ପ୍ରତିକ୍ରିୟା ନ ରଖି ନିର୍ବାଚନ ଟାଳିବାକୁ ଉଚିତ୍ ମଣୁଥିବା ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ପ୍ରଥମ ବର୍ଷ ବିଭିନ୍ନ ମନ୍ତ୍ରୀ ଓ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ପାଇଁ ପ୍ରତିଶ୍ରୁତି ଦେଇ ନକରିବାରୁ ଛାତ୍ର ଆନ୍ଦୋଳନ ତେଜିଥିଲା। ଏହାର ପରବର୍ଷ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ନରଖି କେବଳ ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନିଆଯିବ କହି ଉଚ୍ଚଶିକ୍ଷା ମନ୍ତ୍ରୀ ନିର୍ବାଚନ କଥାକୁ ଏଡ଼ାଇ ଯାଇଥିଲେ। ଏହା ଅତ୍ୟନ୍ତ ଫଳପ୍ରଦ ହୋଇଥିଲା ବୋଲି ଆଲୋଚନା ହେବା ସହ ଚଳିତ ବର୍ଷ ମଧ୍ୟ ଏହି ଫର୍ମୁଲାରେ ନିର୍ବାଚନ ଏଡ଼ାଇବାକୁ ସରକାର ଯୋଜନା କରୁଥିବା ଅଭିଯୋଗ ହୋଇଛି।

- ହାରିବା ଭୟରୁ ନିର୍ବାଚନ ଟାଳିବାକୁ ପ୍ରୟାସ: ଛାତ୍ର କଂଗ୍ରେସ
- ତୁରନ୍ତ ତାରିଖ ଘୋଷଣା ନହେଲେ ଆନ୍ଦୋଳନ: ଏବିଭିପି
- ଶିକ୍ଷା ବିରୋଧି ନୀତି ପ୍ରତିବାଦରେ ୨୫ ରେ ଆନ୍ଦୋଳନ: ଏଆଇଏସ୍ଏଫ୍

ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଏବିଭିପି, ବିସିଜେଡ଼ି, ଛାତ୍ର କଂଗ୍ରେସ, ଏଆଇଏସ୍ଏଫ୍ ଓ ଏଆଇଡିଏସ୍ଓ ବାରମ୍ବାର ଦାବି କରୁଛନ୍ତି। ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ସରକାରଙ୍କୁ ନିର୍ବାଚନ ହାରିବାର ଭୟ ଥିବାରୁ ନିର୍ବାଚନ ଟାଳିବାକୁ ଶ୍ରେୟସ୍କର ମଣୁଛନ୍ତି। ଏହାର ପ୍ରତିବାଦରେ ଓ ନିର୍ବାଚନ ଦାବିରେ ପ୍ରତିଟି ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସଚେତନ କରି ବ୍ୟାପକ ଆନ୍ଦୋଳନ କରାଯିବ। ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଯବାବ ମାଗିବା ପାଇଁ ସେମାନେ ପ୍ରସ୍ତୁତି ସାରିଥିବା ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ ନିର୍ବାଚନ ନ କରି ସରକାର ନେତୃତ୍ୱର ଭ୍ରୂଣହତ୍ୟା କରୁଛନ୍ତି। ଆଗକୁ ନେତୃତ୍ୱ ସଂକଟ ଦେଖାଯିବା ସହ ପିଲାଙ୍କ ସ୍ୱରକୁ ସବୁଦିନ ପାଇଁ ଚାପି ଦେବାକୁ ଉଦ୍ୟମ କରାଯାଉଛି। ସମସ୍ତ ଛାତ୍ର ଓ ଶିକ୍ଷା ବିରୋଧୀ ନୀତି ପ୍ରତିବାଦରେ ଆସନ୍ତା ୨୫ ରେ ଭୁବନେଶ୍ୱର ଚାଲ ଡ଼ାକରା ଦିଆଯାଇଛି। ଏହାପରେ ସମସ୍ତ ଶିକ୍ଷାନୁଷ୍ଠାନରେ ବ୍ୟାପକ ଆନ୍ଦୋଳନ କରାଯିବ। ଏବିଭିପିର ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ଦାବିରେ ସେମାନେ ପ୍ରତି କ୍ୟାମ୍ପସରୁ କୁଳପତି ଓ ଅଧ୍ୟକ୍ଷଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି। ସରକାର ତୁରନ୍ତ ନିର୍ବାଚନ ତାରିଖ ଘୋଷଣା କରିବା ସହ ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ଉଚ୍ଚ ସ୍ତରୀୟ କମିଟି ଗଠନ କରନ୍ତୁ। ଅନ୍ୟଥା ବିଦ୍ୟାର୍ଥୀ ପରିଷଦ ଆନ୍ଦୋଳନକୁ ଓହ୍ଲାଇବ।

---

■ ବାଗଡିହା ଛକରେ ଅଭାବନୀୟ ଘଟଣା

## ସାମାନ୍ୟ କଥାରେ ସ୍ତ୍ରୀର ବେକ କାଟିଦେଲା ସ୍ୱାମୀ

ବାରିପଦା,୧୩।୯(ସମିସ): ବାରିପଦା ଟାଉନ ଥାନା ଅଧୀନ ବାଗଡିହା ଛକ ନିକଟରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ନିଜ ସ୍ତ୍ରୀର ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ସ୍ଥାନୀୟ ଲୋକେ ମହିଳାକୁ ଉଦ୍ଧାର କରି ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ଶୂଳିଆପଦା ଥାନା ଅନ୍ତର୍ଗତ ଗଉଡୁଣୀଡୁବା ଗ୍ରାମର ଅଭିଯୁକ୍ତ କଟିଆ ନାୟକ(୪୫)ଙ୍କ ଦ୍ୱିତୀୟ ସ୍ତ୍ରୀ ସୁକାନ୍ତି। ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ସହିତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ତଦନ୍ତ କରୁଛି।

ସୂଚନା ମୁତାବକ, କଟିଆ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସୁକାନ୍ତି ଉଭୟ ମିସ୍ତ୍ରୀ ଓ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ବାଗଡିହା ଛକ ନିକଟରେ ଓହ୍ଲାଇ ଯୁକ୍ତିତର୍କ ହୋଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ରୂପ ନେବାରୁ କଟିଆ ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ସୁକାନ୍ତିଙ୍କ ବେକକୁ କାଟି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁକାନ୍ତି ପ୍ରାଣ ବିକଳରେ ଚିତ୍କାର କରି ସ୍ଥାନୀୟ ଲୋକଙ୍କ ନିକଟକୁ ଦୌଡ଼ି ଆସି ଜୀବନ ବଞ୍ଚାଇବାକୁ ନେହୁରା

### ସ୍ତ୍ରୀ ମୃତ, ସ୍ୱାମୀ ଗିରଫ

ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀ ତୁରନ୍ତ ତାଙ୍କ ବେକରେ ଚାଦର ବାନ୍ଧି ରକ୍ତସ୍ରାବ ରୋକିବା ସହ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ତଦନ୍ତ ପୂର୍ବକ ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ସ୍ୱାମୀ କଟିଆକୁ ଗିରଫ କରିଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

## ବଡ଼ ମାଆକୁ ଠେଙ୍ଗାରେ ପିଟି ହତ୍ୟାକଲା ପୁତୁରା

ମୋରଡା,୧୩।୯(ସମିସ): ମୋରଡା ଥାନା ଅଧୀନ ବରକନ୍ଦ ପଞ୍ଚାୟତର ଟିଆଁସି ଲୋଧା ସାହି ଗ୍ରାମରେ ଖଣ୍ଡେ ପାନ ପାଇଁ ନିଜ ବଡ ମାଆକୁ ଠେଙ୍ଗାରେ ପିଟିପିଟି ଗୁରୁବାର ହତ୍ୟା କରିଛି ପୁତୁରା। ଟିଆଁସି ଗ୍ରାମର ଅନ୍ତ ନାଏକଙ୍କୁ ତାଙ୍କ ପୁତୁରା ଧୀରେନ ନାଏକ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଆସି ପାନ ମାଗି ଖାଇଥାଏ। ଯଦି ସେ ପାନ ଦେବାକୁ ମନା କରନ୍ତି ତେବେ ହତ୍ୟାକାରୀ ଧୀରେନ ଗାଳିଗୁଲଜ କରିବା ସହ ଧମକ ଦେଇଥାଏ। ଗୁରୁବାର ସନ୍ଧ୍ୟାରେ ଧୀରେନ ଅନ୍ତଙ୍କ ଘରକୁ ଯାଇ ପାନ ମାଗିବାରୁ ଅନ୍ତ ଦେବାକୁ ସିଧାସଳଖ ମନା କରିଦେଇଥିଲେ। ଫଳରେ ଧୀରେନ ପାଟିତୁଣ୍ଡ କରିବା ସହ ରାଗରେ ଉତ୍ତେଜିତ ହୋଇ ଏକ ଠେଙ୍ଗାରେ ଅନ୍ତଙ୍କୁ ମାଡ଼ ମାରିବାକୁ ଲାଗିଲା। ସେ ସମୟରେ ଅନ୍ତ ନାଏକଙ୍କ ପତ୍ନୀ ବିଳାସୀ ନାଏକ (୫୭) ହସ୍ତକ୍ଷେପ କରିବାରୁ ଧୀରେନ ଠେଙ୍ଗାରେ ବିଳାସୀଙ୍କୁ ପିଟିପିଟି ମୁଣ୍ଡ ଫଟାଇ ଦରମରା ଅବସ୍ଥାରେ ଛାଡ଼ି ପଳାଇଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦୁହିଁଙ୍କୁ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳାସୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ତଙ୍କ ହାତ ଭାଙ୍ଗିଯାଇଛି। ସାଇଣ୍ଟିଫିକ ଟିମ ଓ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ କରାଯାଇଛି। ତେବେ ହତ୍ୟାକାରୀ ଧୀରେନ ଏବେବି ଫେରାର ଥିବାବେଳେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାପଡିଛି।

## ଉଦ୍ଧାର ଓରାଙ୍ଗଉଟାନଙ୍କ ପାଇଁ ବୈଷୟିକ କମିଟି

ଭୁବନେଶ୍ୱର,୧୩।୯(ସମିସ): ବାଲେଶ୍ୱର ଜଙ୍ଗଲରୁ ଉଦ୍ଧାର ହୋଇ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରଖାଯାଇଥିବା ୫ଟି ଓରାଙ୍ଗଉଟାଙ୍କ ଯତ୍ନ ଓ ରକ୍ଷଣାବେକ୍ଷଣ ପାଇଁ ଏକ ୫ ଜଣିଆ ବିଶେଷଜ୍ଞ କମିଟି ଗଠନ ହୋଇଛି। ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ଏହି ବୈଷୟିକ କମିଟି ଗଠନ କରାଯାଇଥିବା ବେଳେ ବନ୍ୟପ୍ରାଣୀ ଆଇନ, ୧୯୭୨ ଅନୁଯାୟୀ ଏହି କମିଟି ଉଦ୍ଧାର ପ୍ରାଣୀମାନଙ୍କର ଉପଯୁକ୍ତ ଯତ୍ନ ସୁନିଶ୍ଚିତ କରିବା ସହ ଆବଶ୍ୟକ ବୈଷୟିକ ପରାମର୍ଶ ଦେବ ବୋଲି ନିଷ୍ପତ୍ତି ହୋଇଛି। ୫ ସଦସ୍ୟଙ୍କୁ ନେଇ ଗଠିତ କମିଟିରେ ମହୀଶୂର ସ୍ଥିତ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ଭେଟେରିନାରୀ ଅଫିସର, ଡ଼େରାଡୁନ୍ ସ୍ଥିତ ୱାଇଲ୍ଡଲାଇଫ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପ୍ରତିନିଧି, ଭୁବନେଶ୍ୱର ଓୟୁଏଟି ସ୍ଥିତ ସେଣ୍ଟର ଫର୍ ୱାଇଲ୍ଡଲାଇଫ ହେଲ୍ଥର ପ୍ରୋଜେକ୍ଟ କୋଅର୍ଡିନେଟର, ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ ଜୁଲୋଜିକାଲ ପାର୍କର ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ଜଣେ ଭେଟେରିନାରୀ ଅଫିସର ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ପ୍ରମୁଖ ରହିଛନ୍ତି। ନନ୍ଦନକାନନର ନିର୍ଦ୍ଦେଶକଙ୍କୁ ଆବାହକ ସଦସ୍ୟ ଦାୟିତ୍ୱ ଦିଆଯାଇଥିବା ବେଳେ ଅନ୍ୟ ଚାରିଜଣ ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏହି କମିଟିର କାର୍ଯ୍ୟକାଳ ୬ ମାସ ପର୍ଯ୍ୟନ୍ତ ରଖାଯାଇଛି। ଉଦ୍ଧାର ଓରାଙ୍ଗଉଟାନଙ୍କ ରହିବା, ଚିକିତ୍ସା ଓ ଯତ୍ନ ସମ୍ପର୍କିତ ବିଷୟରେ କମିଟି ବୈଷୟିକ ମତାମତ ଦେବ। ଆବଶ୍ୟକ ପଡ଼ିଲେ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟକ୍ତି କିମ୍ବା ସଂଗଠନକୁ ମଧ୍ୟ କମିଟି ପରାମର୍ଶ ପାଇଁ ସାମିଲ କରିପାରିବ ବୋଲି ପ୍ରକାଶ ବିଜ୍ଞପ୍ତିରେ ଦର୍ଶାଯାଇଛି।

---

■ ହୋମଗାର୍ଡ ଚାକିରି କରାଇଦେବା ନାମରେ ଠକେଇ

## ଜେଲ୍ ଗଲେ କନଷ୍ଟେବଲ

ସିନାପାଲି,୧୩।୯(ସମିସ): ଖାକି ବର୍ଦ୍ଦିରେ କଳଙ୍କର ଦାଗ। ଜଣେ ଯୁବକଙ୍କୁ ହୋମଗାଡର୍ ଚାକିରି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ କରି ଜଣେ ପୁଲିସ କନଷ୍ଟେବଲ ଗିରଫ ହୋଇ ଜେଲ ଯିବା ଘଟଣା ସିନାପାଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କନଷ୍ଟେବଲ ଜଣକ ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ୍ ଅଧୀନ ଖଇଁରା ଗ୍ରାମର ହୋଇଥିବାବେଳେ କୋମନା



ବ୍ଲକର ଲଖନା ଥାନାରେ କାର୍ଯ୍ୟରତ ଥିଲେ। କନେଷ୍ଟବଳ ଯୋଗେନ୍ଦ୍ର ବାଗ୍‌ଙ୍କୁ ସିନାପାଲି ପୁଲିସ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ, କନେଷ୍ଟବଳ ଯୋଗେନ୍ଦ୍ର ସିନାପାଲି ଥାନା ଅଧୀନ ଗୋଡାଳ ପଞ୍ଚାୟତର ଡଙ୍ଗର ଗ୍ରାମର ଅମିତାଭ ଜଗତ ନାମକ ଯୁବକଙ୍କୁ ହୋମଗାର୍ଡ ଚାକିରି କରାଇଦେବା ପାଇଁ କହିଥିଲେ। ଚାକିରି ପାଇବା ଆଶାରେ ଆଶାୟୀ ଯୁବକ କନଷ୍ଟେବଳ କଥାରେ ପଡି ଗତ ଜାନୁୟାରୀ ୨୧ ତାରିଖ ଦିନ ଚେକ୍ ମାଧ୍ୟମରେ ୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ହୋମ ଗାର୍ଡ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ତାଙ୍କର ନାମ ନ ଥିବା ଜାଣି ଟଙ୍କା ଫେରସ୍ତ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ; ହେଲେ ସେ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିଲେ। ଶେଷରେ କୌଣସି ଉପାୟ ନ ପାଇ ଯୁବକ ଜଣକ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁକରି ଖଡ଼ିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ ଓ ସିନାପାଲି ଥାନା ଅଧିକାରୀ ମହେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଲଖନା ଥାନାରୁ ଅଭିଯୁକ୍ତ କନଷ୍ଟେବଲଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏନେଇ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ବୋଲି ସିନାପାଲି ଥାନା ଅଧିକାରୀ ମହେଶ୍ୱର ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ କେବଳ ପ୍ରଚାରସର୍ବସ୍ୱ: ବିଜେଡି

ଭୁବନେଶ୍ୱର,୧୩।୯(ସମିସ): ଓଡ଼ିଶାରେ ପୁଞ୍ଜିନିବେଶ ନେଇ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ଜୋରଦାର ପ୍ରଚାର ପ୍ରସାର ହେଉଛି। ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ଖର୍ଚ୍ଚ ଅନୁଯାୟୀ ଓଡ଼ିଶାକୁ ସମପରିମାଣର ପୁଞ୍ଜି ଆସିବକି ନାହିଁ, ସେନେଇ ପ୍ରଶ୍ନ କରିଛି ବିଜେଡି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ



ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ବିଜେପି ସରକାରଙ୍କୁ ଏନେଇ କଡ଼ା ସମାଲୋଚନା କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତ ସମ୍ପୂର୍ଣ୍ଣ କରି ଓଡ଼ିଶାକୁ ଫେରିଛନ୍ତି। ଓଡ଼ିଶାରେ ଅନେକ ପୁଞ୍ଜି ନିବେଶ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର ଜୋରଦାର ହେଉଛି। ଦୈନିକ ଖବରକାଗଜମାନଙ୍କରେ ବଡ଼ ବଡ଼ ବିଜ୍ଞାପନ ଜରିଆରେ ପ୍ରଥମ ପୃଷ୍ଠା ମଣ୍ଡନ କରି ପ୍ରଚାର ପ୍ରସାର ହେଉଥିବା ବେଳେ ବିଜେଡି ପକ୍ଷରୁ ପଚରା ଯାଇଥିବା ପ୍ରଶ୍ନ ବାବଦରେ ରାଜ୍ୟ ସରକାର କ'ଣ ପାଇଁ ଚୁପ୍ ରହିଛନ୍ତି। ଆଦାନୀ ଗ୍ରୁପ୍ ଓ ଆଇଏଚଏସ ସହିତ ଏମ୍ଓୟୁ ସ୍ୱାକ୍ଷର କରିବା ପାଇଁ ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତରେ ଯାଇଥିଲେ। ତାହା ପୂର୍ବରୁ ଉତ୍କର୍ଷ ଓଡ଼ିଶା-୨୦୨୫ରେ ଏମ୍ଓୟୁ ସ୍ୱାକ୍ଷରିତ ହେବାର ଅଂଶବିଶେଷ। ତେବେ ଉକ୍ତ ଦୁଇଟି ଏମ୍ଓୟୁ ସ୍ୱାକ୍ଷର କରିବା ମଧ୍ୟରେ ସାମଞ୍ଜସ୍ୟ କଣ ରହିଛି। ଭାରତର ଗୋଟିଏ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଦେଶ ବାହାରକୁ ଯିବାର କାରଣ କ'ଣ ବୋଲି ବିଜେଡି ପ୍ରଶ୍ନ କରିଛି। ଚୁକ୍ତିରେ କ'ଣ ନୂଆ ଓ କ'ଣ ସବୁ ପୁରୁଣା ତଥ୍ୟ ରହିଛି, ତାହାକୁ ସର୍ବସାଧାରଣରେ ବିବୃତ୍ତି ପ୍ରଦାନ କରିବାର ଆବଶ୍ୟକତା ରହିଛି। ରାଜ୍ୟରେ ବିଜେପି ସରକାର ଗଠନ ହେବାର ୨ବର୍ଷ ୬ମାସ ହେଲାଣି। ରାଜ୍ୟ ସରକାର ୨୦ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓଡ଼ିଶା ପାଇଁ ଆଣିଛନ୍ତି ବୋଲି ବାରମ୍ବାର କହିଛନ୍ତି। ପୁଞ୍ଜି ନିବେଶ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁ ଆଗରେ ରହିଛି ବୋଲି ବିଜେପି ସରକାର ବାରମ୍ବାର ବାହାସ୍ଫୋଟ ମାରୁଛନ୍ତି। କିନ୍ତୁ ଗ୍ରାଉଣ୍ଡରେ ପୁଞ୍ଜିନିବେଶ ଶୂନ୍ୟ ରହିଛି। କେବଳ ୩ ଲକ୍ଷ କୋଟି ଟଙ୍କାର ଇଣ୍ଟେଣ୍ଟ ଆସିଛି। ରାଜ୍ୟରେ ପ୍ରାୟ ୫୦ଟି କ୍ଷୁଦ୍ର, ମଧ୍ୟମଧରଣର ଉଦ୍ୟୋଗ ଆଦି ନିଜର ପ୍ରାରମ୍ଭିକ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି; କିନ୍ତୁ ତାହା ବିଶେଷ ଅଗ୍ରଗତି ହୋଇନାହିଁ। ଫଳରେ ଓଡ଼ିଶାରେ ଚାକିରି ସୁଯୋଗ ସୃଷ୍ଟି ହୋଇପାରିନଥିବା ବେଳେ ବେକାର ଯୁବକଯୁବତୀମାନେ ଦାଦନ

- ସିଙ୍ଗାପୁର ଗସ୍ତର ଫଳ ଶୂନ୍ୟ ଥିଲା ବେଳେ ୟୁଏଇ ଗସ୍ତକୁ ନେଇ ସଂଶୟ
- ମିଛ ବିଜ୍ଞାପନ କରି ରାଜକୋଷର ଅର୍ଥ ଅପବ୍ୟୟ କରନ୍ତୁ ନାହିଁ
- ଅଢ଼େଇ ବର୍ଷର ବିଜେପି ଶାସନରେ ଗ୍ରାଉଣ୍ଡରେ ପୁଞ୍ଜିନିବେଶ ଶୂନ୍

ଖଟିବାକୁ ଯାଉଛନ୍ତି। ଯଦି ପୁଞ୍ଜିନିବେଶ ରହିଛି, ସେ ପରିମାଣର ନିଯୁକ୍ତି ସୁଯୋଗ କାହିଁକି ନାହିଁ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ଡବଲ ଇଞ୍ଜିନ ସରକାର ଏଥିରେ ବିଫଳ ହୋଇଥିବା ବେଳେ କେବଳ ଘୋଷଣା ଓ ବଡ଼ ବଡ଼ କଥା କହିବାରେ ସୀମିତ ରହିଛି; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଶୂନ୍ୟ ରହିଛନ୍ତି। ରାଜ୍ୟ ସରକାର କଥା ନ ଲୁଚାଇ ପୁଞ୍ଜିନିବେଶର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟବାସୀଙ୍କ ନିକଟରେ ଉପସ୍ଥାପନ କରନ୍ତୁ। ବିଜ୍ଞାପନ ଜରିଆରେ ରାଜକୋଷର ଅର୍ଥର ଅପବ୍ୟୟ କରନ୍ତୁ ନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

---

ଜେଡବ୍ଲୁ ମାରିଅଟ ହୋଟେଲ ଭୁଷୁଡ଼ିବା ପ୍ରସଙ୍ଗ

## ଡିଏନ୍ ହୋମ୍ସ ନିର୍ଦ୍ଦେଶକଙ୍କ ନାଁରେ ଯୁବ କଂଗ୍ରେସର ଏତଲା



ଭୁବନେଶ୍ୱର,୧୩।୯(ସମିସ): ଡେଲ୍‌ଟା ଛକ ସ୍ଥିତ ନିର୍ମାଣାଧିନ ଜେଡବ୍ଲୁ ମାରିଅଟ ହୋଟେଲ ଭୁଷୁଡ଼ିବା ପ୍ରସଙ୍ଗ ଥାନାରେ ପହଞ୍ଚିଛି। ଏହି ଘଟଣାରେ ଡିଏନ ହୋମ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଜଗଦିଶ ପ୍ରସାଦ ନାୟକ ଏବଂ ତତ୍କାଳୀନ ବିଡିଏ ପ୍ଲାନିଂ ମେମ୍ବର ଗୌରୀ ଶଙ୍କର ଭୁୟାଁଙ୍କ ନାଁରେ ଯୁବ କଂଗ୍ରେସ ଥାନାରେ ଏତଲା ଦେଇଛି। ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସଭାପତି ମହମ୍ମଦ ଗୁଲଫାମଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ପକ୍ଷରୁ ଦର୍ଶାଯାଇଛି ଯେ ଏହି ବହୁତଳ ଅଟ୍ଟାଳିକା ନିର୍ମାଣାଧିନ ଥିବା ବେଳେ ଭୁଷୁଡ଼ି ପଡ଼ିଲା। ଏହି ହୋଟେଲ ନିର୍ମାଣ ଏବଂ ଏହି ହୋଟେଲର ମାଲିକାନାରେ ଡିଏନ ହୋମସ ଅଂଶୀଦାର ରହିଛି। ଯେହେତୁ ନିର୍ମାଣ ଅତି ନିମ୍ନମାନର ଥିଲା ତେଣୁ ତାହା ନିର୍ମାଣାଧିନ ଥିବାବେଳେ ଭୁଷୁଡ଼ି ପଡ଼ିଲା। ମାତ୍ର ପ୍ରଶାସନ ପକ୍ଷରୁ ଡିଏନ ହୋମସକୁ ସୁରକ୍ଷା ଦିଆଯାଉଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି।

ତେଣୁ ପୁଲିସ ଏହି ଘଟଣାରେ ହସ୍ତକ୍ଷେପ କରି ବିଲ୍ଡିଂ ଭୁଷୁଡ଼ିବାର ପ୍ରକୃତ କାରଣ, ଏହାର ନିର୍ମାଣଗତ ତ୍ରୁଟି, ନିମ୍ନମାନର କାର୍ଯ୍ୟ, ନିମ୍ନମାନର ସାମଗ୍ରୀ ଏବଂ ଡିଜାଇନରେ ତ୍ରୁଟିର ତଦନ୍ତ କରୁ ବୋଲି ଦାବି ହୋଇଛି। ଏହାସହିତ ଡିଏନ ହୋମ୍ସର ଭୂମିକା, ଦାୟିତ୍ୱ ଏବଂ ନିର୍ମାଣ କାର୍ଯ୍ୟକାରୀ କରୁଥିବା ସଂସ୍ଥାର ତ୍ରୁଟିର ତଦନ୍ତ ସହ ଆରକିଟେକ୍ଟ, ଷ୍ଟ୍ରକଚରାଲ ଇଂଜିନିୟର, କଣ୍ଟ୍ରାକ୍ଟର, ସବ କଣ୍ଟ୍ରାକ୍ଟର, ପ୍ରୋଜେକ୍ଟ ମ୍ୟାନେଜର ଏବଂ ଦାୟିତ୍ୱରେ ଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କ ଭୂମିକାର ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଏହି ବିଲ୍ଡିଂ ଅନୁମୋଦିତ ବିଲ୍ଡିଂ ପ୍ଲାନ ଏବଂ ଅନୁମୋଦିତ ଷ୍ଟ୍ରକଚରାଲ ଡିଜାଇନ ଅନୁଯାୟୀ କଡ଼ାକଡ଼ି ଭାବେ ନିର୍ମାଣ ହୋଇଥିଲା କି ନାହିଁ ତାହା ତଦନ୍ତ କରିବାର ଆଶ୍ୟକତା ରହିଛି। ଏହାସହିତ ଆବଶ୍ୟକିୟ ବିଲ୍ଡିଂ ଅନୁମତି ଏବଂ ଷ୍ଟ୍ରକଚରାଲ ସେଫ୍ଟି ସାର୍ଟିଫିକେଟ ହାଲସ କରାଯାଇଥିଲା କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

ଏଥିରେ ଓଡ଼ିଶା ବିଲ୍ଡିଂ ଓ ବିକାଶ ନିୟମାବଳୀ ଆଇନର ଉଲ୍ଲଘଂନ ହୋଇଛିକି ନାହିଁ ଯାଞ୍ଚ କରିବା ସହ କୋଠା ସମ୍ବଧିୟ ରେକର୍ଡ ସବୁକୁ ପୁଲିସ ପକ୍ଷରୁ ଯାଞ୍ଚ କରାଯାଉ ବୋଲି ଦାବି ହୋଇଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ, ନିମ୍ନମାନର ସାମଗ୍ରୀର ବ୍ୟବହାର, ମିଥ୍ୟା ପ୍ରମାଣୀକରଣ ପ୍ରଭୃତିରେ ସଂପୃକ୍ତ ସମସ୍ତଙ୍କ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ଏହାସହିତ ଏହି ଘଟଣା ପାଇଁ ତୁରନ୍ତ ଜଗଦିଶ ପ୍ରସାଦ ନାୟକ ଏବଂ ଗୌରୀ ଶଙ୍କର ଭୁୟାଁଙ୍କୁ ଗିରଫ କରିବାକୁ ଦାବି ହୋଇଥିବା ବେଳେ ଯେହେତୁ ଏହା ଜନସୁରକ୍ଷା ସହିତ ଜଡ଼ିତ, ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଭଳି ବିଲ୍ଡିଂ ପାଖରେ ବହୁ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ବର୍ତ୍ତମାନ ଏହାର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି। ଖଣ୍ଡଗିରି ଥାନାରେ ସୁଦିପ ସାମଲ, ସୁରଜ ରାଉତ, ଚିତ୍ତରଞ୍ଜନ ନାୟକ, ବିଶ୍ୱଜିତ ସ୍ୱାଇଁ, ଏମଡି ମନୱର, ସନ୍ଦିପ ରାଉତରାୟ, ନିଆଜୁଲ ଇସଲାମ ପ୍ରମୁଖ ଉପସ୍ଥିତ ରହି ଏତଲା ଦେଇଛନ୍ତି।

---

ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ପୁଞ୍ଜିନିବେଶ ଦାବିକୁ କଂଗ୍ରେସର କଟାକ୍ଷ

## ଫଟୋ ସେସନ୍ ପାଇଁ ଆବୁଧାବି-ଦୁବାଇ ଗସ୍ତ: ଭକ୍ତ

ଭୁବନେଶ୍ୱର,୧୩।୯(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତରୁ ଫେରି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରଠାରେ ରଖିଥିବା ଦାବିକୁ ପିସିସି ସଭାପତି ଭକ୍ତଚରଣ ଦାସ ସମାଲୋଚନା କରିଛନ୍ତି। ନିବେଶ ପ୍ରସ୍ତାବରେ ୨.୪୩ ଲକ୍ଷ କୋଟି ଟଙ୍କା ସୁରକ୍ଷିତ କରିବା ଏବଂ ୬ ରୁ ୯ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଦାବିକୁ "ଅତ୍ୟଧିକ ଅତିରଞ୍ଜିତ ଏବଂ ସମ୍ପୂର୍ଣ୍ଣ ଅସାର' ବୋଲି ଅଭିହିତ ସହ ଆବୁଧାବି ଏବଂ ଦୁବାଇର ସମଗ୍ର ପାଞ୍ଚ ଦିନିଆ ଗସ୍ତ ଓଡ଼ିଶାର ଯୁବକମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ଦିଷ୍ଟ ଏକ ବ୍ୟୟବହୁଳ ଫଟୋ ସେସନ୍ ଥିଲା ବୋଲି ଭକ୍ତ କହିଛନ୍ତି

ଅତୀତର ବୁଝାମଣାପତ୍ର (ଏମଓୟୁ)ର ବାସ୍ତବତା ଉପରେ ଶ୍ରୀ ଦାସ ପ୍ରଶ୍ନ ଉଠାଇବା ସହିତ ସତ୍‌ସାହସ ଥିଲେ ଆନ୍ତର୍ଜାତୀୟ ବୁଝାମଣାପତ୍ରର ପ୍ରକୃତ ସଫଳତା ହାର ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ଦାବି କରିଛନ୍ତି। ଏହାସହିତ ୯ ଲକ୍ଷ ଚାକିରିର ଭ୍ରମ ସୃଷ୍ଟି କରାଯାଉଛି ବୋଲି କହି ଏହା କେବଳ କାଗଜପତ୍ର ଏବଂ କର୍ପୋରେଟ ପ୍ରେସ ରିଲିଜରେ ସୀମିତ ବୋଲି ଭକ୍ତ କହିଛନ୍ତି। ସ୍ଥାନୀୟ ଏମଏସଏମଇକୁ ଅବହେଳା କରି ରାଜ୍ୟ ସରକାର ଜନସାଧାରଣଙ୍କ

- ମୁଖ୍ୟମନ୍ତ୍ରୀଙ୍କ ଦାବି ଅତ୍ୟଧିକ ଅତିରଞ୍ଜିତ ଓ ଅସାର
- ନିବେଶ ସଫଳତାର ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର

ପଇସା ଏଭଳି ବ୍ୟୟବହୁଳ ଆନ୍ତର୍ଜାତୀୟ ଗସ୍ତରେ ଖର୍ଚ୍ଚ କରୁଛନ୍ତି। ମାତ୍ର ସ୍ଥାନୀୟ ଏମଏସଏମଇ ଏବଂ ଘରୋଇ ଶିଳ୍ପଗୁଡ଼ିକ ରାଜ୍ୟ ସହାୟତାର ଅଭାବ, ଅତ୍ୟଧିକ ବିଦ୍ୟୁତ ଶୁଳ୍କ ଏବଂ ନିୟାମକ ପ୍ରତିବନ୍ଧକ ଯୋଗୁଁ ବନ୍ଦ ହୋଇଯାଉଛି ବୋଲି କହିଛନ୍ତି। ୟୁଏଇରେ ଘୋଷଣା କରାଯାଇଥିବା ୨.୪୩ ଲକ୍ଷ କୋଟି ଟଙ୍କାର ଅଧିକାଂଶ ନିବେଶ ପ୍ରସ୍ତାବ ଅତ୍ୟଧିକ ଜଟିଳ ପୁଞ୍ଜି-ପ୍ରଧାନ କ୍ଷେତ୍ର (ଧାତୁ, ଗ୍ରୀନ ହାଇଡ୍ରୋଜେନ ଏବଂ ଭିତ୍ତିଭୂମି) କୁ ଲକ୍ଷ୍ୟ କରି କରାଯାଇଛି। ଏହି କ୍ଷେତ୍ରଗୁଡ଼ିକ କେବଳ ବଡ଼ ଆକଳନ ସୃଷ୍ଟି କରନ୍ତି, କିନ୍ତୁ ବିନିଯୋଗ ହୋଇଥିବା କୋଟି ପିଛା ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହାର ଅତ୍ୟନ୍ତ କମ୍ ଥାଏ ବୋଲି ଭକ୍ତ କହିଛନ୍ତି।

ଯୁବକମାନଙ୍କୁ ଶିଳ୍ପ-ଉପଯୋଗୀ କରିବା ବାହାନାରେ "ଦକ୍ଷତା ବିକାଶ' କାର୍ଯ୍ୟକ୍ରମ ପାଇଁ କୋଟି କୋଟି ଟଙ୍କାର ସରକାରୀ ପାଣ୍ଠି ଖର୍ଚ୍ଚ କରାଯାଉଛି। କିନ୍ତୁ, ସ୍ଥାନୀୟ ଶିଳ୍ପ ନିଯୁକ୍ତି କେବଳ ସ୍ୱଳ୍ପ ଦରମାର ଚୁକ୍ତିଭିତ୍ତିକ ଚାକିରି ମଧ୍ୟରେ ସୀମିତ ଥିବାରୁ, ଓଡ଼ିଶା ଦେଶର ଅନ୍ୟତମ ବୃହତ୍ତମ ପ୍ରବାସୀ ଶ୍ରମିକ ସୃଷ୍ଟିକାରୀ ରାଜ୍ୟ ହୋଇ ରହିଛି। ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥବ୍ୟବସ୍ଥା ଗଠନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଏକ ସମ୍ପୂର୍ଣ୍ଣ ଗାଣିତିକ ଭ୍ରମ ବୋଲି ଭକ୍ତ କହିଛନ୍ତି।

---

ବାଟବଣା ରାଜ୍ୟ ପ୍ରବରଣ ମଣ୍ଡଳୀ

## ନିଯୁକ୍ତି ପ୍ରଦାନକାରୀ ସଂସ୍ଥା କରୁଛି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୩।୯(ସମିସ): ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍ବି) ବାଟ ହୁଡ଼ିଛି। ନିଯୁକ୍ତି ପରୀକ୍ଷା ସହିତ ବିଭିନ୍ନ ପ୍ରବେଶିକା ପରୀକ୍ଷାର ଅତିରିକ୍ତ ବୋଝ ମୁଣ୍ଡାଉଛି। ବର୍ଷକୁ ପ୍ରାୟ ୬ ମାସ ପ୍ରବେଶିକା ପରୀକ୍ଷା କରୁଥିବାରୁ ନିଯୁକ୍ତି ପରୀକ୍ଷା ପରିଚାଳନା ପ୍ରକ୍ରିୟା ଧିମାଇଛି। କେବଳ ନିଯୁକ୍ତି ପରୀକ୍ଷା ପାଇଁ ଗଠିତ ହୋଇଥିବା ଏହି ସଂସ୍ଥାକୁ ସରକାର ଓ ଉଚ୍ଚଶିକ୍ଷା ବିଭାଗ କାହିଁକି ପ୍ରବେଶିକା ପରୀକ୍ଷା ପରିଚାଳନା ଭାର ଦେଉଛନ୍ତି ବୋଲି ଚାକିରି ଆଶାୟୀମାନେ ପ୍ରଶ୍ନ କରିବା ସହ ନିଯୁକ୍ତିରେ ବିଳମ୍ବ ହେଉଥିବାରୁ ସିଧାସଳଖ ସରକାରଙ୍କୁ ଦାୟିକରିଛନ୍ତି।

ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ଶିକ୍ଷା ଆଇନ, ୧୯୬୯ (ଓଡ଼ିଶା ଆଇନ ୧୫/୧୯୬୯)ର ଧାରା ୧୦ର ଉପଧାରା (୨) ଓ (୩) ଏବଂ ଓଡ଼ିଶା ଶିକ୍ଷା (ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ମଚାରୀଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତ) ନିୟମାବଳୀ, ୧୯୭୪ର ନିୟମ ୪ ଅନୁଯାୟୀ ଏସ୍ଏସ୍ବି ପ୍ରତିଷ୍ଠା କରାଯାଇଥିଲା। ପ୍ରାଥମିକ ଭାବେ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଏମ୍ଇ ସ୍କୁଲ୍‌ରେ ବିଭିନ୍ନ ବର୍ଗର ଶିକ୍ଷକ ନିଯୁକ୍ତି କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଶିକ୍ଷା ଏବଂ ଯୁବ ସେବା ବିଭାଗ ଅଲଗା ହେବା ଏବଂ ମାଧ୍ୟମିକ ଶିକ୍ଷା ଓ ଉଚ୍ଚଶିକ୍ଷା ପାଇଁ ସ୍ୱତନ୍ତ୍ର ବିଭାଗ ଗଠନ ପରେ ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଅଧାପକ ନିଯୁକ୍ତି ଦାୟିତ୍ୱ ମଧ୍ୟ ଏହି ବୋର୍ଡକୁ ଦିଆଯାଇଛି। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟର ଅଣ-ଶିକ୍ଷକ କର୍ମଚାରୀ ନିଯୁକ୍ତି, ସରକାରୀ ମହାବିଦ୍ୟାଳୟରେ ଅଣ-ଶିକ୍ଷକ ପଦ ଯଥା ଲାଇବ୍ରେରିଆନ୍, ଲାବୋରେଟୋରୀ ଆଟେଣ୍ଡାଣ୍ଟ-କମ୍-ଷ୍ଟୋର କିପର୍ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଆଦି ପଦରେ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅର୍ଥାତ୍ ଶିକ୍ଷାନୁଷ୍ଠାନରେ ଶିକ୍ଷକ, ଅଧାପକ ଓ ଅଣ-ଶିକ୍ଷକ ପଦରେ କେବଳ ନିଯୁକ୍ତି ଦେବା ଏହି ସଂସ୍ଥା ପ୍ରତିଷ୍ଠାର ମୂଳ ଲକ୍ଷ୍ୟ।

- ପ୍ରବେଶିକା ପରୀକ୍ଷାରେ ଯାଉଛି ବର୍ଷକୁ ୬ ମାସ
- ପରୀକ୍ଷା ବିଳମ୍ବ; ବଢୁଛି ଆଶାୟୀଙ୍କ ଅସନ୍ତୋଷ
- ଅସମ୍ପୂର୍ଣ୍ଣ ରହିଛି ୪ ରୁ ଅଧିକ ନିଯୁକ୍ତି ପରୀକ୍ଷା

ମାତ୍ର ଏହି ସଂସ୍ଥା ନିଜର ପ୍ରାଥମିକ କାର୍ଯ୍ୟରୁ ବିଚ୍ୟୁତ ହୋଇଛି। ପ୍ରବେଶିକା ପରୀକ୍ଷାକୁ ପ୍ରାଥମିକତା ଭିତ୍ତିରେ ପରିଚାଳନା କରୁଛି। ବିଇଡି, ଏମ୍ଇଡି ଓ ବିଏଚ୍ଇଡି ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ପରିଚାଳନା ସହିତ ସ୍ନାତକୋତ୍ତର (ପିଜି) ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) କରାଉଛି। ପ୍ରତିବର୍ଷ ମାର୍ଚ୍ଚ-ଏପ୍ରିଲ୍‌ରୁ ଏସବୁ ପରୀକ୍ଷା ପାଇଁ ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ଜୁଲାଇ-ଅଗଷ୍ଟରେ ସରୁଛି। ବର୍ଷକୁ ୬ ମାସ କେବଳ ପ୍ରବେଶିକା ପରୀକ୍ଷାରେ ସରୁଥିବାରୁ ନିଯୁକ୍ତି ପରୀକ୍ଷା ତ୍ୱରାନ୍ୱିତ ହୋଇପାରୁନି। ସମ୍ପ୍ରତି ଏସ୍ଏସ୍ବି ନିକଟରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଣଶିକ୍ଷକ ପଦରେ ନିଯୁକ୍ତି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ରେ ଜୁନିଅର୍ କ୍ଲର୍କ ନିଯୁକ୍ତି, ଲାଇବ୍ରେରିଆନ୍ ଏବଂ ଅଧ୍ୟାପକ ନିଯୁକ୍ତି ପରି ପରୀକ୍ଷା କରିବାକୁ ରହିଛି। ମାତ୍ର ସମୟ ଅଭାବରୁ ଏସବୁ ପରୀକ୍ଷା ମାତ୍ରାଧିକ ଭାବେ ବିଳମ୍ବ ହେଉଛି। ନିଯୁକ୍ତି ବିଳମ୍ବ ପାଇଁ ଚାକିରି ଆଶାୟୀମାନେ ସିଧାସଳଖ ସରକାରଙ୍କୁ ଦାୟି କରିଛନ୍ତି। ସେମାନଙ୍କ କହିବା କଥା, କେବଳ ନିଯୁକ୍ତି ପାଇଁ ଗଠିତ ହୋଇଥିବା ସଂସ୍ଥାକୁ ସରକାର ପ୍ରବେଶିକା ପରିଚାଳନା ଦାୟିତ୍ୱ ଦେବା ଅଗ୍ରହଣୀୟ। ପ୍ରବେଶିକା ପରୀକ୍ଷା ଉଚ୍ଚଶିକ୍ଷା ବିଭାଗ ପରିଚାଳନା କରି ଏସ୍ଏସ୍ବିକୁ ଭାରାକ୍ରାନ୍ତ କରା ନଯାଉ। ଅନ୍ୟଥା ଆଇନ୍‌ରେ ପରିବର୍ତ୍ତନ କରାଯାଇ ପ୍ରବେଶିକା ପରୀକ୍ଷା ପରିଚାଳନା ଭାର ମଧ୍ୟ ବିଦ୍ଧିବଦ୍ଧ ଭାବେ ଦିଆଯାଉ। ଫଳରେ ନିଅଣ୍ଟିଆ କର୍ମଚାରୀରେ ଚାଲୁଥିବା ଏହି ସଂସ୍ଥାକୁ ଅଧିକ ପଦ ମିଳିବ ଏବଂ ସମସ୍ତ ପରୀକ୍ଷା ସଠିକ୍ ଭାବେ ପରିଚାଳନା ହୋଇପାରିବ।

# ଜାତୀୟ ରାଜପଥ ଅଣ୍ଡରପାସ୍‌ରେ ଜମୁଛି ପାଣି

ଆନନ୍ଦପୁର, ୧୩।୯ (ସମିସ)





ଆନନ୍ଦପୁର ଅଞ୍ଚଳରେ ଜାତୀୟ ରାଜପଥ ବିଭାଗର ମନମାନି ଦେଖିବାକୁ ମିଳିଛି। ବିଶେଷକରି ପୌରାଞ୍ଚଳରେ ୨୦ନମ୍ବର ଜାତୀୟ ରାଜପଥରେ ରହିଥିବା ଚାରିଟି ଅଣ୍ଡର ପାସ୍ ଲୋକମାନଙ୍କ ଯାତାୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଶାଳପଡା, ଘସିପୁରା, ଶୈଳଙ୍ଗରେ ବର୍ଷାଦିନରେ ଲୋକମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ରାଜପଥ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଶାଳପଡାରେ ଅସମ୍ପୂର୍ଣ୍ଣ ରାସ୍ତା ଶେଷ ହୋଇଥିବାବେଳେ ଗତ ଚାରି ମାସରୁ ଅଧିକ ସମୟ ହେଲା ୨୦ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ୍ ହୋଇଛି। ତେବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଣ୍ଡରପାସ୍‌ଗୁଡିକରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରି ନଥିବାରୁ ଗୁରୁତର ସମସ୍ୟା ସୃଷ୍ଟିହୋଇଛି। ଶାଳପଡା ୧୨ନମ୍ବର ୱାର୍ଡର ସମସ୍ତ ବର୍ଷାଜଳ ଦୁଇଟି ଅଣ୍ଡର ପାସ୍ ଦେଇ ଅତିକ୍ରମ କରୁଛି। ବର୍ଷା ସମୟରେ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ନେଇ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ମିଶ୍ର ଅଭିଯୋଗ କରିଛନ୍ତି। ମୁଖ୍ୟ ଅଣ୍ଡର ପାସ ତଳେ ବିରାଟ ଖାଲ ସୃଷ୍ଟି ହୋଇଥିବାରୁ ସାଇକଲ ଓ ବାଇକ୍ ଯାତାୟାତ ସମ୍ଭବ ହେଉନାହିଁ। ୧୬ନମ୍ବର ଶୈଳଙ୍ଗ ଅଣ୍ଡରପାସ୍ ରାସ୍ତା ଦେଓଗାଁ ପାର୍ଶ୍ୱକୁ ସଂଯୋଗ କରୁଛି। ଏହି ସ୍ଥାନରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଥିବାବେଳେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଗତ ଲଘୁଚାପ ଜନିତ ବର୍ଷାରେ ଅଣ୍ଡରପାସ୍ ତଳେ ୫ ଫୁଟରୁ ଅଧିକ ପାଣି ପ୍ରବାହିତ ହୋଇଥିଲା। ଗତ ୫ତାରିଖ ଦିନତମାମ ପାଣି ପ୍ରବାହିତ ହେବାରୁ ବାଇକ୍, ସାଇକଲ ଯାତାୟତ କରିବା ସମ୍ଭବ ହୋଇ ନଥିଲା ବୋଲି ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା କହିଛନ୍ତି। ୧୪ନମ୍ବର ୱାର୍ଡ ଘସିପୁରା ଅଣ୍ଡରପାସ୍ ଏଠାକାର ଜନସାଧାରଣଙ୍କ ପାଇଁ ଦୁଃଖ ପାଲଟିଛି। ଏଠାରେ ବର୍ଷାଦିନ ସାରା ଚାରିମାସ ଧରି ପାଣି ଜମି ରହୁଥିବାରୁ ଗୋଟିଏ ପାର୍ଶ୍ୱରେ ଯାତାୟତ ସମ୍ଭବ ହେଉନାହିଁ। ଅନେକ ଖାଲ ପାଣିରେ ପଡି ହଟହଟା ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ମନୋରଞ୍ଜନ ସାହୁ କହିଛନ୍ତି। ଏନେଇ ଜାତୀୟ ରାଜପଥ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଅବଗତ ରହିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରଯାଉ ନଥିବା ଅଭିଯୋଗ ହୋଇଛି। ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଧକ୍ଷ୍ୟ ଡ଼ ବିପିନି ବିହାରୀ ମିଶ୍ର ଦାବି କରିଛନ୍ତି।

**ଆନନ୍ଦପୁରରେ ଦହଗଞ୍ଜ ହେଉଛନ୍ତି ଲୋକେ**

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଆହତ



କେନ୍ଦୁଝର, ୧୩।୯ (ସମିସ): କେନ୍ଦୁଝର ପୁରୁଣାସହର ୧ ନମ୍ବର ୱାର୍ଡ ଅନ୍ତର୍ଗତ ଶିବନାରାୟଣପୁର ସାହିରେ ସୁରେନ୍ଦ୍ର କୁମାର ଦାଶ ଘର କାମ ଚାଲିଥିବାବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଆହତ ହୋଇଛନ୍ତି। ଆହତ ଶ୍ରମିକଙ୍କ ନାମ ନିର ନାଏକ(୪୦) ଏବଂ ତାଙ୍କ ଘର ଶିରିଶପାଳ ଗ୍ରାମରେ। ଜଣେ ଠିକାଦାର ଅଧୀନରେ ରହି ସେ କାମ କାମ କରୁଥିଲେ। ଆଜି ଦିନ ୧୧ଟାରେ ଘର କାମ ବେଳେ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶ୍ରମିକଙ୍କ ମୁହଁ, ଜଂଘ ଏବଂ ହାତ ବିଦ୍ୟୁତ୍ ଆଘାତରେ ପୋଡି ଯାଇଛି। ଘଟଣା ପରେ ଉକ୍ତ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଘର ଉପରେ ୧୧ କେଭି ଲାଇନ ଯାଇଥିଲେ ମଧ ବିପଦପୂର୍ଣ୍ଣ ଭାବେ କାମ ହେଉଥିଲା। ଛାତ ଉପରେ ୧୧କେଭି ବିଦ୍ୟୁତ୍ ତାର ଯାଇଥିଲେ ମଧ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଟାଟା ପାୱାର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା।

# ନିଶାମୁକ୍ତ ପଞ୍ଚାୟତ ଦାବିରେ ଦେଓଝରରେ ମହିଳା ରାଲି

# ତେଜୁଛି ମଦ ଦୋକାନକୁ ବିରୋଧ; ଟାୟାର ଜାଳି କଲେ ପ୍ରତିବାଦ



ଯୋଡ଼ା, ୧୩।୯ (ସମିସ): ନିଶାମୁକ୍ତ ପଞ୍ଚାୟତ ଓ ମଦମୁକ୍ତ ସମାଜ ଗଠନ ଦାବିରେ ଦେଓଝର ପଞ୍ଚାୟତ ଅଞ୍ଚଳର ମହିଳାମାନଙ୍କ ପକ୍ଷରୁ ଶନିବାର ଏକ ବିଶାଳ ଶାନ୍ତିପୂର୍ଣ୍ଣ ରାଲି ଅନୁଷ୍ଠିତ ହୋଇଛି। ଶିଆଳିଯୋଡ଼ା ଗ୍ରାମରେ ବିଦେଶୀ ମଦ ଦୋକାନ ଖୋଲାକୁ ବିରୋଧ କରି ଏହି ରାଲି କରାଯାଇଥିଲା। ଦେଓଝର ପଞ୍ଚାୟତରୁ ଆରମ୍ଭ ହୋଇଥିବା ରାଲି ଦେଓଝର ଗ୍ରାମ, କିତାବେଡା ଓ ଗୋବର୍ଦ୍ଧନପୁର ଦେଇ ଶିଆଳିଯୋଡ଼ା ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ରାଲିରେ ମହିଳାମାନେ 'ନିଶାମୁକ୍ତ ପଞ୍ଚାୟତ, ମଦମୁକ୍ତ ସମାଜ' ନାରା ଦେଇ ନିଶା ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ମହିଳାମାନେ କହିଥିଲେ ଯେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଯୋଗୁଁ ପରିବାର ଓ ସମାଜ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ତେଣୁ ପଞ୍ଚାୟତ ଅଞ୍ଚଳରେ ନିଶାମୁକ୍ତ ପରିବେଶ ସୃଷ୍ଟି ସହ ଶିକ୍ଷା, ସଂସ୍କାର ଓ ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ମହିଳାମାନେ ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ କରିଥିଲେ। ରାଲି ମାଧ୍ୟମରେ ପ୍ରସ୍ତାବିତ ମଦ ଦୋକାନ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଠାରେ ପ୍ରକାଶ ଥାଉ କି, ଶିଆଳିଯୋଡ଼ା ମେଢ଼ ସାହିଠାରେ ଖୋଲା ହେବାକୁ ଥିବା ବିଦେଶୀ ମଦ ଦୋକାନକୁ ସ୍ଥାନୀୟ ଲୋକ ଅନେକ ଥର ବିରୋଧ କରିଆସୁଛନ୍ତି। ଏଥିପାଇଁ ଗ୍ରାମବାସୀଙ୍କ ନିକଟରେ ଅନେକଗୁଡିଏ କାରଣ ରହିଥିବା ବେଳେ ଶିଶୁ ଓ ଯୁବକଙ୍କ ଭବିଷ୍ୟତ, ମହିଳାଙ୍କ ସମ୍ମାନ, ପରିବାରଗୁଡିକର ଶାନ୍ତି ଏହାର ମୁଖ୍ୟ କାରଣ।

# ମାନସିକ ବିକାରଗ୍ରସ୍ତ ନାବାଳିକା ଉଦ୍ଧାର



ତୁରୁମୁଙ୍ଗା, ୧୩।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ଜାତୀୟ ରାଜପଥର ଝାରବେଡା ଛକ ନିକଟରୁ ଶନିବାର ରାତି ଜଣେ ନାବାଳିକାକୁ ତୁରୁମୁଙ୍ଗା ପୁଲିସ ଉଦ୍ଧାର କରିଛି। କେନ୍ଦୁଝରସ୍ଥିତ ଡିଏମ୍ଏଫ୍ ଆଶ୍ରୟସ୍ଥଳରେ ନାବାଳିକାକୁ ଛଡ଼ାଯାଇଛି। ଚମ୍ପୁଆ ତୁରୁମୁଙ୍ଗା ରାସ୍ତାରେ ଚାଲି ଚାଲି ଆସି ଝାରବେଡା ଛକରେ ଥିବା ବେଳେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ଥାନା ଏଏସ୍ଆଇ ସୁଜାତା ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ନାବାଳିକା ଜଣଙ୍କ ମାନସିକ ବିକୃତ ଥିବା ଜଣାପଡିବା ପରେ ତାଙ୍କୁ କେନ୍ଦୁଝରସ୍ଥିତ ଡିଏମ୍ଏଫ୍ ଆଶ୍ରୟସ୍ଥଳରେ ରଖାଯାଇଛି।

# ସିଟିଜିରେ ଜେଜେ ବାପା, ଜେଜେ ମା' ଦିବସ ପାଳିତ

କେନ୍ଦୁଝର, ୧୩।୯ (ସମିସ): କେନ୍ଦୁଝର ସିଟିଜି ଦ୍ୱାରା ପ୍ରତିଷ୍ଠିତ ସିଟିଜି ଗ୍ଲୋବାଲ ସ୍କୁଲ ଏବଂ ସିଟିଜି ବିଦ୍ୟାମନ୍ଦିରରେ ଚେୟାରମ୍ୟାନ୍ ରୋଟାରିୟାନ୍ ଡ ରାଜେନ୍ଦ୍ର ପଲେଇଙ୍କ ଆନୁକୂଲ୍ୟରେ ଶିକ୍ଷା ନିକେତନରେ ଜେଜେ ବାପା ଜେଜେ ମା' ଦିବସ ଭାବପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ସର୍ବପ୍ରଥମେ ମା' ତାରିଣୀଙ୍କୁ ନୈବେଦ୍ୟ ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ସମସ୍ତ ଜେଜେ ବାପା, ଜେଜେ ମା'ମାନଙ୍କୁ ଫୁଲଚନ୍ଦନ ଏବଂ ଅକ୍ଷତ ଦେଇ ସ୍ୱାଗତ କରାଯିବା ପରେ ସେମାନଙ୍କର ଆଶୀର୍ବାଦ ନେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ତୁଳସୀ ତମନ୍ନା ନାଏକ ସ୍ୱାଗତ ଅଭିନନ୍ଦନ ଜଣାଇବା ସହିତ ଏହି ଦିବସର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅଭିହିତ କରିଥିଲେ। ପ୍ରାରମ୍ଭରେ କଲେଜର ପ୍ରିନ୍ସପାଲ ମାନସ ରଞ୍ଜନ ମହାପାତ୍ର ସମ୍ବୋଧନ କରି କହିଲେ ଯେ ଜେଜେ ବାପା, ଜେଜେ ମା' ମାନେ ଅନୁଭୂତିର ଗନ୍ତାଘର, ସେମାନଙ୍କର ସ୍ନେହ, ମମତା, ଭଲପାଇବା ପ୍ରତ୍ୟେକ ପିଲା ଜୀବନ ଗଠନରେ ସହାୟକ ହେବା ସହିତ ସମାଜ ଗଠନରେ ମୂଳଦୁଆ ଭଳି କାମ କରିଥାଏ। ସ୍କୁଲର ପ୍ରିନ୍ସପାଲ କୃଷ୍ଣଚନ୍ଦ୍ର ମହାନ୍ତି ଚେୟାରମ୍ୟାନ୍ ଡ ରାଜେନ୍ଦ୍ର ପଲେଇଙ୍କ ଜେଜେ ବାପା,ଜେଜେ ମା'ଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପାଠ କରିବା ସହିତ କହିଲେ ଯେ ଜେଜେ ବାପା, ଜେଜେ ମା'ମାନେ ପରିବାରର ମୂଳଦୁଆ, ସେମାନଙ୍କୁ ଛାଡି ଭବିଷ୍ୟତ ପୀଢିର କଳ୍ପନା ଏବଂ ରାଷ୍ଟ୍ର ନିର୍ମାଣ ସମ୍ଭବ ନୁହେଁ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତେଜସ୍, ତ୍ରିଲୋକନାଥ, ପ୍ରିୟାଲ, ଲିଙ୍ଗରାଜ, ଦିବ୍ୟାଂଶୀ ଏବଂ ନିଖିଲ ଏହି ଦିବସ ପାଳନର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଲିପ୍ସା, ରଜନୀ, ଅନୁପ୍ରିୟା, ସନ୍ଧ୍ୟାରାଣୀ, କୁନ୍ତଳା, ସ୍ୱପ୍ନା, ବର୍ଷାରାଣୀ ପ୍ରମୁଖ କାର୍ଯ୍ୟକ୍ରମକୁ ସୁନ୍ଦର ଏବଂ ସରସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜେଜେ ବାପା, ଜେଜେ ମା' ମାନଙ୍କୁ ଫୁଲତୋଡା ଏବଂ ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛୋଟ ଛୋଟ ପିଲାମାନେ ସୁନ୍ଦର ନୃତ୍ୟ କରି ସମସ୍ତଙ୍କର ମନୋରଞ୍ଜନ କରିଥିଲେ। ଓଏସଡି ଦେବଯାନୀ, ସିଇଓ ଶୁଭଶ୍ରୀ, ଇଓ ମମତା, ପିଆର୍ଓ ସତ୍ୟ, ଏପିଆର୍ଓ ସୁଶୀଲ ଏବଂ ନିଖିଲ ସୁଚାରୁରୂପେ ପରିଚାଳନା କରିଥିଲେ। ଟ୍ରଷ୍ଟି ଶ୍ରୀମାନ ରାଜୀବ ରଞ୍ଜନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ▶▶ ମିଥ୍ୟା ଚିକିତ୍ସା ବିଲ୍‌ରେ ୧୮ ଲକ୍ଷ ଟଙ୍କା ହଡ଼ପ ଘଟଣା

# ମାମଲା ଭିଜିଲାନ୍ସରେ; ଦାଖଲ ହୋଇନି ଚାର୍ଜସିଟ୍

ଆନନ୍ଦପୁର, ୧୩।୯ (ସମିସ): ସରକାରୀ କର୍ମଚାରୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଚିକିତ୍ସା ବାବଦରେ ସରକାରୀ ସହାୟତା ମିଳୁଥିବାରୁ ବିଭିନ୍ନ ସମୟରେ ବିନା ଚିକିତ୍ସାରେ ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ ପେଠ କରି ସରକାରୀ ସହାୟତାକୁ ଲୁଟି ନେଇଛନ୍ତି ଆନନ୍ଦପୁର ଉପଖଣ୍ଡର କେତେକ କର୍ମଚାରୀ। ଘସିପୁରା ତହସିଲରେ ଜାଲି ଚିକିତ୍ସା ବିଲ ନକଲି ପ୍ରେସକ୍ରିପସନ୍ ଓ ମିଥ୍ୟା ଔଷଧ ବିଲ୍ ଦାଖଲ କରି ସରକାରୀ ତହବିଲରୁ ପ୍ରାୟ ୧୮ ଲକ୍ଷ ଟଙ୍କା ହଡ଼ପ ଘଟଣା ଏବେ ନୂଆ ମୋଡ଼ ନେଇଛି। ଅଭିଯୋଗର ତଦନ୍ତ ପାଇଁ ଓଡ଼ିଶା ପୁଲିସର ଅର୍ଥନୈତିକ ଅପରାଧ ଶାଖା ଗତ ଅଗଷ୍ଟ ୧୮ ତାରିଖରେ ଏହାକୁ ଭିଜିଲାନ୍ସ ଏଆଇଜିଙ୍କ ନିକଟକୁ ପଠାଇଛି।

ଘଟଣା ସମ୍ପର୍କରେ ସୂଚନା ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ଗତ ଜୁନ୍ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ ୧୧/୩୧.୫.୨୦୨୩ରେ ଘସିପୁରା ତହସିଲର କେତେକ ପୂର୍ବତନ କର୍ମଚାରୀ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଓ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସ ତଦନ୍ତରେ ଜାଲି ଏସେନ୍‌ସିଆଲିଟି ସାର୍ଟିଫିକେଟ୍, ମିଥ୍ୟା ଡାକ୍ତରୀ ପ୍ରେସକ୍ରିପସନ୍ ଓ ନକଲି ଔଷଧ ବିଲ୍ ଦାଖଲ ୧୮ ଲକ୍ଷ ଟଙ୍କା ସରକାରୀ ତହବିଲରୁ ହଡ଼ପ ହୋଇଥିବା ସ୍ପଷ୍ଟ ହୋଇଥିଲା। ତଦନ୍ତ ବେଳେ ସମ୍ପୃକ୍ତ ଚିକିତ୍ସା ଦଲିଲରେ ଥିବା ସିଲ୍ ଓ ସ୍ୱାକ୍ଷର ସେମାନଙ୍କର ନୁହେଁ ବୋଲି ଏସ୍‌ସିବି ମେଡିକାଲ କଲେଜର କେତେକ ଡାକ୍ତର କହିଥିବା ଅଭିଯୋଗପତ୍ରରେ ଭିଜିଲାନ୍ସ ନିଜ ଏତଲାରେ ଦର୍ଶାଇଛି। ଦଲିଲରେ ଉଲ୍ଲେଖ ଥିବା ଜଣେ ଡାକ୍ତର କେବେ ମଧ ଏସ୍‌ସିବି ମେଡିକାଲ କଲେଜରେ ପ୍ରଫେସର ଭାବେ କାର୍ଯ୍ୟ କରି ନଥିବା ନେଇ ମଧ ତଥ୍ୟ ମିଳିଥିବା ସ୍ପଷ୍ଟ ହୋଇଛି। ଏତେସବୁ ଦଲିଲପତ୍ର ଓ ସାକ୍ଷ୍ୟ ଥିବା ସତ୍ତ୍ୱେ ୨୦୨୩ରେ ମାମଲା ରୁଜୁ ହେବା ପରେ ମଧ ଏପର୍ଯ୍ୟନ୍ତ ଚାର୍ଜସିଟ୍ ଦାଖଲ ହୋଇ ନଥିବା ନେଇ ହିମାଂଶୁ ପ୍ରଶ୍ନ ଉଠାଇଛତି। ଏହାସହ ଘସିପୁରା, ହାଟଡିହି, ଆନନ୍ଦପୁର, ହରିଚନ୍ଦନପୁର ଓ ଘଟଗାଁ ସମେତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ତହସିଲରେ ସମାନ ଧରଣର ଅନିୟମିତତା ହୋଇଥିବା ଶ୍ରୀ ନାୟକ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଭିଜିଲାନ୍ସ ଏହି ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି ଏବଂ ମାମଲାରେ ଚାର୍ଜସିଟ୍ କେବେ ଦାଖଲ ହେଉଛି, ତାହାକୁ ନେଇ ନଜର ରହିଛି। ଅନ୍ୟପକ୍ଷରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ତହସିଲରେ ଏହି ଦୁର୍ନୀତି ସହ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ରାଜଧାନୀ ରକ୍ତଦାନ ଶିବିରରେ ସାମିଲ ହେବେ କେନ୍ଦୁଝରର ଶତାଧିକ ଯୁବକ



ଆନନ୍ଦପୁର, ୧୩।୯ (ସମିସ): ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ବିଶାଳ ରକ୍ତଦାନ ଶିବିର ପାଇଁ ରାଜ୍ୟବ୍ୟାପୀ ଆୟୋଜନ ଚାଲିଥିବା ବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ଘଷିପୁରା ଓ ହାଟଡିହି ବ୍ଲକ୍ ସମେତ ଆନନ୍ଦପୁର ପୌରାଞ୍ଚଳରୁ ଶତାଧିକ ଯୁବ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ନେଇ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଭୁବନେଶ୍ୱର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ ମୋଦିଜୀଙ୍କ ଜନ୍ମଦିନ ୧୭ ତାରିଖ ସକାଳ ୭ଟାଠାରୁ ବିଶାଳ ରକ୍ତଦାନ ଶିବିର ହେବ। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଯୁବକ/ଯୁବତୀ ସାମିଲ ହୋଇ ରକ୍ତଦାନ କରିବେ। ସେହିପରି କେନ୍ଦୁଝର ଜିଲ୍ଲାରୁ ବହୁସଂଖ୍ୟାରେ ରକ୍ତଦାତା ସାମିଲ ହେବେ। ସେବା ସଂକଳ୍ପ ଅଭିଯାନ ୧୭ ସେପ୍ଟେମ୍ବରଠାରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ମାସେ ବ୍ୟାପୀ ଚାଲିବ। ଏହି ଅବସରରେ ବୃକ୍ଷ ରୋପଣ, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ଅସହାୟଙ୍କୁ ବସ୍ତ୍ର ସହଯୋଗ, ସରକାରୀ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ଶ୍ରୀ ସାହୁ କହିଛନ୍ତି।

# ଆନନ୍ଦପୁର ରୋଟାରୀ ପକ୍ଷରୁ ମାତୃ ବନ୍ଦନା କାର୍ଯ୍ୟକ୍ରମ



ଆନନ୍ଦପୁର, ୧୩।୯ (ସମିସ): ଆନନ୍ଦପୁର ପୌରରିଷଦ ଅନ୍ତର୍ଗତ ଘଷିପୁରାସ୍ଥିତ ପିଏମଶ୍ରୀ ସରକାରୀ ଝାଡେଶ୍ୱର ଉଚ୍ଚବିଦ୍ୟାଳୟରେ ଆନନ୍ଦପୁର ରୋଟାରୀ କ୍ଲବ ଓ ସଂପୃକ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ମିଳିତ ଉଦ୍ୟମରେ ମାତୃ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଇଓ ଉମାକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଏବଂ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ସହ ରୋଟାରୀ କ୍ଲବର ବରିଷ୍ଠ କର୍ମକର୍ତ୍ତାଙ୍କ ଉଦବୋଧନ ଉପସ୍ଥିତ ଶ୍ରୋତାମଣ୍ଡଳୀକୁ ପ୍ରଭାବିତ କରିଥିଲା। ରୋଟାରୀ କ୍ଲବର ସଦସ୍ୟ ପ୍ରଫେସର ଗଙ୍ଗାଧର ମିଶ୍ରଙ୍କ କହିବା କଥା, ମହୁମାଛି ହୋଇ ସଞ୍ଚୟ କରିବାର ଦିନ ଆଉନହିଁ। ଏବେ ସମାଜ ପାଇଁ ମହମବତି ସଦୃଶ୍ୟ ନିଜେ ଜଳି ଅନ୍ୟକୁ ଆଲୋକିତ କରିବାର ସମୟ ଆସିଯାଇଛି। ଏହି ସଭାରେ ଅବସରପ୍ରାପ୍ତ ଆଇଏଏସ୍ ଅନିଲ କୁମାର ସାମଲ, ଯଜ୍ଞାଶିଷ ମହାପାତ୍ର, ଚେୟାରପରସନ୍ ପ୍ରଫେସର ସୁମିତ୍ରା ମିଶ୍ର, ପ୍ରଶାନ୍ତ ସ୍ୱାଇଁ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରାଜଲକ୍ଷ୍ମୀ ସ୍ୱାଇଁ, ଶିବାଶିଷ ସୁର, ଆନନ୍ଦପୁର ରୋଟାରୀ କ୍ଲବ ସଭାପତି ବିଘ୍ନେଶ୍ୱର ବେହେରା, ଅମ୍ବିକା ବଲ୍ଲଭ ସ୍ୱାଇଁ, ମଙ୍ଗିଲାଲ ବାଲ ଦେୱା, ଇନ୍ଦ୍ରଜିତ ସାହୁ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ ଓ ଅବସରପ୍ରାପ୍ତ ୮୫ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ଦାଶ, ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ରତିକାନ୍ତ ପତି, ଅବସରପ୍ରାପ୍ତ ପ୍ରଫେସର ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଧାନଶିକ୍ଷକ ଡ଼. ଆଲୋକ ରଣା, ଅବସରପ୍ରାପ୍ତ ବିଇଓ ଶରତଚନ୍ଦ୍ର ରାଉତ, ଶିକ୍ଷକ ଅଶୋକ କୁମାର ନାଥ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦୀକ୍ଷିତ, ବାଣୀ ସିଦ୍ଧି ପରିଡ଼ା ଓ ସଂପୃକ୍ତ ବିଦ୍ୟାଳୟର ସ୍କାଉଟ ଗାଇଡର ଛାତ୍ରଛାତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ବଣବୁଦାରେ ଶିଶୁ ଉଦ୍ୟାନ

# ଶିଉଳିରେ ପାଦଚଲା ରାସ୍ତା; ଅସୁରକ୍ଷିତ ପରିବେଶରେ ବ୍ୟାୟାମ

ଚମ୍ପୁଆ, ୧୩।୯ (ସମିସ)



ଲୋକଙ୍କ ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ତତ୍କାଳୀନ ଉପଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଉଦ୍ୟମରେ ରୁଙ୍ଗଟା କମ୍ପାନି ପକ୍ଷରୁ ନିର୍ମିତ ଶିଶୁ ଉଦ୍ୟାନ ଏବେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାରେ ଲାଗିଛି। ପାର୍କ ଭିତରେ ବଣବୁଦା ଓ ଅନାବନା ଘାସ ମାଡ଼ିଯାଇଥିବା ବେଳେ ପାଦଚଲା ରାସ୍ତାରେ ଶିଉଳି ଜମି ପରିସରକୁ ବିପଦପୂର୍ଣ୍ଣ କରିଦେଇଛି। ଏଭଳି ସ୍ଥିତିରେ ଶିଶୁ ଉଦ୍ୟାନ ଓ ଜିମ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ସେନେଇ ପ୍ରଶ୍ନ ଉଠିଛି। ପାର୍କର ଅବସ୍ଥା ଦେଖିଲେ ଦୀର୍ଘଦିନ ଧରି ସଫେଇ ଓ ରକ୍ଷଣାବେକ୍ଷଣ ହୋଇ ନଥିବା ଭଳି ପ୍ରତୀତ ହେଉଛି। ବଣବୁଦା ମାଡ଼ିଯିବାରୁ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିବାର ଆଶଙ୍କା ରହିଛି। ଶିଶୁମାନଙ୍କ ପାଇଁ ନିର୍ମିତ ଉଦ୍ୟାନର ଏଭଳି ଅବସ୍ଥା ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। କେବଳ ପାର୍କ ନୁହେଁ, ଏଠାରେ ଥିବା ଜିମ୍‌କୁ ନେଇ ମଧ ସମାନ ଅବ୍ୟବସ୍ଥା ଦେଖାଦେଇଛି। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଲୋକେ ବ୍ୟାୟାମ କରୁଛନ୍ତି। ପାର୍କ ଭିତର ପାଦଚଲା ରାସ୍ତାରେ ନୀଳ ରଙ୍ଗର ଶିଉଳି ଜମିଯାଇଥିବାରୁ ରାସ୍ତା ପିଚ୍ଛଳ ହୋଇପଡ଼ିଛି। ଏହାଦ୍ୱାରା ବ୍ୟାୟାମ କରିବାକୁ ଆସୁଥିବା ଲୋକଙ୍କ ଦୁର୍ଘଟଣାର ଆଶଙ୍କା ରହିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ସଚେତନ ହେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନଏସି ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ମଧ ଯଦି ସଫେଇ ଓ ରକ୍ଷଣାବେକ୍ଷଣ କାମ ହୋଇନାହିଁ, ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚରାଯିବାରୁ 'ସଫେଇ କାମ ଚାଲିଛି' ବୋଲି କହିଥିଲେ। ଯଦି ସଫେଇ କାମ ପ୍ରକୃତରେ ଚାଲିଛି, ତେବେ ପାର୍କରେ ଏପର୍ଯ୍ୟନ୍ତ ବଣବୁଦା କାହିଁକି ହଟିନାହିଁ। ପାଦଚଲା ରାସ୍ତାରୁ ଶିଉଳି କାହିଁକି ସଫା ହୋଇନାହିଁ। କୌଣସି ଅଘଟଣକୁ ଅପେକ୍ଷା ନକରି ଘଇଉ ପ୍ରଶାସନ ତୁରନ୍ତ ବଣବୁଦା ସଫା କରିବା, ଶିଉଳି ହଟାଇବା, ଜିମ୍ ଓ ଶିଶୁ ଉଦ୍ୟାନର ଯନ୍ତ୍ରପାତି ଯାଞ୍ଚ କରିବା ସହ ନିୟମିତ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରୁ; ନଚେତ ଲୋକଙ୍କ ପାଇଁ ନିର୍ମିତ ଏହି ସର୍ବସାଧାରଣ ସୁବିଧା କେବଳ ନାମକୁ ରହିଯିବ ବୋଲି ଅଭିଯୋଗ ହୋଇଛି।

# ପୂଜା ପୂର୍ବରୁ ବୁଲିଲା ବୁଲଡୋଜର 〉 କଲେଜ ଛକରୁ ଗଡ଼ଗଡ଼ିଆ ଯାଏଁ ହଟିଲା ଉଠାଦୋକାନ

ବାଲେଶ୍ୱର,୧୩।୯ (ସମିସ)



ଗଣେଶ ପୂଜା ପୂର୍ବରୁ ପୌରପାଳିକାର ଉଚ୍ଛେଦ ଅଭିଯାନ ଜୋରଦାର ହୋଇଛି। କିଛି ଦିନ ପୂର୍ବରୁ ଏଡିଏମ୍ ଛକରୁ କଣ୍ଠେଇ ଛକ ପର୍ଯ୍ୟନ୍ତ ଉଠାଦୋକାନ ହଟାଇବା ପରେ ଆଜି ଏଫ୍.ଏମ୍ କଲେଜ ରୋଡ୍‌ରେ ପୌରପାଳିକା ପକ୍ଷରୁ ଉଚ୍ଛେଦ କରାଯାଇଛି। କଲେଜ ଛକରୁ ଗଡ଼ଗଡ଼ିଆ ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକାନ ଓ ଜବରଦଖଲ ହଟାଇ ଦିଆଯାଇଛି। ଏଥିସହିତ ଏପଟେ କଲେଜ ଛକରୁ ହସ୍ପିଟାଲ ଆଡକୁ ଯାଇଥିବା ରାସ୍ତାରେ ମଧ୍ୟ ଦୋକାନ ଉଚ୍ଛେଦ କରାଯାଇଛି।

ପୂଜା ପୂର୍ବରୁ ରାସ୍ତାରେ ଯାତାୟାତ ସୁଗମ କରିବା, ଟ୍ରାଫିକ୍ ଜାମ୍ ହ୍ରାସ କରିବା ଓ ଜବରଦଖଲ ହଟାଇବା ପାଇଁ ପୌରପାଳିକାର ଏହି ତତ୍ପରତାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଉଚ୍ଛେଦ ଦୋକାନୀଙ୍କ ଥଇଥାନ କେବେ ଓ କେଉଁଠି ହେବ ଏହା ଏବେ ବଡ଼ ପ୍ରଶ୍ନ ହୋଇଛି। ବର୍ଷ ବର୍ଷ ଧରି ଛୋଟ ଠେଲା, ଗୁପଚୁପ, ଚାଟ୍, ଫାଷ୍ଟଫୁଡ୍, ଚା' ଓ ବିଭିନ୍ନ ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟ କରି ପରିବାର ଚଳାଉଥିବା ଲୋକଙ୍କୁ ଏକ ଦିନରେ ହଟାଇଦେବା ସହଜ; କିନ୍ତୁ ସେମାନଙ୍କୁ ଅନ୍ୟତ୍ର ବସାଇବା ନେଇ ପୌରପାଳିକାର କୌଣସି ସ୍ପଷ୍ଟ ରୋଡ୍‌ମ୍ୟାପ୍ ଅଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବାଲେଶ୍ୱର ସହରରେ ଷ୍ଟ୍ରିଟ୍ ଫୁଡ୍ ବ୍ୟବସାୟ ଏକ ବଡ଼ ଅନୌପଚାରିକ ଅର୍ଥନୀତିର ଅଂଶ ପାଲଟିଛି। ସନ୍ଧ୍ୟା ହେଲେ ସହରର ବିଭିନ୍ନ ରାସ୍ତାକଡ଼ରେ ଶହ ଶହ ଲୋକ ଏହି ଛୋଟ ବ୍ୟବସାୟ ଉପରେ ନିର୍ଭର କରି ରୋଜଗାର କରୁଛନ୍ତି। ପୂର୍ବରୁ ମଧ୍ୟ ବିଭିନ୍ନ ସ୍ଥାନରେ ଉଠାଦୋକାନ ଉଚ୍ଛେଦ ହୋଇଥିବା ବେଳେ କିଛି ସମୟ ପରେ ପୁଣି ସେହି ଅଞ୍ଚଳରେ ଦୋକାନ ବସିବାର ଅଭିଯୋଗ ଆସିଛି। ତେଣୁ ଉଚ୍ଛେଦ ଯଦି ସ୍ଥାୟୀ ସମାଧାନ ନୁହେଁ, ତେବେ ପୁଣି ସରକାରୀ କର୍ମଚାରୀ, ପୁଲିସ ଫୋର୍ସ ଓ ପୌର ଯନ୍ତ୍ରପାତି ଲଗାଇ ଉଚ୍ଛେଦ କରିବାର ଅର୍ଥ କ'ଣ? ବୋଲି ପ୍ରଶ୍ନ ଉଠିଛି। ଏହି ପରିସ୍ଥିତିରେ ପୌରପାଳିକା ପକ୍ଷରୁ ତୁରନ୍ତ ସହରରେ ଉଠାଦୋକାନୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଭେଣ୍ଡିଂ ଜୋନ୍, ଷ୍ଟ୍ରିଟ୍ ଫୁଡ୍ ଜୋନ୍ କିମ୍ବା ଫୁଡ୍ କୋର୍ଟ ଚିହ୍ନଟ କରିବାକୁ ଦାବି ଜୋରଦାର ହୋଇଛି। ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ବିକଳ୍ପ ସ୍ଥାନ ଦେବା ସହ ଆବଶ୍ୟକ ପରିଚୟପତ୍ର ଓ ବ୍ୟବସାୟ ଅନୁମତି ଦେବାକୁ ଦାବି ହୋଇଛି। ଏହାଦ୍ୱାରା ଦୋକାନୀଙ୍କ ଜୀବିକା ସୁରକ୍ଷିତ ହେବା ସହ ସହରର ରାସ୍ତା ମଧ୍ୟ ଜବରଦଖଲମୁକ୍ତ ରହିପାରିବ।ପ୍ରଶାସନ ଚାହିଁଲେ ଏହାକୁ ଏକ ସୁଯୋଗରେ ପରିଣତ କରିପାରିବ। ଏଫ୍.ଏମ୍ କଲେଜ ରୋଡ୍ ଓ ଅନ୍ୟ ଭିଡ଼ପୂର୍ଣ୍ଣ ଅଞ୍ଚଳରୁ ଦୋକାନ ହଟାଇବା ସହ ସହରର ଉପଯୁକ୍ତ ସ୍ଥାନରେ ଯୋଜନାବଦ୍ଧ ଷ୍ଟ୍ରିଟ୍ ଫୁଡ୍ ଜୋନ୍ ଗଢ଼ାଯାଇପାରିବ। ସେଠାରେ ପାନୀୟ ଜଳ, ଆଲୋକ, ଆବର୍ଜନା ପରିଚାଳନା, ପାର୍କିଂ ଓ ଶୌଚାଳୟ ଭଳି ମୌଳିକ ସୁବିଧା ରହିଲେ ଏହା ସହରର ଆକର୍ଷଣ ମଧ୍ୟ ବଢ଼ାଇପାରିବ। ଗଣେଶ ପୂଜା ପୂର୍ବରୁ ପୌରପାଳିକାର ଉଚ୍ଛେଦ ତତ୍ପରତା ଯଦି ସହରର ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବାରେ ସହାୟକ ହୁଏ, ତେବେ ଏହା ସ୍ୱାଗତଯୋଗ୍ୟ। ହେଲେ ଉଚ୍ଛେଦ ସହ ଥଇଥାନ ନହେଲେ ଏହି ଅଭିଯାନ ଅଧାରେ ଅଟକିଯିବ। ତେଣୁ ତୁରନ୍ତ ଥଇଥାନ ସ୍ଥାନ ଘୋଷଣା, ଯୋଗ୍ୟ ଦୋକାନୀଙ୍କ ତାଲିକା ପ୍ରକାଶ ଏବଂ ସ୍ଥାୟୀ ଭେଣ୍ଡିଂ ଜୋନ୍ ନିର୍ମାଣ ନେଇ ପୌରପାଳିକା ସ୍ପଷ୍ଟ ନୀତି ଘୋଷଣା କରୁ, ଏହି ଦାବି ଏବେ ଜୋର ଧରିଛି।



ଜଳେଶ୍ୱର ବ୍ଲକ: ଗଣେଶ ଚତୁର୍ଥୀ ଉପଲକ୍ଷେ ବାଲୁକାଶିଳ୍ପୀ ଅଜୟ ଘୋଷଙ୍କ କଳାକୃତି

## ବ୍ରାଉନସୁଗର ଖାଇ ଯୁବକଙ୍କ ମୃତ୍ୟୁ !

**ଜଳେଶ୍ୱର, ୧୩।୯ (ସମିସ):** ଜଳେଶ୍ୱର ଥାନା ଝାଡେଶ୍ୱରପୁର ଗ୍ରାମର ଛୁଟୁ ବିନ୍ଧାଣୀଙ୍କ ପୁଅ ସାଲକୁ ବିନ୍ଧାଣୀ ସୁବର୍ଣ୍ଣରେଖା ନଦୀ କୂଳ ରିଂ ରୋଡ ନିକଟରେ ମୃତ ଅବସ୍ଥାରେ ପଡିଥିବାର ଦେଖିବାକୁ ମିଳିଥିଲା। ପରିବାର ଲୋକେ ମୃତ ଦେହକୁ ଘରକୁ ଆଣିଥିବା ଜଣାଯାଇଛି। ତେବେ ସେ ପ୍ରତିଦିନ ବ୍ରାଉନସୁଗର ଖାଉଥିବା ନେଇ ପରିବାର ପକ୍ଷରୁ ଓ ଗ୍ରାମବାସୀ କହୁଥିବା ବେଳେ ଆଜି ବ୍ରାଉନସୁଗାର ଖାଇବାକୁ ଯାଇ ମୃତ୍ୟୁ ହୋଇଯାଇଥିବା ଶୁଣାଯାଇଛି। ଜଳେଶ୍ୱର ପୁଲିସ ପକ୍ଷରୁ ଏଥିନେଇ କୌଣସୀ ସୂଚନା ମିଳିନି । ଜଳେଶ୍ୱର ସହର ଓ ଗ୍ରାମାଂଚଳର ବିଭିନ୍ନ ଗଳିକନ୍ଦିରେ ପାନ ଦୋକାନଠାରୁ ଷ୍ଟେସନାରୀ ଦୋକାନ ପର୍ଯ୍ୟନ୍ତ ସବୁଠାରେ ବ୍ରାଉନ ସୁଗାର ବିକ୍ରୟ ଚାଲିଛି। ସହସହ ଯୁବକ, ଛାତ୍ର, ଛୋଟ ଛୋଟ ପିଲାମାନେ ପ୍ରତିଦିନ ନିଶା ସେବନ କରି ନିଜର ଜୀବନ ବିପନ୍ନ କରୁଛନ୍ତି। ସୁବର୍ଣ୍ଣରେଖା ନଦୀର କୂଳ ରିଂ ରୋଡରେ ଖୁଲମ ଖୁଲା ଭାବରେ ପ୍ରତିଦିନ ନିଶା କାରବାର ଚାଲିଛି। ଜଳେଶ୍ୱରରେ ଅବକାରୀ ଥାନା, ଅବକାରୀ ସାଟେଲାଇଟ ଥାନା, ଜଳେଶ୍ୱର ପୁଲିସ, ଏସଡିପିଓ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ଏହି ନିଶା କାରବାରଙ୍କୁ ବନ୍ଦ କରିବା ଆଜିଯାଏ ସମ୍ଭବ ହୋଇପାରିଲା ନାହିଁ। ଫଳରେ ସହର ଓ ଗ୍ରାମାଞ୍ଚଳର ଶହଶହ ଯୁବକ ବ୍ରାଉନସୁଗାର ଖାଇ ଜୀବନ ବିପନ୍ନ କରୁଛନ୍ତି। ଜଳେଶ୍ୱର ଅଳରେ ଦୀର୍ଘ ବର୍ଷଧରି ବିଭିନ୍ନ ନିଶା ଦ୍ରବ୍ୟ ବିକ୍ରୀର ମୁଖ୍ୟ ହବ ପାଲଟି ଯାଇଥିବା ବେଳେ ବ୍ରାଉନ ସୁଗାର ପାଇଁ ଜଳେଶ୍ୱର ସାରା ଦେଶର ମୁଖ୍ୟାଳୟ ପାଲଟିଯାଇଛି।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ଚନ୍ଦନେଶ୍ୱର,୧୩।୯ (ସମିସ):** ଜଣେ ଧର୍ମପରାୟଣା ମହିଳାଙ୍କ ପାଣିରେ ବୁଡ଼ି ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଭୋଗରାଇ ଥାନା ଅଧୀନ ନିମାତପୁର ପଞ୍ଚାୟତର ସେହି ଗ୍ରାମର ଖ୍ୟାତି ସମ୍ପନ୍ନ କଳାକାର ସ୍ୱର୍ଗତ ଗୌରାଙ୍ଗ ଚନ୍ଦ୍ର ଦାସଙ୍କ ଧର୍ମପତ୍ନୀ ଯମୁନା ଦାସ (୭୦) ଶନିବାର ବିଳମ୍ବିତ ରାତିରେ ଏକାକୀ ଶୌଚ ହେବାକୁ ଯାଇ ବାଡ଼ିରେ ଥିବା ପୋଖରୀରେ ବୁଡ଼ି ଯାଇଥିଲେ। ରାତିରେ ପରିବାରର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ରବିବାର ସକାଳେ ପୋଖରୀରେ ଯମୁନାଙ୍କ ଶାଢ଼ୀ ଭାସୁଥିବାର ଦେଖି ପରିବାର ତଥା ପଡୋଶୀ ମାନେ ଉଦ୍ଧାର କରିଥିଲେ । ପରେ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା, ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଖବର ପାଇ ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଲାଇ, ସମିତି ସଦସ୍ୟ ଭଗବାନ ଚନ୍ଦ୍ର ରଣା, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ସହିତ ଶତାଧିକ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଯମୁନା ଦେବୀଙ୍କ ପାଞ୍ଚ ପୁତ୍ର ଓ ପୁତ୍ର ବଧୂ ଜଣେ କନ୍ୟା, ଜାମାତା ଏବଂ ନାତି ନାତୁଣୀ ଓ ନାତୁଣୀ ବୋହୁ ମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ହୋଇଥିବା ବେଳେ ମଝିଆ ପୁଅ ତଥା ବିଶିଷ୍ଟ ଯାତ୍ରା କଳାକାର ସୁଦାମ ଚନ୍ଦ୍ର ଦାସ ମୁଖାଗ୍ନି ଦେଇଥିଲେ। ଯମୁନା ଦେବୀଙ୍କ ସ୍ୱର୍ଗତ ସ୍ୱାମୀ ଏବଂ ତାଙ୍କର ପାଞ୍ଚ ପୁତ୍ର ଓ ଏକମାତ୍ର କନ୍ୟା ସମସ୍ତେ ଗୀତିନାଟ୍ୟ କଳାକାର ହୋଇଥିବାରୁ ଅଞ୍ଚଳରେ ପରିବାରର ଏକ ସୁଖ୍ୟାତି ରହିଛି।

## ହଜିଥିବା ବ୍ୟାଗ୍ ଫେରିପାଇଲେ ରେଳଯାତ୍ରୀ

**ବାଲେଶ୍ୱର,୧୩।୯ (ସମିସ):** ବାଲେଶ୍ୱର ରେଳ ଷ୍ଟେସନରେ ଛାଡ଼ି ଯାଇଥିବା ଜଣେ ଯାତ୍ରୀଙ୍କ ମୂଲ୍ୟବାନ ସାମଗ୍ରୀ ଓ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଥିବା ବ୍ୟାଗ୍‌କୁ ରେଳବାଇ ସୁରକ୍ଷା ବଳ (ଆରପିଏଫ୍) ଠାବ କରି ନିରାପଦରେ ତାଙ୍କୁ ଫେରାଇ ଦେଇଛି। ସେପ୍ଟେମ୍ବର ୧୧ ତାରିଖରେ 'ରେଳ ମଦଦ୍' ମାଧ୍ୟମରେ ଏକ ଅଭିଯୋଗ ମିଳିଥିଲା ଯେ, ବାଲେଶ୍ୱର ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୨ରେ ଏକ ନୀଳ ରଙ୍ଗର ସ୍କାଏ ବ୍ୟାଗ୍ ଛାଡ଼ି ଯାଇଥିଲା। ବାଲେଶ୍ୱରର ଶିବଶଙ୍କର ଖଟୁଆ ଏହି ଅଭିଯୋଗ କରିଥିଲେ। ସେ ଟ୍ରେନ୍ ନମ୍ବର ୧୮୦୪୭ରେ ଯାତ୍ରା କରିଥିଲେ। ଅଭିଯୋଗ ପାଇବା ପରେ ସିଫ୍ଟ ତଦାରଖ ଓ ନିୟମିତ ରାଉଣ୍ଡ ସମୟରେ ଏଏସ୍‌ଆଇ ଏ.କେ. ମହାଲିକ ତୁରନ୍ତ ପଦକ୍ଷେପ ନେଇଥିଲେ। ତାଙ୍କ ସମନ୍ୱୟରେ ବ୍ୟାଗ୍‌ଟିକୁ ଠାବ କରାଯାଇ ସୁରକ୍ଷିତ ଭାବେ ଆରପିଏଫ୍ ପୋଷ୍ଟରେ ରଖାଯାଇଥିଲା। ସେପ୍ଟେମ୍ବର ୧୨ ତାରିଖ ସକାଳ ପ୍ରାୟ ୧୦ଟା ୩୦ ମିନିଟ୍‌ରେ ଶ୍ରୀ ଖଟୁଆ ଆରପିଏଫ୍ ପୋଷ୍ଟରେ ପହଞ୍ଚିଥିଲେ। ଆବଶ୍ୟକ ଯାଞ୍ଚ ଓ ପ୍ରମାଣିକରଣ ପରେ ବ୍ୟାଗ୍‌ଟିକୁ ଅକ୍ଷୁଣ୍ଣ ଅବସ୍ଥାରେ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ନିଜର ହଜିଥିବା ବ୍ୟାଗ୍ ଓ ସାମଗ୍ରୀ ଫେରି ପାଇବା ପରେ ଶ୍ରୀ ଖଟୁଆ ଆରପିଏଫ୍ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ।



## ଚୋରା ବାଲି ଟ୍ରାକ୍ଟର ଜବତ

**ରାଜଘାଟ, ୧୩।୯ (ସମିସ):** ବସ୍ତା ଥାନା ଅମର୍ଦାରୋଡ ପୁଲିସ ଫାଣ୍ଡି ଅନ୍ତର୍ଗତ ଭେଲୋରା ଗ୍ରାମ ନିକଟରୁ ଏକ ବେଆଇନ ବାଲି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟରକୁ ପୁଲିସ ଜବତ କରିଛି। ଅମର୍ଦାରୋଡ ଫାଣ୍ଡି ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ଟ୍ରାକ୍ଟର ଜବତ କରାଯିବା ସହ ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ଏହି ଅଞ୍ଚଳରେ ଦୀର୍ଘ ଦିନ ହେବ ବେଆଇନ ଭାବେ ପରିବହନ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ରକ୍ତଦାନ ଶିବିର; ୪୭ ୟୁନିଟ୍ ସଂଗ୍ରହ




**ବାଲେଶ୍ୱର,୧୩।୯ (ସମିସ):** ବାୟୁସେନା ସଙ୍ଗଠନର ୪୭ତମ ସ୍ଥାପନା ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସଙ୍ଗଠନ ଓ ୱେଲନେସ୍ ଅନ୍ ହ୍ୱିଲ୍ସ ସଂସ୍ଥାର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ରକ୍ତ ଭଣ୍ଡାରଠାରେ ଆୟୋଜିତ ଏହି ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଶିବିରରେ ବାୟୁସେନା ସଙ୍ଗଠନର ଅଶୋକ ଦାଶ, ମାନସ ନାୟକ, ସୁଜୟ କୁମାର ଦାସ, ଦାମୋଦର ସାହୁ, ସୁଦୀପ୍ତ ସାହୁ, କ୍ରାନ୍ତି କ୍ରିଷ୍ଣା, ହିରଣ୍ମୟୀ ପଣ୍ଡା ଏବଂ ୱେଲନେସ୍ ଅନ୍ ହ୍ୱିଲ୍ସର ପ୍ରତିଷ୍ଠାତା ସଲିମ ରାଜାଙ୍କ ନେତୃତ୍ୱରେ ଆତଙ୍କ ପରିବାରର ସୁଭାଶିଷ ବେହେରା, ସବ୍ୟସାଚୀ ଦାଶ, ଦୀପକ ପ୍ରସାଦ ଦାଶ, ଅଭିନାଶ ଦାଶ, ସୁବେଦାର ମେଜର ଜି.କେ. ଦାଶ, ସୁଧାଂଶୁ ଶେଖର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାୟୁସେନା ସଂଗଠନ ସଭାପତି ଶିବଦାସ କୁଣ୍ଡୁ, ସମ୍ପାଦକ ମହେଶ୍ୱର ବେହେରା, ଉପସଭାପତି ଗୋପୀନାଥ ଦାସ, ବଂଶୀଧର ସାହୁ, ସହ ସମ୍ପାଦକ ରାଜକିଶୋର ଜେନା, କାର୍ଯ୍ୟକାରୀ ସଦସ୍ୟ ଗୋପୀନାଥ ମହାପାତ୍ର, ଉମାକାନ୍ତ ମହାପାତ୍ର, ରାଜେଶ ସାହୁ, ରଘୁନାଥ ପଣ୍ଡା, ରସାନନ୍ଦ ବେହେରା, ସମାଜସେବୀ ସତ୍ୟେନ୍ଦ୍ର ଦାସ, ଶେଖ ଆରକାନ, ଓମ ପ୍ରକାଶ ସାହୁ, ବି ଏମ ଦାସ, ଏସ୍ ଶେଖ ଅବଦୁଲ ରହିମ, ଏସ କେ ଅଝରରୁଦିନ, ଶେଖ ହାଇଦର ଏବଂ ବାୟୁସେନା ସଙ୍ଗିନୀ ସଙ୍ଗଠନର ସ୍ୱପ୍ନା କୁଣ୍ଡୁ, ମିନତି ସାହୁ, ଅନୁପମା ଜେନା, ପୁଷ୍ପା ମହାନ୍ତ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।

## ବିଜୟାଞ୍ଜଳି ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠା ଦିବସ

**ବାଲେଶ୍ୱର, ୧୩।୯ (ସମିସ) :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଖନ୍ତାପଡ଼ା ପଞ୍ଚାୟତସ୍ଥିତ ବିଜୟାଞ୍ଜଳି ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସର ୧୭ତମ ପ୍ରତିଷ୍ଠା ଦିବସ 'ଇଓଫୋରିଆ' ଉତ୍ସାହ ଓ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୀତାରାମ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ଶିକ୍ଷାର ଶକ୍ତିକୁ ଉପଯୋଗ କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଯୁବପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଉତ୍ସବରେ ଅନୁଷ୍ଠାନର ଚେୟାରମ୍ୟାନ ବିଦ୍ୟୁବେନ୍ଦୁ ପାତ୍ର, ସୋରର ଅତିରିକ୍ତ ତହସିଲଦାର ସଂଜୀବ ପାତ୍ର, ବରିଷ୍ଠ ଛାତ୍ର ଆଲୋକ ଭଞ୍ଜ ଏବଂ ଅନ୍ୟତମ ଅଧ୍ୟକ୍ଷ ଡ଼ଃ ଚନ୍ଦନ କୁମାର ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନରେ ନବାଗତ ଛାତ୍ରଛାତ୍ରୀଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଆୟୋଜିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ପରିବେଷଣ ମାଧ୍ୟମରେ ଉତ୍ସବକୁ ରଙ୍ଗାରଙ୍ଗ କରିଥିଲେ।




## ଝାଡେଶ୍ୱର ଇଞ୍ଜିନିୟରିଂ କଲେଜରେ ନବାଗତଙ୍କୁ ସ୍ୱାଗତ




**ବାଲେଶ୍ୱର,୧୩।୯ (ସମିସ):** ଝାଡେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ଅଧୀନ ଝାଡେଶ୍ୱର ଇଞ୍ଜିନିୟରିଂ କଲେଜରେ ଫ୍ରେସର୍ସ ଡେ "ଆଇଏନସିଇପିଟିଏ ୨୦୨୬-୨୭' ଭବ୍ୟ ଉତ୍ସାହର ସହ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ନବାଗତ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗଦମ୍ବା ପଲିମର ଲିମିଟେଡ୍, ବାଲେଶ୍ୱରର ପରିଚାଳନା ନିର୍ଦ୍ଦେଶକ ଚନ୍ଦ୍ର ପ୍ରକାଶ ଭାରତୀୟା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିସିଏସ୍ ଓଡ଼ିଶାର ଡେଲିଭରୀ ହେଡ୍ ଡ. ଶ୍ରୀକାନ୍ତ କୁମାର ମହାପାତ୍ର ଏବଂ ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ସିଓଓ ରାଜେଶ କୁମାର ତ୍ରିପାଠୀ ନବାଗତଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଝାଡେଶ୍ୱର ଗ୍ରୁପ୍‌ର ଚେୟାରମ୍ୟାନ ପରମାନନ୍ଦ ସାନ୍ତରା, ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ସାନ୍ତରା, ଡିନ୍ ଡ. ବିନାୟକ ସାହୁ, ପ୍ରଶାସନିକ ଅଧିକାରୀ ପତିତପାବନ ସାହୁ ଏବଂ ଇଞ୍ଜିନିୟରିଂ କଲେଜ ନିର୍ଦ୍ଦେଶକ ପ୍ରଫେସର ଡ. ଶରତ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରି ନବାଗତଙ୍କୁ ସ୍ୱାଗତ ଜଣାଇଥିଲେ। ଅତିଥିମାନେ ଶିକ୍ଷାଗତ ସଫଳତା ସହ ଦକ୍ଷତା ବିକାଶ, ଶୃଙ୍ଖଳା, ନୈତିକତା, ସୃଜନଶୀଳତା ଓ ନେତୃତ୍ୱ ଗୁଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ ଓ ପ୍ରତିଭା ପ୍ରଦର୍ଶନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। "ଆଇଏନସିଇପିଟିଏ' କେବଳ ସ୍ୱାଗତ ସମାରୋହ ନୁହେଁ, ନୂଆ ପିଢ଼ିର ଇଞ୍ଜିନିୟରଙ୍କ ସ୍ୱପ୍ନ ଓ ସଫଳତାର ନୂଆ ଯାତ୍ରାର ଶୁଭାରମ୍ଭ ବୋଲି ମତ ପ୍ରକାଶ ପାଇଥିଲା।

## ଶିଖରପୁର ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଜଳେଶ୍ୱର,୧୩।୯ (ସମିସ):** ଶିଖରପୁର ପଞ୍ଚାୟତର ୩ଥର ସରପଞ୍ଚ, ବିକାଶର ମୁଖ୍ୟ ବିନ୍ଧାଣି ହରେକୃଷ୍ଣ ଗିରିଙ୍କ ତ୍ରୟୋଦଶ ଦିବସରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ରାଜନଗର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସିଦ୍ଧାର୍ଥ ଶଙ୍କର ପାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା,କମଳ କୁମାର ଚକ୍ରବର୍ତ୍ତୀ, ସରପଞ୍ଚ ବିଦ୍ୟାଧର ମଲ୍ଲିକ, କବି ବସନ୍ତ ଦାସ, ନୀଳକଣ୍ଠ ଖଣ୍ଡା, ମଧୁସୂଦନ ସେନାପତି, ପୂର୍ଣ୍ଣଚନ୍ଦ୍ର ଓଝା, ଶିଶିର ହୁଇ, ହେମନ୍ତ ଗିରି, ରାଜୀବ ପରିଡ଼ା, ଲେଲିନ ପ୍ରଧାନ, ଭାନୁ କିରଣ ବାରିକ,ରଞ୍ଜନ ଘୋଷ,ବଳରାମ ଓଝା,ଝାଡେଶ୍ୱର ଦାସ,ବ୍ରଜେନ୍ଦ୍ର ନାଥ ଦାସ,ରମେଶଚନ୍ଦ୍ର ନାୟକ,ଦେବେନ୍ଦ୍ର ଗିରି,ଅଜୟ ମହାନ୍ତି,ଯତୀନ୍ଦ୍ର ମହାନ୍ତି,ମଧୁ ଦତ୍ତ, ନିରଞ୍ଜନ ଦାସ, ଦିଲ୍ଲୀପ ପରିଡ଼ା, ଚିତ୍ତରଞ୍ଜନ ଗିରି,ସୁଶାନ୍ତ ଦାସ,ଗଣେଶ ପାତ୍ର, ଲକ୍ଷ୍ମୀଧର ଗିରି, ମନୋରଞ୍ଜନ ଦାସ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଅତିଥି ମାନଙ୍କ ହସ୍ତରେ "ଜନ ମାନସରେ ହରେକୃଷ୍ଣ' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୁତ୍ର ରବିନ୍ଦ୍ର ଗିରି, ସବେନ୍ଦ୍ର ଗିରି, ପୁତୁରା ପ୍ରବୀଣ ଗିରି, ଚନ୍ଦନ ଗିରି, ଝିଅ ଜ୍ୱାଇଁ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ କର୍ମଶାଳା

**ନୀଳଗିରି, ୧୩।୯ (ସମିସ):** ନାରୀ ସୃଷ୍ଟିର ଏକମାତ୍ର ଐଶ୍ୱର୍ଯ୍ୟ, ନାରୀର ମନରାଜ୍ୟ ଅତୀବ ଗଭୀର। ପାରିବାରିକ ଏକତାରେ ପ୍ରେମରେ ଗୁରୁତ୍ୱ ଅନେକ ଅଛି। ନାରୀ ସାମାଜିକ ମୂଲ୍ୟବୋଧର ଅଗ୍ରଣୀ ଦୂତ ତଥା ଅନେକ ତଥ୍ୟ ଆଜି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୁଥ ରେଡ କ୍ରସ ଓ ରେଡ ରିବନ କ୍ଲବ ତରଫରୁ ଆୟୋଜିତ ଏକ କର୍ମଶାଳାରେ ପ୍ରକାଶ ପାଇଛି। ଆଜି ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁଥ ରେଡ କ୍ରସ ଓ ରେଡ ରିବନ କ୍ଲବ ଦ୍ୱାରା ଛାତ୍ରୀମାନଙ୍କ ପାଇଁ ଏକ ସଚେତନତା ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବରିଷ୍ଠ ପ୍ରାଧ୍ୟାପିକା ମମତା ବରାଳ, ଡ. ଶିବାନୀ ଡଗର, ମଣିମାଳା ବିଶ୍ୱାଳ, ଅଧ୍ୟାପିକା ମୌସୁମୀ ଭୋଳ, ମୋନାଲିସା ଭୋଳ, ମମତା ପ୍ରିୟଦର୍ଶିନୀ ସାହୁ, ସୁଷମା ସିଂହ, ପବିତ୍ରା ବେହୁରିଆ ଯୋଗଦେଇ ନାରୀ ମନସ୍ତତ୍ତ୍ୱ ଉପରେ ନିଜନିଜର ସ୍ୱକୀୟ ଅନୁଭୂତି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଯୁଥ ରେଡ କ୍ରସର କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଦେବାସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ପୁଷ୍ପଲତା ବେହେରା ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ।

## ମା' ଦୁର୍ଗା କମିଟିର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୧୩।୯ (ସମିସ):** ମା' ଦୁର୍ଗା କମିଟି, ଦହପଡ଼ାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦହପଡ଼ା ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଆଦର୍ଶ ଥାନା ସହଦେବଖୁଣ୍ଟାର ଭାରପ୍ରାପ୍ତ ଅଧିକାରୀ ଆଲୋକ କୁମାର ବେହେରା ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ବୈଠକକୁ କମିଟି ଉପଦେଷ୍ଟା ସୁଦର୍ଶନ ବେହେରା ପରିଚାଳନା କରିଥିଲେ। ଦୀର୍ଘ ଦିନର ପ୍ରତୀକ୍ଷା ପରେ କମିଟି ସରକାରୀ ସ୍ତରରେ ପଞ୍ଜୀକୃତ ହୋଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ଅବସରରେ ବହୁବିଧ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କମିଟିର ଚେୟାରମ୍ୟାନ ଅଶୋକ କୁମାର ପ୍ରଧାନ ୨୫ ବର୍ଷର ଯାତ୍ରାରେ କମିଟି ସାମ୍ନା କରିଥିବା ଘାତ-ପ୍ରତିଘାତ ସମ୍ପର୍କରେ ଆଲୋକପାତ କରିଥିଲେ। ବସନ୍ତ ତରେଇ ସଦସ୍ୟମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଶେଷରେ ଭାଇସ୍ ଚେୟାରମ୍ୟାନ ଗଙ୍ଗାଧର ଦାସ ଆଗାମୀ ଦିନରେ କମିଟି ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ହାତକୁ ନେବ ଏବଂ ଏହା ଜିଲ୍ଲାରେ ଅଦ୍ୱିତୀୟ ହେବ ବୋଲି ଆଶା ପ୍ରକାଶ କରି ଧନ୍ୟବାଦ ଜଣାଇଥିଲେ। ଏହି ବୈଠକରେ ସନାତନ ଜେନା, ମନ୍ମଥ ପାତ୍ର, ରମାକାନ୍ତ ପାତ୍ର, ଅଶୋକ କୁମାର ବେହେରା, ଅଜୟ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ପ୍ରଧାନ, ବିରେନ୍ ତରେଇ, ସୁନୀଲ କୁମାର ନାୟକ, ଅଜୟ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ସ୍ମୃତି ସମାରୋହ

ବାଲେଶ୍ୱର,୧୩।୯ (ସମିସ)

ଧର୍ମ ଜାଗରଣ ସମନ୍ୱୟ, ବାଲେଶ୍ୱର ପକ୍ଷରୁ ପୂଜ୍ୟ ରାଷ୍ଟ୍ରସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମହାରାଜଙ୍କ ୧୮ତମ ବଳିଦାନ ସ୍ମୃତି ସମାରୋହ ତଥା "ଧର୍ମରକ୍ଷା ଦିବସ-୨୦୨୬' ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଶ୍ରଦ୍ଧା ଓ ଗମ୍ଭୀରତାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମହାରାଜଙ୍କ ଧର୍ମ, ସଂସ୍କୃତି, ଶିକ୍ଷା ଓ ବନବାସୀ ସମାଜର କଲ୍ୟାଣ କ୍ଷେତ୍ରରେ ଥିବା ଅବଦାନ ଏବଂ ତାଙ୍କ ବଳିଦାନକୁ ସ୍ମରଣ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ନିଗମ କଳ୍ପତରୁ ଆଶ୍ରମର ପୂଜ୍ୟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଏବଂ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବକ୍ଷେତ୍ର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଜୀବନ, ଆଦର୍ଶ, ସେବା ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଧର୍ମ ଜାଗରଣ ସମନ୍ୱୟ ବାଲେଶ୍ୱରର ଜିଲ୍ଲା ସଂଯୋଜକ ଅଦ୍ୱୈତ କୁମାର ଦାସ, ନଗର ସଂଯୋଜକ ଦିବାକର ମହାପାତ୍ର, ନଗର ସହ-ସଂଯୋଜକ ରତିକାନ୍ତ ନାୟକଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା, ଧର୍ମପ୍ରେମୀ, ସାମାଜିକ କର୍ମୀ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ।



ସକାଳ
THE SAKALA



# ସମ୍ପାଦକୀୟ



ମନ୍ଦବୁଦ୍ଧିରୁ ହିଁ ସନ୍ଦେହ ଜନ୍ମ ନିଏ।
-ୱିଲିୟମ ସେକ୍ସପିୟର

## ଘରୋଇକରଣ ପଥେ ଇସ୍ରୋ!

ଜ୍ଞାନବିଜ୍ଞାନରେ ଭାରତୀୟ ଜୟଯାତ୍ରାର ପ୍ରତୀକ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ)ର ସାର୍ବଭୌମତ୍ୱ ଏବେ ସଙ୍କଟରେ। ଗତ କିଛିମାସ ଧରି ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀମାନେ ଇସ୍ତଫା ଦେବାର ଅବିରତ ଧାରା ଆରମ୍ଭ ହୋଇସାରିଛି। ଦିନକୁ ଦିନ ମାନବ ସମ୍ବଳ ସଙ୍କଟର ସମ୍ମୁଖୀନ ହୋଇଚାଲିଥିବା ଇସ୍ରୋ ଏବେ ଘରୋଇକରଣ ଦିଗକୁ ଗତି କରୁଛି ବୋଲି ଅଭିଯୋଗ ହେଉଛି। ଇସ୍ରୋ ଆଉ ଭବିଷ୍ୟତରେ ଉତ୍କ୍ଷେପଣ ଯାନ ଉତ୍ପାଦନ କରିବ ନାହିଁ ଏବଂ ନିର୍ମାଣାଧୀନ ଉତ୍କ୍ଷେପଣ ଘାଟିଗୁଡ଼ିକର ପରିଚାଳନାରୁ ଓହରି ଆସିବ ବୋଲି ଇସ୍ରୋର ସହଯୋଗୀ ସଂସ୍ଥା ଇନ୍-ସ୍ପେସ୍‌ର ଅଧ୍ୟକ୍ଷ ସୂଚନା ଦେବା ପରେ ଇସ୍ରୋର ଘରୋଇକରଣ ଆଶଙ୍କା ଆହୁରି ଘନୀଭୂତ ହୋଇଛି। ଇତିମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଜ୍ଞାନକୌଶଳ ଘରୋଇ ସଂସ୍ଥାମାନଙ୍କୁ ହସ୍ତାନ୍ତର କରିବାର ପ୍ରକ୍ରିୟା ଜାରି ରହିଛି। ତେଣୁ ଇସ୍ରୋର ଏକାଧିକ କର୍ମଚାରୀ ସଂଘ ସଂସ୍ଥାର ଭବିଷ୍ୟତ ସମ୍ପର୍କରେ ସ୍ପଷ୍ଟୀକରଣ ଚାହିଁଛନ୍ତି। ମହାକାଶ ବିଜ୍ଞାନ ଓ ଗବେଷଣା ବିଭାଗ ଅଧୀନରେ କାର୍ଯ୍ୟରତ ଇନ୍-ସ୍ପେସ୍(ଇଣ୍ଡିଆନ୍ ନ୍ୟାଶନାଲ୍ ସ୍ପେଶ୍ ପ୍ରୋମୋସନ୍ ଆଣ୍ଡ ଅଥରାଇଜେସନ୍ ସେଣ୍ଟର) ଭାରତର ମହାକାଶ ସମ୍ବଳକୁ ଉତ୍ତମ ବ୍ୟବହାରଯୋଗ୍ୟ କରିବା ପାଇଁ ଇସ୍ରୋ ଓ ଘରୋଇ ସଂସ୍ଥା ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ ଭାବେ କାର୍ଯ୍ୟ କରୁଛି। ତେଣୁ ଉକ୍ତ ସଂସ୍ଥାର ଅଧ୍ୟକ୍ଷଙ୍କ ସୂଚନା ଇସ୍ରୋର ଅସ୍ତିତ୍ୱ ଉପରେ ଅନେକ ପ୍ରଶ୍ନ ଉଠାଇଛି। ଇସ୍ରୋର ଅଧ୍ୟକ୍ଷ ଘରୋଇକରଣ ସମ୍ଭାବନାକୁ ଅସ୍ୱୀକାର କରିଥିଲେ ମଧ୍ୟ ସେଠାରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ ବୋଲି ବୁଝାପଡୁଛି।

୨୦୨୦ରେ ଭାରତର ମହାକାଶ ଗବେଷଣାକୁ ଘରୋଇ ସଂସ୍ଥାଙ୍କ ପାଇଁ ଉନ୍ମୁକ୍ତ କରିଦେବା ପରେ ୨୦୨୩ରେ ଇଣ୍ଡିଆନ୍ ସ୍ପେଶ୍ ପଲିସି(ଭାରତୀୟ ମହାକାଶ ନିୟମ) ପ୍ରଣୟନ ହୋଇଥିଲା ଏବଂ ଏହି ନିୟମ ବଳରେ ଇସ୍ରୋ, ଇନ୍-ସ୍ପେଶ୍ ଓ ନ୍ୟୁ ସ୍ପେଶ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ଏସ୍‌ଆଇଏଲ୍)ର କାର୍ଯ୍ୟସୀମା ନିର୍ଦ୍ଧାରିତ ହୋଇଥିଲା। ଅର୍ଥାତ୍ ଇସ୍ରୋର ଏକପ୍ରକାର ପକ୍ଷଛେଦନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିଲା। ଉକ୍ତ ନିୟମରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ ଇସ୍ରୋ ମହାକାଶ ବିଜ୍ଞାନର ନବଉନ୍ମେଷ, ଗବେଷଣା, ଦକ୍ଷତା ବିକାଶ, ଉପଗ୍ରହ ତଥ୍ୟ ସଂରକ୍ଷଣ ଓ ଯୋଗାଣ, ମହାକାଶରେ ମାନବ ଜୀବନର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବ, କିନ୍ତୁ କୌଣସି ଯାନ୍ତ୍ରିକ ନିର୍ମାଣରେ ତାହାର ଅଧିକାର ରହିବ ନାହିଁ। ଅପରପକ୍ଷରେ 'ଇନ୍-ସ୍ପେଶ୍' ହାତରେ ମହାକାଶ ଗବେଷଣାରେ ଘରୋଇ କାର୍ଯ୍ୟକଳାପ ବିକାଶ, ଉପଗ୍ରହ ସ୍ଥାପନ, ଉତ୍କ୍ଷେପଣ ଓ ଘାଟି ନିର୍ମାଣ, କକ୍ଷ ପଥ ପରିଚାଳନା ନିୟନ୍ତ୍ରଣ, ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଆଦି ଅଧିକାର ନ୍ୟସ୍ତ ହୋଇଛି। ସେହିପରି 'ଏନ୍‌ଏସ୍‌ଆଇଏଲ୍'କୁ ଭାରତୀୟ ମହାକାଶ ଗବେଷଣା ସଂକ୍ରାନ୍ତୀୟ ବାଣିଜ୍ୟିକ କାର୍ଯ୍ୟକଳାପ ଦାୟିତ୍ୱ ଦିଆଯାଇଛି। 'ଏନ୍‌ଜିଇ' ନାମକ ଆଉ ଏକ ଘରୋଇ ସଂସ୍ଥା ଏବେ ଯାବତୀୟ ପରିବହନ ଦାୟିତ୍ୱ ନେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ଏସଏସ୍‌ଏଲ୍‌ଭି(ସ୍ମଲ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍) ବା ହାଲ୍‌କା ଉତ୍କ୍ଷେପଣ ଯାନ ନିର୍ମାଣ ନିମନ୍ତେ ଏଚଏଏଲ୍ ୨୦୨୫ରେ ୫୧୧ କୋଟି ଟଙ୍କାର ଟେଣ୍ଡର ପାଇଛି। ସେହିପରି ଏଚଏଏଲ୍ ଓ ଏଲ୍ ଆଣ୍ଡ ଟିର ଯୌଥ ଉଦ୍ୟୋଗକୁ ପିଏସ୍‌ଏଲ୍‌ଭି ନିର୍ମାଣ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଲ୍‌ଭିଏମ୍୩ ନିର୍ମାଣ ଏବଂ ତାମିଲନାଡୁର ଥୁଥୁକୁଡି ଜିଲ୍ଲାର କୁଲଶେଖରପାଟିନମ୍‌ରେ ଏକ ଉତ୍କ୍ଷେପଣ ଘାଟି ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି।

ଏହାପଛର ମୂଳ ଉଦ୍ଦେଶ୍ୟଟି ହେଉଛି ଭାରତୀୟ ମହାକାଶ ବିଜ୍ଞାନ ଓ ଗବେଷଣାର ବାଣିଜ୍ୟକରଣ ଏବଂ ଇସ୍ରୋର ଖର୍ଚ୍ଚ କାଟ। ବିଶ୍ୱର ମହାକାଶ ବିଜ୍ଞାନ ବଜାରରେ ଭାରତର ଅବଦାନ ଏବେ ମାତ୍ର ୨% ବା ୮୦୦ କୋଟି ଡଲାର। ୨୦୩୩ ସୁଦ୍ଧା ଏହାକୁ ୪୪୦୦ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଗତ ଜୁଲାଇ ୨୩ ତାରିଖରେ କେନ୍ଦ୍ର ସରକାର ସଂସଦରେ ଦେଇଥିବା ସୂଚନା ଅନୁଯାୟୀ ୨୦୧୪ରେ ଭାରତରେ ମାତ୍ର ଗୋଟିଏ ଘରୋଇ ମହାକାଶ ବିଜ୍ଞାନ ସଂସ୍ଥା ଥିବା ବେଳେ ୨୦୨୬ ସୁଦ୍ଧା ୪୦୦ଟି ସଂସ୍ଥା କାର୍ଯ୍ୟରତ। ସେହିପରି ୨୦୨୧-୨୨ରେ ଭାରତରେ ମହାକାଶ ବିଜ୍ଞାନ ଷ୍ଟାର୍ଟଅପ୍‌ରେ ମୋଟ ପୁଞ୍ଜି ନିବେଶ ପରିମାଣ ୧୦୦.୫ ନିୟୁତ ଡଲାର ଥିବା ବେଳେ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ତାହା ୬୧୮.୫ ନିୟୁତ ଡଲାରକୁ ବୃଦ୍ଧି ପାଇଛି। ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ବୈଜ୍ଞାନିକମାନଙ୍କୁ ଯେତିକି ଦରମା ଦେଉଛନ୍ତି ତାହା ଇସ୍ରୋର ଦରମାଠାରୁ ୫/୬ ଗୁଣା ଅଧିକ। ତେଣୁ ଇସ୍ରୋର ବୈଜ୍ଞାନିକମାନେ ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଅନାଗ୍ରହୀ ହେବା ସ୍ୱାଭାବିକ।

ଏହି ବାଟ ଦେଇ ଇସ୍ରୋର ଘରୋଇକରଣ ପ୍ରକ୍ରିୟାର ବାଟ ଫିଟିଛି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଦେଶ ପାଇଁ କାର୍ଯ୍ୟ କରିବାର ଆନନ୍ଦ ଓ ଅନୁଭୂବ ଅନନ୍ୟ। କିନ୍ତୁ ଯେଉଁଠି ଅର୍ଥ ଓ ପ୍ରତିପତ୍ତି ଲୋଭ ପାଇଁ ନିର୍ବାଚିତ ଜନପ୍ରତିନିଧିମାନେ ଆଇନର ଗଳାବାଟ ଦେଇ ଦଳ ବଦଳାଇ ପାରୁଛନ୍ତି ସେଠାରେ ବୈଜ୍ଞାନିକମାନେ ଚାକିରି ଛାଡ଼ିବେ ନାହିଁ କାହିଁକି ବୋଲି ମଧ୍ୟ ଯୁକ୍ତି ହେଉଛି। ଇସ୍ରୋ ଛାଡ଼ିଥିବା କେତେକ ବୈଜ୍ଞାନିକଙ୍କ ମତରେ ସରକାରୀ କ୍ଷେତ୍ରରେ କାମ କରି ଆଗକୁ ବଢ଼ିବାର ସୁଯୋଗ ନାହିଁ। ଅନ୍ୟ ଅର୍ଥରେ କହିଲେ ଗବେଷଣା, ନବସୃଜନ ଆଧାରିତ ପଦୋନ୍ନତିର ପରିବେଶ ସରକାରୀ କ୍ଷେତ୍ରରେ ସଂକୁଚିତ। ତେଣୁ ଯେଉଁଠି ସେ ସୁଯୋଗ ରହିଛି ସେଠାକୁ ପ୍ରତିଭା ପଳାୟନ ଏକ ସାଧାରଣ କଥା। କିନ୍ତୁ ଭାରତରୁ ଏଭଳି ପ୍ରତିଭା ପଳାୟନ ଜାରି ରହିଲେ ଇସ୍ରୋର ମୂଳ ଲକ୍ଷ୍ୟ ସୁଦୂର ପରାହତ ହେବ। ଅଧିକନ୍ତୁ ମେକ୍ ଇନ୍ ଇଣ୍ଡିଆ ଘରୋଇ ସଂସ୍ଥାଙ୍କ ଅଧୀନରେ ପରିଚାଳିତ ଓ ସାକାର ହେବା ଅସମ୍ଭବ ନୁହେଁ। ●

## ପ୍ରଗତିର ମାପଦଣ୍ଡ: ଆମେ ଆଜି କେଉଁ ସୋପାନରେ?

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ହଜାର ହଜାର ବର୍ଷ ପୂର୍ବେ ଏ ପୃଥିବୀରେ ସକ୍ରେଟିସ୍, ପ୍ଲେଟୋ, ବୁଦ୍ଧ, ଯୀଶୁ ଓ ଏମାନଙ୍କ ପରି କେତେ କେତେ ଚେତନାଦୀପ୍ତ ଉତ୍ତାନପାଦ ମଣିଷମାନେ ଆସିଥିଲେ, ଯେଉଁମାନେ ଆମମାନଙ୍କୁ ମାନବତା ଓ ଦିବ୍ୟତାର ମନ୍ତ୍ରରେ ଦୀକ୍ଷିତ କରିବାକୁ, ଆମ ଚିନ୍ତା ଚେତନାକୁ ଆଲୋକିତ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ସେମାନେ ଯେଉଁ ଗୂଢ଼ ତଥା ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ଆମ ସମ୍ମୁଖରେ ଉପସ୍ଥାପିତ କରିଥିଲେ ଏବଂ ଯାହାର ଉତ୍ତର ଦେବାକୁ ପ୍ରଯତ୍ନ କରିଥିଲେ, ସେଥିରୁ ପ୍ରମୁଖ କେତୋଟି ଏହିପରି - ମଣିଷ କିଏ? ଜୀବନ କ'ଣ? ସତ୍ୟ କ'ଣ? ନ୍ୟାୟ କ'ଣ? ଏ ଜଗତର ସୃଷ୍ଟିକର୍ତ୍ତା କିଏ ନା ଏହା କେବଳ ଭୌତିକ କାର୍ଯ୍ୟକାରଣ-ସୃଷ୍ଟ? କାହିଁକି ଏ ଜୀବନ ଦୁଃଖପୂର୍ଣ୍ଣ? ଅସ୍ତିତ୍ୱଗତ ଦୁଃଖଯନ୍ତ୍ରଣାରୁ ମୁକ୍ତି ସମ୍ଭବ କି ନାହିଁ? ଏହିସବୁ ଆଧ୍ୟାତ୍ମିକ, ଦାର୍ଶନିକ ଓ ଅସ୍ତିତ୍ୱବାଦୀ ପ୍ରଶ୍ନ ବ୍ୟତୀତ ସେମାନେ ମଧ୍ୟ ପଚାରିଥିଲେ - ପ୍ରଗତି କ'ଣ ଓ ପ୍ରଗତିର ସ୍ୱରୂପ କ'ଣ?

ଇତିମଧ୍ୟରେ ବିତି ସାରିଲାଣି ଅନେକ ଶତାବ୍ଦୀ। ଆଜି ଆମେ ଅତ୍ୟାଧୁନିକ କାଳଖଣ୍ଡର ମଣିଷ। ଅନେକାନେକ ଭୌତିକ ଉପଲବ୍ଧି ଆମର। ବିଜ୍ଞାନର ବଳରେ ଆମେ ଅସାଧ୍ୟ ସାଧନ କରିସାରିଛେ। ପ୍ରକୃତି ଉପରେ ସାବ୍ୟସ୍ତ କରିସାରିଛେ ଆମର ସାର୍ବଭୌମ କର୍ତ୍ତୃତ୍ୱ। ବୈଷୟିକ ସମୃଦ୍ଧି ସବୁ ଆଜି ଆମର ହାତ ପାଆନ୍ତାରେ। ନଭଶ୍ଚୁମ୍ବୀ ଅଟ୍ଟାଳିକାମାନଙ୍କରେ ଆମେ ବୁଣି ଚାଲିଛେ ଅଯୁତ ସ୍ୱପ୍ନର ଚାରୁତାରକସି। ଆମେ ଆକାଶଜୟୀ, ସମୁଦ୍ରଜୟୀ ଓ ସସାଗରା ଧରଣୀର ଏକଛତ୍ରପତି। ଆମେ ଚନ୍ଦ୍ରରେ ପାଦ ରଖି ସାରିଛେ, ପରମାଣୁକୁ ଭାଙ୍ଗି ସାରି ତା' ଭିତରର ଅକଳ୍ପନୀୟ ଜଗତକୁ ଠିକେ ଠିକେ ଚିହ୍ନିସାରିଛେ। ଆମେ ମଣିଷର ଜିନ୍ ଓ ଡି.ଏନ୍.ଏକୁ ପଢ଼ିଛେ ଏବଂ ଏବେ କୃତ୍ରିମ ବୁଦ୍ଧିମତ୍ତାକୁ ଚିନ୍ତା, କଳ୍ପନା କରିବା ଶିଖାଇ ଦେଇଛେ। ଜୀବନକୁ ଆରାମପ୍ରଦ କରିଦେଇଛେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ମାନବିକ ଜ୍ଞାନ ସବୁର ସଫଳ ପ୍ରୟୋଗ କରି ଆମେ - ଏଇ ଏକବିଂଶ ଶତାବ୍ଦୀର ତଥାକଥିତ ଭାଗ୍ୟବାନମାନେ।

ତଥାପି କାହିଁକି ଏଇ ପ୍ରଶ୍ନଟି ଆମକୁ ଏବେ ବି ବିବ୍ରତ, ଆନ୍ଦୋଳିତ କରିସାରିଛି ପ୍ରାୟ ସବୁବେଳେ - ଆମେ କ'ଣ ସତରେ ମଣିଷ ପରି ମଣିଷଟିଏ ହୋଇପାରିଛେ? ଏଇ କ'ଣ ସତରେ ପ୍ରଗତି? କାହିଁକି ତେବେ ଆମେ ମୁହ୍ୟମାନ ହୋଇଚାଲିଛେ ନୈରାଶ୍ୟରେ, ଗ୍ଲାନିରେ ଏବଂ ଆଦୌ ବୁଝି ପାରୁ ନ ଥିବା ପାପବୋଧରେ? ଖୁବ୍ ଅସୁବିଧାଜନକ ଏହିସବୁ ପ୍ରଶ୍ନରେ ଆମେ ଜର୍ଜରିତ। କାରଣ ଆମ ଅତୀତର ସେହି ମହାନ୍, ଉତ୍ତାନପାଦ ମଣିଷମାନଙ୍କୁ ଆମେ ଭୁଲି ଯାଇଛେ; ପୂରାପୂରି ବିସ୍ମରି ଯାଇଛେ ସେମାନେ ଦିନେ ମଣିଷକୁ ଶିଖାଇଥିବା ମୂଲ୍ୟବୋଧଗୁଡ଼ିକୁ; ବିସ୍ମରି ଯାଇଛେ ସେମାନେ ଦିନେ ମଣିଷକୁ ଚିହ୍ନାଇ ଦେଇଥିବା ମାନବତା ଓ ଦିବ୍ୟତାର ଗହନ ସୂତ୍ରଗୁଡ଼ିକୁ।

ସକ୍ରେଟିସ୍ ଆମକୁ ଆମର ଅଜ୍ଞତା ସଂପର୍କରେ ସତର୍କ କରିଥିଲେ; ସଚେତନତାର ଖିଅଗୁଡ଼ିକୁ ଆମେ କିପରି ଧରି ରଖିପାରିବା ସେ ସଂପର୍କରେ ବାରମ୍ବାର ଚେତାଇ ଦେଇଥିଲେ। ହେଲେ ପୂର୍ବପରି ଆମେ ତଥାପି ରୁନ୍ଧି ହୋଇ ଚାଲିଛେ ଅଜ୍ଞତାର ଅନ୍ଧାରରେ। ଆମର ବୁଦ୍ଧିବିବେକ ସବୁ ହଜି ଚାଲିଛି, ସଚେତନତାରେ ନୁହେଁ, ନିଶ୍ଚେତନାର ଘନକୁହୁଡ଼ିରେ। ବୁଦ୍ଧ ଓ ଯୀଶୁ ଆମକୁ ଯେଉଁ କରୁଣା ଓ ପ୍ରେମର ଭାଷା ଶିଖାଇଥିଲେ, ଆଜି ଆମେ ତାଙ୍କରି ନାମରେ ଓ ତାଙ୍କ ପରି ଅନ୍ୟ ପଥ ପ୍ରଦର୍ଶକ ବା ଧର୍ମପ୍ରବର୍ତ୍ତକଙ୍କ ନାମରେ ପ୍ରଚାର, ପ୍ରସାର କରିଚାଲିଛେ ଘୃଣା, ଅସୂୟା ଓ ବିଦ୍ୱେଷର ଭାଷା। ପ୍ଲେଟୋ ଓ ଆରିଷ୍ଟୋଟଲ ଯେଉଁ ନ୍ୟାୟ ଓ ଉତ୍ତମଜୀବନ ନେଇ ଚିନ୍ତା କରିଥିଲେ, ହଜାର ହଜାର ବର୍ଷ ପରେ ମଧ୍ୟ ନ୍ୟାୟ ଏବଂ ଜୀବନର ଶୁଦ୍ଧତା ବା ଉତ୍ତମତା ଆମ ସଭ୍ୟତାର ଅଧୁରା ପ୍ରତିଶ୍ରୁତିମାନଙ୍କ ମଧ୍ୟରେ ସର୍ବାଗ୍ରରେ।

ଆମେ କ'ଣ ପ୍ଲେଟୋ, ସକ୍ରେଟିସ୍ ବା ବୁଦ୍ଧମାନଙ୍କ ଉତ୍ତରାଧିକାରୀ ବୋଲି କେବେ ଗର୍ବ କରିପାରିବା? ସୁଦୂର ଅତୀତର ଏ ମହାନ୍‌ମାନେ କାହିଁକି, ଆମେ ଏଇ ଗୋଟିଏ କି ଦୁଇଟି ଶତାବ୍ଦୀ ତଳର ଜଣେ ଲିଙ୍କନ୍, ଜଣେ ଗାନ୍ଧୀ କି ଜଣେ ବିବେକାନନ୍ଦଙ୍କ ଉତ୍ତରାଧିକାରୀ ବୋଲି କହିବାର ସାହସ କରିବା ନାହିଁ ନିଶ୍ଚୟ। ଆଜି ତେଣୁ ମନେ ହୁଏ ଯେ ଏହି ଶ୍ରେଷ୍ଠ ଶ୍ରେଷ୍ଠ ମଣିଷମାନେ ହୁଏତ ମାନବଜାତିର ସାଧାରଣ ନମୁନା ନଥିଲେ। ସେମାନେ ବୋଧହୁଏ ଥିଲେ ମାନବଜାତିର 'ସିଲେକ୍ଟେଡ୍ ବେଷ୍ଟ' - ସମୟର ବିପୁଳ ପ୍ରବାହଧାରା ଭିତରେ କେତେବେଳେ କେମିତି ଚମକି ଉଠିଥିବା ଚେତନାର ହୀରକଖଣ୍ଡମାନ କିମ୍ବା ସମୟର ପ୍ରକାଣ୍ଡ ଛଣାଯନ୍ତ୍ରରୁ ଛାଣି ହୋଇ ବାହାରି ଆସିଥିବା ଜଣେ ଜଣେ ଅସାଧାରଣ ମାନବିକ ସତ୍ତା ମାତ୍ର। ଏମିତି ମନେହୁଏ କାରଣ ଆମେ ଆଜି ଯେତେବେଳେ ନିଜର ହାବଭାବ, କର୍ମଧର୍ମ, ଆଦର୍ଶ ଓ ରୁଚି ଅଭିରୁଚିଗୁଡ଼ିକୁ ଦେଖି ଟିକିଏ କେବେ ପରଖି ଦେଉଛେ, ଜାଣିପାରୁଛେ ଯେ ଆମେ ଜମା ସଚ୍ଚାମଣିଷ ହୋଇନେ; କେବେ ବି ଛୁଇଁ ପାରିନେ ଆମ ଅତୀତର ସତ-ଲୋକପ୍ରତିମାମାନଙ୍କର ଚେତନାର କେଉଁ ଏରୁଣ୍ଡିବନ୍ଧକୁ ଏବଂ ଆମେ ଯେଉଁ ତିମିରେକୁ ସେଇ ତିମିରରେ।

ଏଇଠି 'ପ୍ରଗତି' ଶବ୍ଦଟିର ଅର୍ଥକୁ ନେଇ ତେଣୁ ଆମେ ଭାବିବାକୁ ବାଧ୍ୟ ହେବା ସ୍ୱାଭାବିକ। ଆଜି ଆମେ ପ୍ରଗତିର ମାପଦଣ୍ଡ ଖୋଜୁଛେ ମୁଖ୍ୟତଃ ଆମ ଅର୍ଥନୈତିକ ଅଭିବୃଦ୍ଧିରେ, ଆମ ବୈଷୟିକ କୃତିତ୍ୱମାନଙ୍କରେ। ଜି.ଡି.ପି କେତେ ବଢ଼ିଲା, ରାସ୍ତା କେତେ ବା କେତେ ନୂଆ ବିମାନ ବନ୍ଦର ନିର୍ମାଣ ହେଲା, ଚନ୍ଦ୍ର ବା ମଙ୍ଗଳଗ୍ରହକୁ କେଉଁ କେଉଁ ଯାନ ପ୍ରେରଣ ହେଲା, ଆମେ କେତୋଟି ଡେଟାସେଣ୍ଟର ପ୍ରତିଷ୍ଠା କରି ସେମିକଣ୍ଡକ୍ଟର ପାଇଁ ଚିପ୍‌ସମାନ ପ୍ରସ୍ତୁତ କଲେ, କେଉଁଠି କେଉଁ ପୂର୍ବୋଦୟ ବା ପଶ୍ଚିମୋଦୟ ହେଲା, କେତେ ଭବ୍ୟ, ବିଶାଳ ମନ୍ଦିର ବା ଉପାସନାଗୃହଗୁଡ଼ିକୁ ସ୍ଥାପନ କରି କେତେସଂଖ୍ୟକ ଭକ୍ତ ବା ଶ୍ରଦ୍ଧାଳୁମାନଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହେଲେ - ଏସବୁ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ। କିନ୍ତୁ ଏଇଥିରୁ କ'ଣ ଆମ ସଭ୍ୟତାର ଉତ୍କୃଷ୍ଟତା ପ୍ରମାଣିତ ହୋଇପାରିବ? ଏଇଥିରୁ କ'ଣ ଆମେ କହିପାରିବା ଆମ ଚେତନା ଆଜି ଉତ୍ତରିତ କିମ୍ବା ଜ୍ଞାନାଲୋକରେ ପ୍ରଦୀପ୍ତ? ଏହି ଧରଣର ପ୍ରଗତି କ'ଣ ଆମ ସଭ୍ୟତାର ଉଚ୍ଚତା ମାପିବା ପାଇଁ ପର୍ଯ୍ୟାପ୍ତ?

ଏକ ଦେଶର ରାସ୍ତା ଖୁବ୍ ପ୍ରଶସ୍ତ, ଚକାଚକ୍ ହୋଇପାରେ, କିନ୍ତୁ ତା'ର ଲୋକମାନଙ୍କ ଚିନ୍ତାର ରାସ୍ତା ସଂକୀର୍ଣ୍ଣ ଥାଇପାରେ। ଏକ ଦେଶର ଜି.ଡି.ପି ଖୁବ୍ ବଢ଼ିପାରେ, କିନ୍ତୁ ସେ ଦେଶର ସାଧାରଣ ନାଗରିକର ଜୀବନର ମାନ, ତା'ର ପରିଚୟ, ଆତ୍ମସମ୍ମାନ ସବୁକିଛି ଭୂଲୁଣ୍ଠିତ ହୋଇଯାଇପାରେ - କେତେବେଳେ ପୁଞ୍ଜିବାଦୀ ଶୋଷଣରେ କି ପଚମାନ ରାଜନୈତିକ ଆଦର୍ଶକୁ ଆୟୁଧ କରିଥିବା କେଉଁ କ୍ଷମତାପନ୍ନଙ୍କ ଚକ୍ରାନ୍ତରେ। ଏକ ଦେଶର ବିଜ୍ଞାନ ଓ ପ୍ରଯୁକ୍ତି ଅତ୍ୟାଧୁନିକ ହୋଇପାରେ, କିନ୍ତୁ ଚେତନା ମଧ୍ୟଯୁଗୀୟ ହୋଇପାରେ। ଏହି ବିରୋଧାଭାସ ହିଁ ଆମ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା।

ଆମେ କୃତ୍ରିମ ବୁଦ୍ଧିମତ୍ତା ତିଆରି କରୁଛେ, କିନ୍ତୁ ନିଜ ମନ, ବୁଦ୍ଧି ଓ ବିବେକକୁ ପୂର୍ବାଗ୍ରହରୁ, ରୂଢ଼ିବାଦରୁ, ଅସହିଷ୍ଣୁତାରୁ ମୁକ୍ତ କରିପାରୁନେ। ଆମେ ମହାକାଶକୁ ଦେଖି ଏ ଜୀବନ ଓ ଜଗତର ରହସ୍ୟ ବୁଝିବାକୁ ଚେଷ୍ଟା କରୁଛେ, କିନ୍ତୁ ମଣିଷକୁ ତାହାର ଧର୍ମ, ଜାତି କିମ୍ବା ପରିଚୟ ଦେଖି ତା'ର ସ୍ଥାନ ଓ ମାନ ନିରୂପଣ କରୁଛେ। ଆମେ ଆଜି ବିଭାଜନର ବିଷ ବୁଣି ହେଉଥିବା ଅନ୍ଧଭକ୍ତମାନଙ୍କ ଅନାଦର୍ଶଗୁଡ଼ିକୁ ସତ ଆଦର୍ଶ ବୋଲି ଭାବୁଛେ, ଅନ୍ଧଭକ୍ତମାନଙ୍କ ଦ୍ୱାରା ପ୍ରସାରିତ ଧର୍ମ, ଜାତି ଓ ପରିଚୟ ଇତ୍ୟାଦିକୁ ନେଇ ନିଜ ନିଜ ଭିତରେ ସଂଘର୍ଷ କରିଚାଲୁଛେ। ଏଇ କ'ଣ ତେବେ ପ୍ରଗତି? ନା। କାରଣ ସତ ପ୍ରଗତି ସେତିକିବେଳେ ସମ୍ଭବ ହୁଏ, ଯେତେବେଳେ ମଣିଷ ଧାର୍ମିକ ହୁଏ, ଧର୍ମାନ୍ଧ ହୁଏନା; ଯେତେବେଳେ ତା'ର ପରିଚୟକୁ ସେ ଅହଂକାରର ଅସ୍ତ୍ର କରେନା; ଯେତେବେଳେ ତା'ର ଧର୍ମ, ତା'ର ସଂସ୍କୃତି ତା'କୁ ଘୃଣା କରିବା ଶିଖାଏନା ଏବଂ ଯେତେବେଳେ ସେ 'ବସୁଧୈବ କୁଟୁମ୍ବକମ୍' କେବଳ ମୁହଁରେ ନ କହି ତା'ର ଆଚରଣରେ ତାହା ପାଳନ କରେ; ମନ ଓ ବାକ୍ୟରେ ସେ ମାନବତାର ଧର୍ମକୁ ଶ୍ରେଷ୍ଠ ଧର୍ମ ବୋଲି ବିବେଚନା କରେ।

ତଥାପି ଆମେ ଆଶା ବ୍ୟକ୍ତ କରିବା ଯେ ପ୍ରଗତିର ମାପଦଣ୍ଡ ପ୍ରକୃତରେ କ'ଣ ତାହା ଆମେ ନିଶ୍ଚୟ ଦିନେ ନା ଦିନେ ବୁଝିପାରିବା। ତାହା ସେତିକିବେଳେ ହେବ ଯେତେବେଳେ ଆମ ଭିତରେ ଯେଉଁମାନେ ସ୍ୱାଧୀନ ଚିନ୍ତାର ଆଲୋକ ଜଳାଇ ରଖିଛନ୍ତି ବା ଜଳାଇବାର ପ୍ରୟାସ ଜାରି ରଖିଛନ୍ତି, ପ୍ରଶ୍ନ କରିବାର ସାହସ ଅକ୍ଷୁଣ୍ଣ ରଖିଛନ୍ତି ଏବଂ ମାନବିକତାର ସହର୍ଷ ନିରାଜନା କରୁଛନ୍ତି, ସେହିମାନଙ୍କୁ ଖୋଜି ଖୋଜି ଆମ ଗହଣରେ ଉଚ୍ଚସ୍ଥାନ ଦେବା। ସେହିମାନେ ହିଁ ଆମକୁ ବୁଝାଇଦେବେ ପ୍ରଗତି କ'ଣ, ଚେତନାର ଉତ୍ତରଣର ମାର୍ଗ କ'ଣ ଏବଂ ଜ୍ଞାନୀଭକ୍ତ ଓ ଅନ୍ଧଭକ୍ତମାନଙ୍କ ମଧ୍ୟରେ ପ୍ରଭେଦ କ'ଣ? ସେତିକିବେଳେ ଆମେ ଗର୍ବ କରି କହିବା - ହଁ, ଆମେ ଆମ ଅତୀତର ଶ୍ରେଷ୍ଠ ଶ୍ରେଷ୍ଠ ଲୋକପ୍ରତିମାମାନଙ୍କ ଉତ୍ତରାଧିକାରୀ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଆକାଶରେ ଭାରତର ଆଖି

**ଇଂ ମାୟାଧର ସ୍ୱାଇଁ**

ଭାରତୀୟ ମହାକାଶ ଗବେଷଣା ଅନୁଷ୍ଠାନ (ଇସ୍ରୋ) ଏହି ବର୍ଷ ସେପ୍ଟେମ୍ବର ଚାରି ତାରିଖରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳ ଭାବେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ (ଇ.ଓଏସ୍ ୦୫) କୁ ଅନ୍ତରୀକ୍ଷକୁ ଉତ୍କ୍ଷେପଣ କରିଛି। ଇସ୍ରୋ ଦ୍ୱାରା ନିର୍ମିତ ଜିଏସ୍‌ଏଲ୍‌ଭି ରକେଟ୍ ଏହାକୁ ଭୂମିର ଅନ୍ତରଣ କକ୍ଷକୁ ପଠାଇଛି। ସୂଚନାଯୋଗ୍ୟ ଯେ ଉପଗ୍ରହର ଅନ୍ତିମ ଲକ୍ଷ୍ୟ ହେଉଛି ଭୂପୃଷ୍ଠରୁ ପ୍ରାୟ ୩୬୦୦୦ କି.ମି ଉଚ୍ଚରେ ଥିବା ଭୂସ୍ଥିର କକ୍ଷ। ଉପଗ୍ରହକୁ ରକେଟ୍ ଦ୍ୱାରା ଭୂସ୍ଥିର ଅନ୍ତରୀଣ କକ୍ଷକୁ ପଠାଇବା ପରେ ସେଠାରୁ ଉପଗ୍ରହ ନିଜର ନୋଜନ (ପ୍ରପଲସନ୍) କ୍ରିୟା ମାଧ୍ୟମରେ ଭୂସ୍ଥିର କକ୍ଷକୁ ଯାଇଥାଏ। ଭୂସ୍ଥିର ଅନ୍ତରୀଣ କକ୍ଷ ଭୂପୃଷ୍ଠରୁ ୧୭୦ ରୁ ୨୮୯୩୪ କିଲୋମିଟର ମଧ୍ୟରେ ଥାଏ। ଭୂସ୍ଥିର କକ୍ଷର ବିଶେଷତ୍ୱ ହେଉଛି ଯେ ଏହି କକ୍ଷରେ ରହିଲେ ଉପଗ୍ରହର ପରିକ୍ରମଣ ସମୟ ପୃଥିବୀର ଆବର୍ତ୍ତନ ସମୟ ସହିତ ପ୍ରାୟ ସମାନ ହୋଇଥାଏ। ଏଣୁ ଏହି ଉପଗ୍ରହ ପୃଥିବୀର ଗୋଟିଏ ନିର୍ଦ୍ଦିଷ୍ଟ ଜାଗାକୁ ଅବିରତ ପର୍ଯ୍ୟବେକ୍ଷଣ କରି ଚିତ୍ର ପଠାଇପାରିବ।

ଉପଗ୍ରହକୁ ଉତ୍କ୍ଷେପଣ କରିଥିବା ଜିଏସଏଲଭି ରକେଟର ଓଜନ ହେଉଛି ୪୨୦ ଟନ୍ ଏବଂ ଉଚ୍ଚତା ହେଉଛି ୫୧.୭ ମିଟର। ଏହାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଯଥାକ୍ରମେ କଠିନ ଓ ତରଳ ଇନ୍ଧନ ଥିବା ବେଳେ ତୃତୀୟ ତଥା ଶେଷ ପର୍ଯ୍ୟାୟରେ କ୍ରାୟୋଜେନିକ୍ ଇଞ୍ଜିନ୍ ଅଛି, ଯେଉଁଥିରେ ତରଳ ଉଦଜାନ ଓ ତରଳ ଅମ୍ଳଜାନ ଅତି କମ୍ ତାପମାତ୍ରାରେ ରହି ଇଞ୍ଜିନକୁ ଇନ୍ଧନ ଯୋଗଇଥାଏ। ଉଲ୍ଲେଖନୀୟ ଯେ ୧୯୯୦ ଦଶକରେ ଭୂରାଜନୈତିକ ବିରୋଧ ଯୋଗୁଁ ରୁଷିଆ ଚୁକ୍ତି ମୁତାବକ ଭାରତକୁ ଏହି ଇଞ୍ଜିନକୁ ଦେବା ପାଇଁ ମନା କରିଦେବା ପରେ ଭାରତର ବୈଜ୍ଞାନିକମାନେ ନିଜସ୍ୱ ଜ୍ଞାନକୌଶଳରେ ଏହାର ବିକାଶ କରିଛନ୍ତି।

ଇସ୍ରୋ ପ୍ରଥମ କରି ଭୂସ୍ଥିର କକ୍ଷକୁ ଗୋଟିଏ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ପଠାଇଛି। ଏହା ପୂର୍ବରୁ ୨୦୨୧ ମସିହା ଅଗଷ୍ଟ ମାସରେ ଇସ୍ରୋ ଭୂସ୍ଥିର କକ୍ଷକୁ ଗୋଟିଏ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ (ଇ.ଓ.ଏସ୍-୦୩) ପଠାଇବା ବେଳେ ରକେଟର ତୃତୀୟ ପର୍ଯ୍ୟାୟ ପ୍ରଜ୍ୱଳନ ସମୟରେ ଏହା ବିଫଳ ହୋଇଥିଲା। ଏହି ଉପଗ୍ରହର ଓଜନ ହେଉଛି ୨୩୬୭ କିଲୋଗ୍ରାମ୍। ଏହି ଉପଗ୍ରହର ଅନେକଗୁଡ଼ିଏ ବେସାମରିକ ଓ ସାମରିକ ପ୍ରୟୋଗ ଅଛି। ଏହା ବନ୍ୟା, ବାତ୍ୟା ଭୂସ୍ଖଳନ, ବନାଗ୍ନି ଭଳି ପ୍ରାକୃତିକ ବିପର୍ଯ୍ୟୟର ସୂଚନା ଦେବା ସହ ଏହାର ଉଦ୍ଧାର କାର୍ଯ୍ୟ ସମେତ ଅନ୍ୟ ପରିଚାଳନାଗତ କାର୍ଯ୍ୟରେ ସହାୟକ ହେବ। ଏହା ଦେଶର ଜଳାଶୟ, ଜଙ୍ଗଲ, ପରିବେଶ ଆଦିକୁ ତଦାରଖ କରିପାରିବ। ଏହା ମଧ୍ୟ କୃଷି ଓ ସହରୀ ଯୋଜନାରେ ସହାୟକ ହେବ। ଯଦିଓ ଏହା ଗୁପ୍ତଚର ଉପଗ୍ରହ ନୁହେଁ, ଏହା ଜାତୀୟ ସୁରକ୍ଷା ପାଇଁ ମହତ୍ତର ଅବଦାନ ଦେବ। ଏହା ଆମ ଦେଶର ସୀମାବର୍ତ୍ତୀ ଅଞ୍ଚଳ ଏବଂ ଜଳଭାଗଗୁଡ଼ିକୁ ଅନବରତ ପର୍ଯ୍ୟବେକ୍ଷଣ କରିବ, ଯାହାଫଳରେ ଅନୁପ୍ରବେଶକାରୀମାନଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ।

ଏହି ଉପଗ୍ରହର ସଫଳ ଉତ୍କ୍ଷେପଣ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇସ୍ରୋ ଗତ କେତେବର୍ଷରେ ନିଜର ଓ ଅନ୍ୟଦେଶର କେତେଗୁଡ଼ିଏ ଉପଗ୍ରହକୁ ସଫଳ ଭାବେ ଭୂକକ୍ଷକୁ ଉତ୍କ୍ଷେପଣ କରିଥିଲେ ସୁଦ୍ଧା ଗତ ଦୁଇ ବର୍ଷରେ ଏହାକୁ ହତାଶ ହେବାକୁ ପଡ଼ିଛି। ଏହା ୨୦୨୫ ଓ ୨୦୨୬ ମସିହାରେ ଭୂକକ୍ଷକୁ ପଠାଇଥିବା ଛଅଟି ଅଭିଯାନ ମଧ୍ୟରୁ ତିନିଟି ରକେଟ ଯୋଗୁଁ କିମ୍ବା ଉପଗ୍ରହ କାରଣରୁ ବିଫଳ ହୋଇଛି। ଏହାର ଶେଷ ଅଭିଯାନ ଏହି ବର୍ଷ ଜାନୁଆରୀ ୧୨ ତାରିଖରେ ହୋଇଥିଲା ଏବଂ ଏଥିରେ ପିଏସ୍‌ଏଲଭି ରକେଟର ତୃତୀୟ ପର୍ଯ୍ୟାୟରେ ତ୍ରୁଟି ହେବାରୁ ଏହି ଅଭିଯାନ ସଫଳ ହୋଇପାରି ନ ଥିଲା। ଏହାପରେ ଇସ୍ରୋ ଉପଗ୍ରହ ଉତ୍କ୍ଷେପଣକୁ ବନ୍ଦ କରି ଅନୁସନ୍ଧାନ ଓ ପରୀକ୍ଷା କରିଥିଲା। ଏଣୁ ଏହି ଉପଗ୍ରହର ସଫଳ ଉତ୍କ୍ଷେପଣ ଇସ୍ରୋ ବୈଜ୍ଞାନିକ ଓ କର୍ମଚାରୀମାନଙ୍କର ମନୋବଳ ବୃଦ୍ଧି କରିବ ଏବଂ ପୂର୍ବ ଅଭିଯାନରେ ଥିବା ତ୍ରୁଟିଗୁଡ଼ିକୁ ବୁଝିବା ଓ ସଂଶୋଧନ କରିବାରେ ସାହାଯ୍ୟ କରିବ। ଏହି ଉପଗ୍ରହକୁ ଆମର 'ଆକାଶରେ ଆଖି' କୁହାଯାଉଛି। କାରଣ ଏହା ଭାରତର କୌଣସି ଅଞ୍ଚଳର ଚିତ୍ର ପ୍ରତି ୩୦ ମିନିଟ୍‌ରେ ପଠାଇପାରିବ। ପୁନଶ୍ଚ ସୀମାଞ୍ଚଳ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ଚିତ୍ର ଏହା ପ୍ରତି ପାଞ୍ଚ ମିନିଟ୍‌ରେ ପଠାଇ ପାରିବା ପାଇଁ ଏହାକୁ ଡିଜାଇନ କରାଯାଇଛି।

ନିକଟ ଭବିଷ୍ୟତରେ ଇସ୍ରୋ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ମହାକାଶ ଅଭିଯାନର ଯୋଜନା କରିଛି। ଏହା ଗଗନଯାନ ଅଭିଯାନରେ ଭୂକକ୍ଷକୁ ଭାରତୀୟ ମହାକାଶଯାତ୍ରୀଙ୍କୁ ପଠାଇବା ପାଇଁ କାର୍ଯ୍ୟ ଆରମ୍ଭ କରିଛି। ଏହା ମଧ୍ୟ ଶୁକ୍ର ଗ୍ରହ ଅଭିମୁଖେ ୨୦୨୮ ମସିହା ମାର୍ଚ୍ଚ ମାସରେ ଏକ ଯାନ ପଠାଇବା ପାଇଁ ଯୋଜନା କରିଛି। ଏହାବ୍ୟତୀତ ୨୦୩୫ ମସିହା ସୁଦ୍ଧା ଭୂକକ୍ଷରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ କରିଛି, ଯେଉଁଠାରେ ଭାରତୀୟ ମହାକାଶଚାରୀମାନେ ଅନବରତ ରହି ଗବେଷଣା କରିପାରିବେ। ଇସ୍ରୋ ମଧ୍ୟ ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠକୁ ଭାରତର ମହାକାଶଚାରୀଙ୍କୁ ପଠାଇବା ପାଇଁ ଯୋଜନା କରିଛି। ଏଣୁ ଏହିସବୁ ଅଭିଯାନ ପୂର୍ବରୁ ବର୍ତ୍ତମାନ ପଠାଯାଇଥିବା ଉପଗ୍ରହର ସଫଳତା ନିଶ୍ଚିତ ଭାବେ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଆଣିଦେବ। ●

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪।

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ବରଗଛ
(Banyan Tree-Ficus benghalensis)

**ସୌଭାଗ୍ୟସୁନ୍ଦର**

ବରଗଛ ବା ବଟବୃକ୍ଷ ହେଉଛି ଭାରତୀୟ ଉପମହାଦେଶର ପ୍ରାକୃତିକ ଭାବରେ ଉଷ୍ମମଣ୍ଡଳୀୟ ଜଙ୍ଗଲରେ ଦେଖାଯାଉଥିବା ଏକ ଚିରହରିତ ପର୍ଣ୍ଣମୋଚୀ, ଦ୍ରୁତ ଗତିରେ ବଢୁଥିବା ବୃକ୍ଷ, ଯାହା ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ପହଞ୍ଚିପାରେ। ଏହା ଏକ ସାଧାରଣ ରାସ୍ତା ବୃକ୍ଷ, ଯାହା ଭାରତର ଜାତୀୟ ବୃକ୍ଷର ମାନ୍ୟତା ପାଇଛି। ବରଗଛର ସ୍ମୃତି ପାଇଁ ଭାରତୀୟ ଡାକ ବିଭାଗ ଦ୍ୱାରା ଏକ ଡାକ ଷ୍ଟାମ୍ପ ବା ଟିକଟ ଜାରି କରାଯାଇଥିଲା। ଏହାର ଗଣ୍ଡି ଓ ପୁରୁଣା ଡାଳର ଛାଲି ବାଦାମୀ, ମସୃଣ; ନୂତନ ଶାଖା ରୁମଯୁକ୍ତ, ଯାହା କ୍ରମେ ଝଡ଼ିଯାଏ। ପତ୍ରଗୁଡ଼ିକ ସରଳ, ଡେମ୍ଫଯୁକ୍ତ, ଅଣ୍ଡାକାର, ଚମଡ଼ା ଭଳି ଖଦଡ଼ା, ପତ୍ରଧାର ସମ୍ପୂର୍ଣ୍ଣ, ଶୀର୍ଷ ସ୍ଥୂଳ, ଶିରା ଜାଲି ସଦୃଶ। ମୁଖ୍ୟ ଗଛର ଟ୍ୟାପ୍ ରୁଟ୍ ବା ଆଦି ମୂଳ ଅଛି, ଯାହା ଭୂମିରେ ତଳକୁ ବଢ଼େ। ଏହାର କାଣ୍ଡର ଶାଖାରୁ ବିକଶିତ ଅସ୍ଥାନିକ ବା ସ୍ତମ୍ଭମୂଳ ନିମ୍ନଗାମୀ ହୋଇ ମୃତ୍ତିକା ଭିତରେ ପ୍ରବେଶ କରି ମାଟିରେ ମୂଳ ଧରି ନୂତନ ଗଣ୍ଡି ବା ଗଛରେ ପରିଣତ ହୁଏ। ତେଣୁ ଗୋଟିଏ ଗଛ ଏକ ବଡ଼ ଅଞ୍ଚଳ ଉପରେ ଏଭଳି ଅନେକ ନୂତନ ଗଛ ସହିତ ବିସ୍ତାରିତ ହୋଇପାରେ ଏବଂ ଏକ ଛୋଟ ଜଙ୍ଗଲ ପରି ଦେଖାଯାଇପାରେ। ଏହା କେତେକ ସମୟରେ ଏପିଫାଇଟ୍ ଭାବରେ ଆରମ୍ଭ ହୁଏ, ଅର୍ଥାତ୍ ଅନ୍ୟ ଏକ ଗଛ ଉପରେ ବଢ଼ିଥାଏ, ଯାହାକୁ ଏହା କ୍ରମଶଃ ଘେରେଇ ଦେଇଯାଏ। ହାୱଡ଼ାର ଶିବପୁରରେ ଜଗଦୀଶ ଚନ୍ଦ୍ର ବୋଷ ଉଦ୍ଭିଦ ଉଦ୍ୟାନରେ ଥିବା ମହାନ ବରଗଛ, ଯାହାର କ୍ଷେତ୍ର ୧୮, ୯୧୮ ବର୍ଗ ମିଟର ଏବଂ ଏହା ପ୍ରାୟ ୨୫୦ ବର୍ଷ ପୁରୁଣା। କର୍ଣ୍ଣାଟକର କେଟୋହାଲ୍ଲୀର ଡୋଡ୍ଡା ଆଲାଧା ମାରା, ଯାହାର କ୍ଷେତ୍ର ୧୨, ୦୦୦ ବର୍ଗ ମିଟର ଏବଂ ଏହା ପ୍ରାୟ ୪୦୦ ବର୍ଷ ପୁରୁଣା। ଜଣାଶୁଣା ସବୁଠାରୁ ବଡ଼ ବରଗଛ ଶ୍ରୀଲଙ୍କା ଦ୍ୱୀପରେ ଅଛି, ଏହାର ୩୫୦ଟି ବଡ଼ ଗଣ୍ଡି ଏବଂ ୩,୦୦୦ରୁ ଅଧିକ ଛୋଟ ଗଣ୍ଡି ଅଛି।



ବରଗଛ ରକ୍ତ ଶୋଧକ, ବହୁମୂତ୍ର ବା ମଧୁମେହ ରୋଗ ପ୍ରତିରୋଧୀ, କର୍କଟ ରୋଗ ପ୍ରତିରୋଧୀ, ପ୍ରଦାହ-ପ୍ରତିରୋଧୀ, ଯକୃତ ରୋଗ ପ୍ରତିରୋଧୀ, ସ୍ନାୟୁ ରୋଗ ପ୍ରତିରୋଧୀ, ଅଣୁଜୀବ ରୋଗ ପ୍ରତିରୋଧୀ ଇତ୍ୟାଦି। ପାରମ୍ପରିକ ଔଷଧରେ ଏହାର ଅନେକ ବ୍ୟବହାର ଅଛି। ଏହାର ଲେଟେକ୍ସ (କ୍ଷୀର ଭଳି ଧଳା ରସ) ଯନ୍ତ୍ରଣା ଓ ଆଘାତର ଚିକିତ୍ସା, ହାଡ଼ ଯୋଡ଼ିବା ଏବଂ ଦାନ୍ତବିନ୍ଧାର ପ୍ରତିକାର ଅଟେ। ଏହାର ଛାଲି ରକ୍ତସ୍ରାବ ପ୍ରତିରୋଧକ, ଥଣ୍ଡା ଓ ମୂତ୍ରକାରକ। ଏହାର ଲାଟେକ୍ସ ଚର୍ମର ଆଲର୍ଜିକ୍ ପ୍ରତିକ୍ରିୟା ସୃଷ୍ଟି କରିପାରେ ଏବଂ ଆଖି ସହିତ ସଂସ୍ପର୍ଶକୁ ଏଡ଼ାଇ ଦିଆଯିବା ଉଚିତ। ଫ୍ରେଞ୍ଚ ପଲିସ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ଶେଲକ୍ ବରଗଛ ମାଧ୍ୟମରେ ପ୍ରସ୍ତୁତ ହୁଏ। ଶେଲକ୍ ଲାକ୍ ନାମକ ଏକ ରେଜିନସ୍ ସ୍ରାବରୁ ଏହା ସୃଷ୍ଟି ହୁଏ, ଯାହା ଗଛରେ ରହୁଥିବା ବିଭିନ୍ନ କୀଟପତଙ୍ଗ ଦ୍ୱାରା ଉତ୍ପାଦିତ ହୁଏ; ଏଥିମଧ୍ୟରୁ ସବୁଠାରୁ ବାଣିଜ୍ୟିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହେଉଛି ଲାକ୍ କୀଟ (ଲାକ୍ସିଫର ଲାକ୍କା)। ଶେଲକ୍‌ର ଅନେକ ଶିଳ୍ପ ବ୍ୟବହାର ଅଛି। ଏହା କେଶ ଓ ଚର୍ମକୁ ରଙ୍ଗ କରିବା ପ୍ରସାଧନରେ ବ୍ୟବହୃତ ହୁଏ। ଫଳଗୁଡ଼ିକ ଖାଦ୍ୟଯୋଗ୍ୟ। ସ୍ତମ୍ଭମୂଳ ଦାନ୍ତ ବ୍ରଶ୍ ଭାବରେ ବ୍ୟବହୃତ ହୁଏ। ଫଳଗୁଡ଼ିକ ସମସ୍ତ ପ୍ରକାରର ଫଳଭୋଜୀ ପକ୍ଷୀ ଯେପରିକି କପର୍ସ୍ମିଥ୍ ବାର୍ବେଟ୍ ଏବଂ ସାଧାରଣ ମାଇନା ବା ଶାରୀ ପକ୍ଷୀ ଦ୍ୱାରା ଖିଆଯାଏ। ବରଗଛ କାଠ କଠିନ ଏବଂ ପାଣିରେ ଶୀଘ୍ର ପଚି ଯାଏ ନାହିଁ। ଯଦିଓ ଏହାକୁ କମ୍ ମୂଲ୍ୟବାନ ବୋଲି ବିବେଚନା କରାଯାଏ, ଏହା ଫର୍ଣ୍ଣିଚର ଏବଂ ଗୃହ ନିର୍ମାଣ ପାଇଁ ବ୍ୟବହୃତ ହୁଏ। ସ୍ତମ୍ଭମୂଳ କାଠ ଅଧିକ ମଜବୁତ ଏବଂ ଖମ୍ବ ଓ ଶଗଡ଼ ଗାଡ଼ି ଯୁଆଳି ପାଇଁ ବ୍ୟବହୃତ ହୁଏ। ଛାଲି ଫାଇବର କାଗଜ ଏବଂ ଦଉଡ଼ି ତିଆରି ପାଇଁ ବ୍ୟବହୃତ ହୁଏ।(କ୍ରମଶଃ) ●

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ:

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଓରାଙ୍ଗଉଟାନ ଉଦ୍ଧାର ଘଟଣା

# ସାମ୍ନାକୁ ଆସିଲା କଳାଥାର୍ ନମ୍ବର

ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର, ୧୩।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଚିତ୍ରପୁରବଡ଼ପାହି ଅଞ୍ଚଳରୁ ୫ଟି ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାକୁ ନେଇ ଏସ୍‌ଟିଏଫ୍‌ର ତଦନ୍ତ ଜୋରଦାର ହେଉଥିଲା ବେଳେ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନା କୁ ଆସିବାରେ ଲାଗିଛି। ତଦନ୍ତ ଆଗକୁ ବଢ଼ିବା ସହ ଘଟଣାର ରହସ୍ୟ ଧିରେ ଧିରେ ଖୋଲୁଛି। ଏହି ଘଟଣା ପଛରେ କେବଳ କିଛି ବ୍ୟକ୍ତି ଅଛନ୍ତି ନା ଏକ ବଡ଼ ବନ୍ୟଜନ୍ତୁ ଚୋରାଚାଲାଣକାରୀ ମାଫିଆ ଗୋଷ୍ଠୀ କାମ କରୁଛି, ତାହା ଏବେ ତଦନ୍ତର ପ୍ରମୁଖ ପ୍ରଶ୍ନ ପାଲଟିଛି। ଏହି ପରିପ୍ରେକ୍ଷୀରେ ଏହି ବଡ଼ ଡିଲ୍‌ର ପ୍ରମୁଖ କେନ୍ଦ୍ର ପାଲଟିଛି ପଶ୍ଚିମବଙ୍ଗ ଦୀଘାର ଗ୍ରାଣ୍ଡ ହେରିଟେଜ୍ ହୋଟେଲ୍। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ହୋଟେଲ୍‌ର ସିସିଟିଭି କ୍ୟାମେରାର ହାର୍ଡଡିସ୍କ ଏବେ ଏସ୍‌ଟିଏଫ୍ ହାତରେ ଥିବା ଦାବି କରାଯାଉଛି। ହାର୍ଡଡିସ୍କରେ ଥିବା ଫୁଟେଜ୍ ଘଟଣାର ଅନେକ ଅଜଣା କଡ଼ି ଖୋଲିବାରେ ସହାୟକ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଘଟଣା ପୂର୍ବରୁ ଓ ପରେ ହୋଟେଲ୍‌କୁ କେଉଁମାନେ ଆସିଥିଲେ, କେଉଁମାନେ ରହିଥିଲେ ଏବଂ କେଉଁ ଗାଡ଼ି ଯାତାୟାତ କରିଥିଲା, ତାହା ଫୁଟେଜ୍‌ରୁ ଜଣାପଡ଼ିପାରେ। ଏହା ସହ ହୋଟେଲ୍‌ର ଅତିଥି ରେକର୍ଡ ଓ ଅନ୍ୟ ତଥ୍ୟକୁ ମଧ୍ୟ ତଦନ୍ତରେ ଯୋଡ଼ାଯାଇପାରେ। ସେପଟେ ଓରାଙ୍ଗଉଟାନ୍ ଘଟଣା ସହ ଏକ କଳା ଥାର୍ ଗାଡ଼ିର ସମ୍ଭାବ୍ୟ ସମ୍ପର୍କକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଉକ୍ତ କଳା ଥାର୍‌ର ନମ୍ବର ଡବ୍ଲ୍ୟୁବି-୫୬ଟି-୦୩୩୩ ବୋଲି ତଥ୍ୟ ସାମ୍ନାକୁ ଆସିଛି।

ଗାଡ଼ିର ମାଲିକାନା ସମ୍ପର୍କିତ ତଥ୍ୟରେ ଗ୍ରାଣ୍ଡ ହେରିଟେଜ୍ ହୋଟେଲ୍ ସହ ସମ୍ପୃକ୍ତ ଜୟନ୍ତ ମାଇତିଙ୍କ ନାଁ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଜୟନ୍ତ ମାଇତିଙ୍କ ଘର ପଶ୍ଚିମବଙ୍ଗର ଆନ୍ଦୋଳ ଅଞ୍ଚଳରେ ବୋଲି କୁହାଯାଉଛି। ପ୍ରାୟ ୪ ମାସ ପୂର୍ବରୁ ଦୀଘାରେ ହୋଟେଲ୍ ବ୍ୟବସାୟ ଆରମ୍ଭ କରିଥିବା ବେଳେ ତାଙ୍କ ପୁଅ ସୌମ୍ୟଦୀପ ମାଇତି ଏହି ଘଟଣାର ମାଷ୍ଟର ମାଇଣ୍ଡ ବୋଲି ତଦନ୍ତ କାରୀ ସଂସ୍ଥା ଏସ୍‌ଟିଏଫ ଦାବି କରୁଛି। ମାତ୍ର ଏମାନଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ଆନୁଷ୍ଠାନିକ ଭାବେ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ତାଙ୍କ ଭୂମିକା ସମ୍ପର୍କରେ ଏସ୍‌ଟିଏଫ୍ ପକ୍ଷରୁ ଚୂଡ଼ାନ୍ତ ନିଷ୍କର୍ଷ ସାମ୍ନାକୁ ଆସିନାହିଁ। ଏବେ ତଦନ୍ତକାରୀଙ୍କ ନଜର ହୋଟେଲ୍‌ର ହାର୍ଡଡିସ୍କ ସହ କଳା ଥାର୍‌ର ଚଳାଚଳ ତଥ୍ୟ ଉପରେ ରହିଥିବା ଚର୍ଚ୍ଚା ହେଉଛି। ଯଦି ସିସିଟିଭି ଫୁଟେଜ୍‌ରେ ଏହି ଗାଡ଼ିର ଗତିବିଧି ଦେଖାଯାଏ, ତେବେ ତଦନ୍ତକୁ ଏକ ନୂଆ ଦିଗ ମିଳିପାରେ। ଅନ୍ୟପଟେ ଦୀଘାରୁ ବିଚିତ୍ରପୁରବଡ଼ପାହି ପର୍ଯ୍ୟନ୍ତ ପ୍ରାୟ ୧୨ଟି ମୋବାଇଲ୍ ଟାୱାରର ତଥ୍ୟ ଯାଞ୍ଚ ପାଇଁ ମଧ୍ୟ ଦାବି ହୋଇଛି। ଘଟଣା ସମୟରେ କେଉଁ ମୋବାଇଲ୍ ନମ୍ବର କେଉଁ ଟାୱାର ଅଧୀନରେ ସକ୍ରିୟ ଥିଲା, ତାହା ଯାଞ୍ଚ କରିବା ଦରକାର ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ଘଟଣା ପୂର୍ବରୁ ଓ ପରେ କେଉଁ ନମ୍ବର ମଧ୍ୟରେ ବାରମ୍ବାର ଯୋଗାଯୋଗ ହୋଇଥିଲା, ତାହା ମଧ୍ୟ ତଦନ୍ତର ଗୁରୁତ୍ୱପୂର୍ଣ୍ଣ କଡ଼ି ହୋଇପାରେ। ବିଚିତ୍ରପୁର ଅଞ୍ଚଳରେ ସକ୍ରିୟ ଥିବା କୌଣସି ନମ୍ବର ପରେ ଦୀଘା କିମ୍ବା ଅନ୍ୟ ଅଞ୍ଚଳର ଟାୱାର ସହ ସଂଯୋଗରେ ଆସିଥିଲା କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଇପାରେ। ଏହା ସହ ହୋଟେଲ୍ ରେକର୍ଡ, ସିସିଟିଭି ଫୁଟେଜ୍, ଟାୱାର ଡାଟା ଓ ଗାଡ଼ି ଚଳାଚଳ ତଥ୍ୟକୁ ମେଳାଇ ଦେଖିଲେ ଘଟଣାର ଅନେକ ଅଜଣା ଦିଗ ସ୍ପଷ୍ଟ ହୋଇପାରେ। ପାଞ୍ଚଟି ଓରାଙ୍ଗଉଟାନ୍ କେଉଁଠାରୁ ଆସିଥିଲେ, କିଏ ଆଣିଥିଲା ଓ କେଉଁ ମାର୍ଗରେ ପରିବହନ ହୋଇଥିଲାଏହା ଏବେ ତଦନ୍ତର ମୁଖ୍ୟ ପ୍ରଶ୍ନ। ସେମାନଙ୍କୁ କେଉଁଠାକୁ ନେବାର ଯୋଜନା ଥିଲା ଏବଂ ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ଦିଗରେ ମଧ୍ୟ ତଦନ୍ତ ଆବଶ୍ୟକ। ଯଦି ଏହା ପଛରେ ସଂଗଠିତ ବନ୍ୟଜନ୍ତୁ ଚୋରାଚାଲାଣ ଚକ୍ର ରହିଥାଏ, ତେବେ ତାହାର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ଏସ୍‌ଟିଏଫ୍ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଡିଜିଟାଲ୍ ପ୍ରମାଣ ଓ ଭୌତିକ ପ୍ରମାଣକୁ ଏକାଠି କରି ବୈଜ୍ଞାନିକ ଢଙ୍ଗରେ ଯାଞ୍ଚ କଲେ ତଦନ୍ତକୁ ନିର୍ଦ୍ଦିଷ୍ଟ ଦିଗ ମିଳିପାରେ। ଟାୱାର ଲୋକେସନ୍‌ରୁ ମିଳିପାରେ ଗତିବିଧିର ସୁରାଗ, ଆଉ ସିସିଟିଭି ହାର୍ଡଡିସ୍କରୁ ମିଳିପାରେ ଘଟଣାର ଦୃଶ୍ୟମାନ ପ୍ରମାଣ। ଏହି ଦୁଇ ତଥ୍ୟ ଯଦି ଅନ୍ୟ ପ୍ରମାଣ ସହ ମେଳ ଖାଏ, ତେବେ ଓରାଙ୍ଗଉଟାନ୍ ଘଟଣାର ଅନେକ ଅଜଣା କଡ଼ି ଯୋଡ଼ି ହୋଇପାରେ। ଏବେ ସବୁଠାରୁ ବଡ଼ ପ୍ରଶ୍ନହୋଟେଲ୍ ହାର୍ଡଡିସ୍କରେ କ'ଣ ରହିଛି ଏବଂ ଏହାରୁ ଏସ୍‌ଟିଏଫ୍‌କୁ କେତେ ବଡ଼ ସୁରାଗ ମିଳୁଛି? କଳା ଥାର୍‌ର ଚଳାଚଳ ଓ ଦୀଘାରୁ ବିଚିତ୍ରପୁରବଡ଼ପାହି ପର୍ଯ୍ୟନ୍ତ ସମ୍ଭାବ୍ୟ ଯୋଗାଯୋଗର ତଥ୍ୟ ମଧ୍ୟ ଏବେ ତଦନ୍ତର ନଜରରେ। କିଏ ଆସିଥିଲା, କିଏ ଯାଇଥିଲା, କାହା ସହ କାହାର ଯୋଗାଯୋଗ ଥିଲାଏହାର ଉତ୍ତର ମିଳିଲେ ଘଟଣାର ରହସ୍ୟ ଉପରୁ ପରଦା ହଟିପାରେ। ଏବେ ଏସ୍‌ଟିଏଫ୍‌ର ତଦନ୍ତ କେଉଁ ଦିଗକୁ ଯାଉଛି ଏବଂ ହାର୍ଡଡିସ୍କରୁ କେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ସମସ୍ତଙ୍କ ନଜର।

- ହୋଟେଲ୍ ହାର୍ଡଡିସ୍କ ଏବେ ଏସ୍‌ଟିଏଫ୍ ହାତରେ
- ଜୟନ୍ତ ମାଇତିଙ୍କ ନାଁ' କୁ ନେଇ ଚର୍ଚ୍ଚା
- ଖୋଲିପାରେ ଦୀଘା-ବିଚିତ୍ରପୁର ଲିଙ୍କ୍

ସିଡିଏ ସେକ୍ଟର-୧୩ ବସ୍ତିରେ ଚାଞ୍ଚଲ୍ୟ

# ମହିଳାଙ୍କୁ ପଥରରେ ଛେଚି ହତ୍ୟା

କଟକ,୧୩।୯ (ସମିସ): ସିଡିଏ ସେକ୍ଟର ୧୩ ନମ୍ବର୍ ବସ୍ତିରେ ନିର୍ମମ ହତ୍ୟାକାଣ୍ଡ ଘଟିଯାଇଛି। ଜଣେ ମହିଳାଙ୍କୁ ପଥରରେ ଛେଚି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ବସ୍ତିବାସୀ ନିଜ ନିଜ କାମରେ ବ୍ୟସ୍ତ ଥିବା ବେଳେ ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମୃତ ମହିଳା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳର ଫୁଲ କୁମାରୀ। ସେ ଦୀର୍ଘ ଦିନ ହେବ କଟକ ସିଡିଏ ସେକ୍ଟର ୧୨ ଅଞ୍ଚଳରେ ଏକ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ପରିବାର ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଘଟଣାସ୍ଥଳରେ ମର୍କତନଗର ଓ ଫେଜ୍-୨ ଥାନା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହିତ ଶବକୁ ଏସ୍‌ସିବି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଯଦିଓ ପ୍ରକୃତ ହତ୍ୟାକାରୀ ବିଷୟରେ ପୁଲିସ ସୂଚନା ଦେଇନାହିଁ, ଜଣେ ସନ୍ଦିଗ୍ଧ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

ରବିବାର ମଧ୍ୟାହ୍ନରେ ସେକ୍ଟର ୧୩ ବସ୍ତିରେ ଏ ସମ୍ପର୍କରେ ସର୍ବପ୍ରଥମେ ଫୁଲଙ୍କ ଝିଅ ଜାଣିଥିଲେ। ଝିଅଟି ନିଜ ମା'ଙ୍କ ରକ୍ତାକ୍ତ ଅବସ୍ଥା ଦେଖି ଭୟଭୀତ ହୋଇପଡ଼ିଥିଲା। ଖବର ପାଇ ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିର୍ଜନ ସ୍ଥାନରେ ଫୁଲଙ୍କ ବିଭତ୍ସ ଶବ ପଡ଼ିଥିବା ଦେଖିଥିଲେ। ଏହାପରେ ସେମାନେ ପୁଲିସକୁ ଏ ବିଷୟରେ ଅବଗତ କରାଇଥିଲେ। ମର୍କତନଗର ଥାନା ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଏହାସହିତ ଏକ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ଛାନଭିନ୍ କରିଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ପ୍ରକାରର ନମୁନା, ହତ୍ୟାରେ ବ୍ୟବହୃତ ପଥର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଛନ୍ତି। ପୁଲିସ ମୃତଦେହକୁ ନିଜ ଜବତକୁ ନେଇ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ପୁଲିସ ପକ୍ଷରୁ ସେହି ଅଞ୍ଚଳରେ ଥିବା ଆଖପାଖ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଉଛି।



ଏହି ହତ୍ୟାକାଣ୍ଡ ଘଟଣାରେ ସିଡିଏ ସେକ୍ଟର ୧୨ ବସ୍ତିରେ ରହୁଥିବା ଜଣେ ଯୁବକଙ୍କ ସଂପୃକ୍ତି ଥିବା ନେଇ ପୁଲିସ ସନ୍ଦେହ କରୁଛି। ଘଟଣା ପରେ ପୁଲିସ ତୁରନ୍ତ ପଦକ୍ଷେପ ନେଇ ଉକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ନେଇ ଜୋନ୍-୩ ଏସିପି ଅନନ୍ୟା ଅଗସ୍ତି ସୂଚନା ଦେଇଛନ୍ତି। ପୁଲିସର ପ୍ରାଥମିକ ଜେରାରୁ ହତ୍ୟାକାଣ୍ଡର କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିବା କୁହାଯାଉଛି, ମାତ୍ର ତଦନ୍ତ ଦୃଷ୍ଟିରୁ ପୁଲିସ ଅଧିକ ତଥ୍ୟ ପ୍ରକାଶ କରିନାହିଁ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଆଜି ଫୁଲ ଏବଂ ଅଟକ ଥିବା ଯୁବକଙ୍କୁ ଏକା ସାଙ୍ଗରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ହୋଇଥିଲା। ଏପରିକି ଯେଉଁ ଘରେ ହତ୍ୟାକାଣ୍ଡ ଘଟିଛି, ସେହି ଘରର ପାଲ ଚିରି ଦୁହେଁ ଭିତରକୁ ପଶିଥିବା ସ୍ଥାନୀୟ ଲୋକେ ଦେଖିଥିବା ପ୍ରକାଶ କରିଛନ୍ତି। ଏଥିରୁ ଅନୁମାନ କରାଯାଉଛି ଯେ ଘର ଭିତରେ କୌଣସି ବିବାଦ ସୃଷ୍ଟି ହେବା ପରେ ଏହି ନିର୍ମମ ହତ୍ୟାକାଣ୍ଡ ଘଟାଯାଇଛି। ଅନ୍ୟପଟେ ହତ୍ୟାକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇ ନଥିଲେ ବି ପ୍ରେମ ସମ୍ପର୍କ, ପୂର୍ବ ଶତ୍ରୁତା, ଟଙ୍କାପଇସା କାରବାର କିମ୍ବା କୌଣସି ବ୍ୟକ୍ତିଗତ ବିବାଦରୁ ଏହି କାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଅଟକ ଯୁବକଙ୍କୁ ପୁଲିସ ଜେରା କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏବଂ ସାଇଣ୍ଟିଫିକ୍ ରିପୋର୍ଟ ମିଳିବା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ସତ୍ୟାସତ୍ୟ ସମ୍ପୂର୍ଣ୍ଣ ପର୍ଦାଫାସ୍ ହେବ ବୋଲି ବରିଷ୍ଠ ପୁଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି।

- ସନ୍ଦିଗ୍ଧ ଯୁବକ ଅଟକ; ଛାନଭିନ୍ ଜାରି
- ପ୍ରେମ ଓ ଟଙ୍କା କାରବାରରୁ ହତ୍ୟାକାଣ୍ଡ!

ହିନ୍ଦ୍ ମଜଦୁର ସଭାର ୧୫ତମ ରାଜ୍ୟ ସମ୍ମିଳନୀ

# ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସଭାପତି ନିର୍ବାଚିତ




ଭୁବନେଶ୍ୱର,୧୩।୯ (ସମିସ): ହିନ୍ଦ୍ ମଜଦୁର ସଭା ଓଡ଼ିଶା ଶାଖାର ୧୫ତମ ରାଜ୍ୟ ସମ୍ମିଳନୀ ରେଲୱେ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ଶଙ୍କର ପ୍ରସାଦ ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ଲକ୍ଷ୍ମୀଧର ସାହୁ ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି।

ନବନିର୍ବାଚିତ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଲେ ଯେ ଦେଶ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି, ସମସ୍ତଙ୍କ ମଧ୍ୟରେ ଏକତାର ଆବଶ୍ୟକତା ରହିଛି। ଏହି ଏକତାକୁ ଉପଲବ୍‌ôଧ କରାଇବା ପାଇଁ କେନ୍ଦ୍ରୀୟ ହିନ୍ଦ ମଜଦୁର ସଭା ନେତୃବୃନ୍ଦ ସମସ୍ତ ଉଦ୍ୟମ ଚଳାଇଛନ୍ତି। ସେମାନେ ଓଡ଼ିଶା ଏଚ୍‌ଏମ୍‌ଏସ୍‌କୁ ଦୃଢ଼ ଭାବରେ ତୋଳିବା ପାଇଁ ସମସ୍ତ କାର୍ଯ୍ୟକ୍ରମ, ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଆଗାମୀ ଦିନରେ ହିନ୍ଦ ମଜଦୁର ସଭା ଓଡ଼ିଶାକୁ ମଜବୁତ କରିବା ପାଇଁ ସମସ୍ତେ ଏକ ହେବା ଉଚିତ ବୋଲି ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଅନ୍ୟତମ ଅତିଥି ଭାବରେ ଜାତୀୟ ଏଚ୍‌ଏମ୍‌ଏସ୍ ସମ୍ପାଦକ ମୁକେଶ ବଗଲ, ଜାତୀୟ ଏଚ୍‌ଏମ୍‌ଏସ୍ ମହିଳା ଶାଖା ସଭାପତି ଚମ୍ପା ବର୍ମା, ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ଉଲ୍ଲାସ ଚନ୍ଦ୍ର ସ୍ୱାଇଁ, ଶ୍ରମିକ ନେତା ଏଆଇସିଟିୟୁସିର କିଶୋର ଜେନା, ବରିଷ୍ଠ ସାମ୍ବାଦିକ ତଥା ସଂଳାପକ ସତୀଶ ମିଶ୍ର, ଯୁଧିଷ୍ଠିର ମହାରଣା, ରେଲୱେ ଶ୍ରମିକ ନେତା ପି. କେ. ପାଟଶାଣୀ ଏବଂ ୩୦ଟି ଜିଲ୍ଲାର ବହୁ ଶ୍ରମିକ ପ୍ରତିନିଧି ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୬.୬ କୋଟି ବର୍ଷ...

ଅବଶେଷ ଉଠିଯାଇ ସୂର୍ଯ୍ୟାଲୋକ କମାଇ ଦେଇଥିଲା। ଫଳରେ ତାପମାତ୍ରା ହ୍ରାସ ପାଇ 'ଇମ୍ପାକ୍ଟ ୱିଣ୍ଟର୍' କୁହାଯାଉଥିବା ଅତ୍ୟଧିକ ଥଣ୍ଡା ପରିସ୍ଥିତି ସୃଷ୍ଟି ହୋଇଥିଲା ଓ ଏହାର ପ୍ରଭାବରେ ପୃଥିବୀର ପ୍ରାୟ ୭୫ ପ୍ରତିଶତ ଜୀବଜଗତ ବିଲୁପ୍ତ ହୋଇ ଯାଇଥିଲେ। ତେବେ ନିଓର୍ନିଥିସ୍ ନାମକ ପକ୍ଷୀ ପ୍ରଜାତି ଏହି ବିଲୁପ୍ତିରୁ ବଞ୍ଚିଯାଇଥିଲା ଓ ଆଜି ବିଶ୍ୱରେ ଦେଖାଯାଉଥିବା ପକ୍ଷୀଗୁଡ଼ିକ ନିଓନିଥିସ୍‌ର ଅନୁବଂଶଜ। ଧୂମକେତୁ ଆଘାତ ପରେ ଥଣ୍ଡା ପରିବେଶରୁ ପକ୍ଷୀଗୁଡ଼ିକ ନିଜର ଘନ ଓ ଜଳରୋଧୀ ପର ଯୋଗୁଁ ବଞ୍ଚିଯିବାକୁ ସମର୍ଥ ହୋଇଥାଇପାରନ୍ତି ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

### ବଢ଼ିଲା ଆତିଥ୍ୟ...

ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ୍ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱ ସୁବିଆନ୍ତୋଙ୍କ ସମେତ ବ୍ରିକ୍ସ ଦେଶଗୁଡ଼ିକର ଶୀର୍ଷ ନେତାମାନେ ଉପସ୍ଥିତ ଥିଲେ। ବ୍ରିକ୍ସରେ 'ସ୍ଥିରତା, ନବସୃଜନ, ସହଯୋଗ ଓ ସ୍ଥାୟୀତ୍ୱ'—ଏହି ୪ଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଥିବା ମୋଦୀ କହିଥିଲେ। ମହାମାରୀ, ଜଳବାୟୁଜନିତ ବିପର୍ଯ୍ୟୟ ଏବଂ ଯୋଗାଣ ଶୃଙ୍ଖଳାରେ ବାଧା ଭଳି ଘଟଣାରୁ ସ୍ପଷ୍ଟ ହୋଇଛି ଯେ ଆଜିର ପରସ୍ପର ନିର୍ଭରଶୀଳ ବିଶ୍ୱରେ କୌଣସି ସଙ୍କଟ କେବଳ ଗୋଟିଏ ଅଞ୍ଚଳ ମଧ୍ୟରେ ସୀମିତ ରହେ ନାହିଁ। ଏହି କାରଣରୁ ବ୍ରିକ୍ସ ଗୋଷ୍ଠୀ ମଧ୍ୟରେ ସ୍ଥିରତା ଓ ପ୍ରତିରୋଧକ କ୍ଷମତା ବଢ଼ାଇବା ଉପରେ ଭାରତ ବିଶେଷ ଗୁରୁତ୍ୱ ଦେଇଥିବା ସେ କହିଥିଲେ।

ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ଜିଙ୍ଗପିଙ୍ଗ କହିଥିଲେ ଯେ 'ଜୋର ଯାହାର ମୁଲକ ତାର' ଯୁକ୍ତି ଆଉ ଗ୍ରହଣଯୋଗ୍ୟ ନୁହେଁ। ଏହାର ଦୃଢ଼ ମୁକାବିଲା ଲାଗି ବ୍ରିକ୍ସ ସଭ୍ୟ ରାଷ୍ଟ୍ରଙ୍କୁ ଏକଜୁଟ୍ ହେବାକୁ ପଡ଼ିବ। ବ୍ରିକ୍ସ ରାଷ୍ଟ୍ରମାନଙ୍କ ମଧ୍ୟରେ ବାଣିଜ୍ୟ, ଉତ୍ପାଦନ, ବିନିଯୋଗ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ସେ ୫ ସୂତ୍ରୀ ଯୋଜନା ସଂପର୍କରେ ସୂଚନା ଦେଇଥିଲେ। ବ୍ରିକ୍ସ ରାଷ୍ଟ୍ର ଏକଜୁଟ୍ ହୋଇପାରିଲେ ବିଶ୍ୱରେ ନୂଆ ଯୁଗର ଆରମ୍ଭ ହୋଇପାରିବ। ଯୋଗାଣ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ସହିତ ନୂଆ ବଜାର କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ।

### ନୈଶଭୋଜିକୁ ଗଲେନି...

ଗଇପଡ଼ିଥିବାରୁ ବିଶ୍ରାମ ନେବାପାଇଁ ସେ ହୋଟେଲକୁ ଫେରିଯାଇଥିବା କୁହାଯାଉଛି। ସେହିପରି ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ ବିନ୍ ମହମ୍ମଦ ମଧ୍ୟ ଏଥିରେ ଯୋଗ ଦେଇନଥିଲେ। ସମ୍ମିଳନୀ ପରେ ସେ ସ୍ୱଦେଶ ଫେରିଯାଇଥିଲେ। କିନ୍ତୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମେତ ଅନ୍ୟ ନେତାମାନେ ନୈଶଭୋଜିରେ ଉପସ୍ଥିତ ଥିଲେ।

### ରାହୁଲଙ୍କ 'ନିରାମିଷ'...

ଅତିଥିଙ୍କ ଉପରେ ଲଦି ଦେଉଛି। ଦେଶ ଭିତରେ ବିଜେପିର ଏଭଳି ଆଭିମୁଖ୍ୟ ସମସ୍ୟା ସୃଷ୍ଟି କରିଥିବା ବେଳେ ଏବେ ବିଦେଶୀ ନେତାମାନଙ୍କ ଉପରେ ମଧ୍ୟ ଲଦି ଦିଆଯାଇଛି। ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ଏବଂ କଂଗ୍ରେସ ନେତ୍ରୀ ଶାମା ମହମ୍ମଦ ମଧ୍ୟ ଏହି ମେନୁକୁ ନେଇ କଟାକ୍ଷ କରିଛନ୍ତି।

### ରାଜ୍ୟ ହରାଇବ...

ଜମି ଉପରେ ରାଜ୍ୟ ସରକାର କୌଣସି ଟିକସ, ସେସ୍ କିମ୍ବା ଅନ୍ୟ ଲେଭି ଲାଗୁ କରିପାରିବେ ନାହିଁ, ଯଦିଓ କେନ୍ଦ୍ର ସରକାର ନିର୍ଦ୍ଧାରଣ କରୁଥିବା ସର୍ତ୍ତ ଓ ସୀମା ଅନୁସାରେ ଏପରି ଲେଭି ଲାଗୁ କରିବାର ବ୍ୟବସ୍ଥା ରହିପାରିବ। ବିଡ଼ମ୍ବନା ହେଉଛି ସଂଶୋଧିତ ଆଇନ ଅନୁଯାୟୀ, ସଂଶୋଧନ ଲାଗୁ ହେବା ପୂର୍ବରୁ ରାଜ୍ୟ ଦ୍ୱାରା ଆଦାୟ କିମ୍ବା ଆଦାୟ କରାଯାଇନଥିବା ଏପରି ଲେଭିକୁ ଅବୈଧ ଘୋଷଣ କରାଯାଇଛି। ଧାରା ୧୩ରେ ମଧ୍ୟ ସଂଶୋଧନ କରି ଏହି ଲେଭି ଲାଗୁ କରିବା ସମ୍ପର୍କିତ ସର୍ତ୍ତ ଓ ସୀମା ନିର୍ଦ୍ଧାରଣ ପାଇଁ କେନ୍ଦ୍ରକୁ ନିୟମ ପ୍ରଣୟନ କ୍ଷମତା ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଝାଡ଼ଖଣ୍ଡ ସରକାର ତ୍ୱରିତ ପଦକ୍ଷେପ ସ୍ୱରୂପ ନିଜ ରାଜ୍ୟରେ ଟିକସ ବ୍ୟବସ୍ଥା ଲାଗୁ କରିଥିଲେ ଓ ଏ ବାବଦରେ ରାଜ୍ୟ କିଛି ପରିମାଣରେ ରାଜସ୍ୱ ପାଇଥିଲା। ମାତ୍ର ଓଡ଼ିଶା ସରକାର ଟିକସ ଲଗାଇଲେ ନାହିଁ କିମ୍ବା ବକେୟା ପାଇଁ ଦାବି କଲେ ନାହିଁ। ଓଡ଼ିଶାର ଆଡ଼ଭୋକେଟ୍ ଜେନେରାଲ ସୁପ୍ରିମକୋର୍ଟରେ ବକେୟା ଅର୍ଥ ସଂକ୍ରାନ୍ତ ଯୁକ୍ତି ବେଳେ ରାଜ୍ୟ ପାଇଁ ଏହି ଅର୍ଥର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ କହିଥିଲେ। ମାତ୍ର ଏହା ସତ୍ତ୍ୱେ ରାଜ୍ୟ ସରକାରଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରୁଥିବା ସମୟରେ ଶାସକ ବିଜେପିର କିଛି ନେତା ଏହାଦ୍ୱାରା ରାଜ୍ୟର ଲାଭ ହେବ ବୋଲି ବିତଣ୍ଡା ଯୁକ୍ତି ବାଢ଼ୁଛନ୍ତି। ଖଣି ମାଲିକଙ୍କ ଉପରୁ ଟିକସ ବ୍ୟବସ୍ଥା ହଟାଇଦେବା ଦ୍ୱାରା ରାଜ୍ୟର କିପରି ଲାଭ ହେବ ତାହା ସମସ୍ତଙ୍କ ପାଇଁ ଅବୋଧ ମନେ ହେଉଛି।

ପିଆରଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ଅନୁଯାୟୀ, ଖଣିଜ ଧାରଣ କରୁଥିବା ଜମି ଉପରେ ରାଜ୍ୟର କର ଲାଗୁ କରିବା କ୍ଷମତା ସମ୍ପର୍କରେ ୨୦୨୪ର ସୁପ୍ରିମକୋର୍ଟ ରାୟର ପ୍ରଭାବ ରହିଛି। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଦୁଇ ବର୍ଷ ପରେ ଆଇନ ପ୍ରଣୟନ କରି ରାଜ୍ୟର ଲକ୍ଷାଧିକ କୋଟି ଟଙ୍କା ରାଜସ୍ୱ ବାଟ ବନ୍ଦ କରିବା ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ମହଙ୍ଗା ହେବ...

ଆମେରିକା ଫେଡେରାଲ୍ ରିଜର୍ଭର ନିଷ୍ପତ୍ତି ଅପେକ୍ଷା ଭାରତରେ ବଢ଼ୁଥିବା ଅର୍ଥନୈତିକ ବିପଦ ଏବଂ ମୁଦ୍ରାସ୍ଫୀତି ଚାପ ଦ୍ୱାରା ଅଧିକ ପ୍ରଭାବିତ ହୋଇପାରେ। ତଥାପି, ସୁଧ ହାର ବୃଦ୍ଧି ଓଲଟା ଭାବେ ଜମାକାରୀଙ୍କ ପାଇଁ ଭଲ ଖବର ଆଣିପାରେ। ରେପୋ ହାର ବୃଦ୍ଧି ସହିତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ସ୍ଥାୟୀ ଜମା ଉପରେ ସୁଧ ହାର ବୃଦ୍ଧି କରିପାରନ୍ତି। ଏହାର ଅର୍ଥ ହେଉଛି ଯେଉଁମାନଙ୍କର ସ୍ଥାୟୀ ଜମା ଅଛି କିମ୍ବା ଆଗାମୀ ମାସଗୁଡ଼ିକରେ ସ୍ଥାୟୀ ଜମା କରିବାକୁ ଯୋଜନା କରୁଛନ୍ତି ସେମାନେ ପୂର୍ବ ଅପେକ୍ଷା ଭଲ ସୁଧ ହାର ପାଇପାରିବେ। ଗୃହ ଋଣ କ୍ଷେତ୍ରରେ ଯଦି ଜଣେ ୮.୨୫%ର ଫ୍ଲୋଟିଂ ସୁଧ ହାରରେ ୨୦ ବର୍ଷ ପାଇଁ ୫୦ ଲକ୍ଷ ଟଙ୍କାର ଗୃହ ଋଣ ନେଇଛନ୍ତି। ଏହି ସୁଧ ହାରରେ, ଇଏମ୍‌ଆଇ ପ୍ରାୟ ୪୨,୬୦୩ ଟଙ୍କା ହେବ। ଯଦି ଆର୍‌ବିଆଇ ମୋଟ ୦.୫୦% ସୁଧ ହାର ବୃଦ୍ଧି କରେ ଏବଂ ବ୍ୟାଙ୍କ ଏହାର ସମ୍ପୂର୍ଣ୍ଣ ପ୍ରଭାବ ଗ୍ରାହକମାନଙ୍କ ଉପରେ ଛାଡିଦିଏ, ତେବେ ସୁଧ ହାର ୮.୭୫%କୁ ବୃଦ୍ଧି ପାଇପାରେ। ଏହି କ୍ଷେତ୍ରରେ, ଋଣ ଇଏମ୍‌ଆଇ ପ୍ରାୟ ୪୪,୧୮୬ ଟଙ୍କା ହେବ। ଏହାର ଅର୍ଥ ହେଉଛି ଆପଣଙ୍କୁ ପ୍ରତି ମାସରେ ପ୍ରାୟ ୧୫୮୩ ଟଙ୍କା ଅଧିକ ଦେବାକୁ ପଡ଼ିପାରେ। ଏଫ୍‌ଡି ବା ସ୍ଥାୟୀ ଜମା ଧାରକମାନେ ମଧ୍ୟ ରେପୋ ହାର ବୃଦ୍ଧିରୁ ଉପକୃତ ହୋଇପାରିବେ। ବ୍ୟାଙ୍କଗୁଡ଼ିକ ସାଧାରଣତଃ ସେମାନଙ୍କର ଜମା ହାରକୁ ସଜାଡ଼ିଥାନ୍ତି, ତେଣୁ ରେପୋ ହାର ବୃଦ୍ଧି ଏଫ୍‌ଡି ସୁଧ ହାରରେ ବୃଦ୍ଧି ଘଟାଇବ।

### ୨୦୨୯ ପୂର୍ବରୁ...

ସେବା ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସେବା ସଙ୍କଳ୍ପ ଅଭିଯାନ' ଆୟୋଜନ କରାଯିବ ବୋଲି ଶାହ କହିଛନ୍ତି। ଅଭିଯାନରେ ପ୍ରତ୍ୟେକ ଜିଲ୍ଲା, ଲୋକସଭା ଓ ବିଧାନସଭା କ୍ଷେତ୍ର ସହ ପ୍ରତ୍ୟେକ ବୁଥ୍‌କୁ ସାମିଲ କରାଯିବ। ଏହାର ମୁଖ୍ୟ ଆକର୍ଷଣ ଭାବେ କାଶୀରୁ ମୋଦୀଙ୍କ ଜନ୍ମସ୍ଥାନ ଗୁଜରାଟର ବଡନଗର ପର୍ଯ୍ୟନ୍ତ ବାଇକ୍ ଯାତ୍ରା ଆୟୋଜନ କରାଯିବ।

### ୟୁଏଇରୁ ଫେରିଲେ...

ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ୟୁଏଇରୁ ଫେରି ରବିବାର ଭୁବନେଶ୍ୱର ବିମାନବନ୍ଦରଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗସ୍ତ ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦରାବାଦ, କୋଲକାତା, ଗୁଜରାଟଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଗସ୍ତ କାଳରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ଆଇଏଚସିର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଇଏଚସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି। ଏହା ସହିତ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜଭୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ସେ ଆହୁରି କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକ ଦକ୍ଷତା ପ୍ରଶିକ୍ଷଣ ଦିଆଯାଉଛି। ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଏମଓୟୁ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ଏହି ଅବସରରେ ମନ୍ତ୍ରୀ ଡ . ମୁକେଶ ମହାଲିଙ୍ଗ, କୃଷ୍ଣ ଚନ୍ଦ୍ର ପାତ୍ର, ଗଣେଶ ରାମ ସିଂ ଖୁଣ୍ଟିଆ, ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ବିଧାୟକ ବାବୁ ସିଂ, ଛବି ମଲ୍ଲିକ, ଇରାସିସ ଆଚାର୍ଯ୍ୟ, ପ୍ରକାଶ ଚନ୍ଦ୍ର ସେଠୀ, ଆଶ୍ରିତ ପଟ୍ଟନାୟକ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ।

### ଭୁଲ୍ ଘୋଡ଼ାଇବାକୁ...

କଲେଜ ସ୍ୱୀକୃତି ପାଇବା ପରେ ତାଙ୍କ ଡେପୁଟେସନ୍‌କୁ ବାତିଲ କରିବା ସହ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ବିଇଡି କଲେଜରେ ଅଧ୍ୟକ୍ଷା ଭାବେ ନିଯୁକ୍ତ ଦିଆଯାଇଥିଲା। ରାଜନୀତି ବିଜ୍ଞାନରେ ନିଯୁକ୍ତି ପାଇବାକୁ ଯୋଗ୍ୟତା ନ ଥିବା ଜଣେ ଅଧ୍ୟାପିକାଙ୍କୁ କିପରି ଅଧ୍ୟକ୍ଷା କରାଗଲା ବୋଲି ଶିବାନୀ ଶଙ୍କର ପ୍ରହରାଜ ନାମକ ଜଣେ ବ୍ୟକ୍ତି ଏନ୍‌ସିଟିଇ ନିକଟରେ ଅଭିଯୋଗ କରିଥିଲେ। ଏନ୍‌ସିଟିଇର ୩୯୮ ତମ ବୈଠକରେ ଏହି ପ୍ରସଙ୍ଗ ଉଠିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବା ପରେ ତାଙ୍କୁ ଅଧ୍ୟକ୍ଷା ପଦରୁ ହଟେଇ ଦିଆଯାଇଛି। ବିଜେବିରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଦର୍ଶାଯାଇଥିବାବେଳେ ବ୍ରହ୍ମପୁରରେ ତାଙ୍କୁ କିପରି ଏଜୁକେସନ୍ ବିଷୟରେ ଅଧ୍ୟାପିକା ଦର୍ଶାଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଉଚ୍ଚଶିକ୍ଷା ବିଭାଗର ଭୂମିକାକୁ ନେଇ ସନ୍ଦେହ ବଢ଼ିଛି। ଅନୁରୂପ ଭାବେ ଅନୁଗୋଳ ବିଇଡି କଲେଜରେ କାର୍ଯ୍ୟରତ ମନୋଜ ଲେଙ୍କା ଭୂଗୋଳ ବିଷୟରେ ନିଯୁକ୍ତି ପାଇଥବାବେଳେ ତାଙ୍କୁ ମଧ୍ୟ ଏଜୁକେସନ୍ ଅଧ୍ୟାପକ ଦର୍ଶାଯାଇଛି।

ଶିକ୍ଷାବିତଙ୍କ କହିବା ଅନୁଯାୟୀ ଏହି ୩ ଜଣ ପ୍ରାର୍ଥୀ ଏଜୁକେସନ୍ ବିଷୟରେ ଏମ୍‌ଏ କରିଛନ୍ତି। ଏଜୁକେସନ୍ ବିଷୟରେ ସେମାନେ ପାଠ ପଢ଼ାଇବା ପାଇଁ ଯୋଗ୍ୟତା ମଧ୍ୟ ରଖିଛନ୍ତି। କିନ୍ତୁ ସେମାନେ ରାଜନୀତି ବିଜ୍ଞାନ ପେଡାଗୋଜୀ ଓ ଭୂଗୋଳ ବିଷୟରେ ନିଯୁକ୍ତି ପାଇଛନ୍ତି। ଓପିଏସ୍‌ସି ପରି ସାମ୍ବିଧନିକ ସଂସ୍ଥାର ନିଷ୍ପତ୍ତିକୁ ଅବମାନନା କରି ତାଙ୍କ ନିଯୁକ୍ତି ବିଷୟକୁ ପରିବର୍ତ୍ତନ କରିବା ଆଇନ୍ ବିରୁଦ୍ଧ। ଏହାକୁ କୌଣସି କୋର୍ଟରେ ଚ୍ୟାଲେଞ୍ଜ କଲେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରିକି ଏହି ପ୍ରସଙ୍ଗରେ ଏନ୍‌ସିଟିଇ ମଧ୍ୟ ନଜର ରଖିଥିବାରୁ ଆଗକୁ ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ବଢ଼ିଛି।

### ଜାରି ରହିବ...

ରହିଛି। ଅନ୍ୟପଟେ ୧୮-୨୩ ସେପ୍ଟେମ୍ବର ମଧ୍ୟରେ ରାଜ୍ୟରେ ପୁଣି ଗୋଟିଏ ପର୍ଯ୍ୟାୟ ବର୍ଷା ଆଶଙ୍କା ରହିଛି। ପ୍ରାୟ ୨୦ ସେପ୍ଟେମ୍ବର ବେଳକୁ ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପ୍ରାୟ ୨୨ ସେପ୍ଟେମ୍ବର ବେଳକୁ ଦକ୍ଷିଣ ଓଡ଼ିଶାଉତ୍ତର ଆନ୍ଧ୍ର ଉପକୂଳ ନିକଟକୁ ଆସିପାରେ। ଏହା ଲଘୁଚାପରେ ପରିଣତ ହେବାର ମଧ୍ୟ ସମ୍ଭାବନା ରହିଛି। ତେବେ ଏହା କେତେ ଶକ୍ତିଶାଳୀ ହେବ, କେଉଁ ଦିଗକୁ ଯିବ ଏବଂ କେଉଁ ଅଞ୍ଚଳରେ ଅଧିକ ବର୍ଷା କରାଇବତାହା ଏବେଠାରୁ ସ୍ପଷ୍ଟ କହିହେବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେପ୍ଟେମ୍ବର ମଧ୍ୟଭାଗରେ ଓଡ଼ିଶାରେ ମଝିରେ ମଝିରେ ମୌସୁମୀ ବର୍ଷା ହୋଇପାରେ। ୨୦-୨୩ ସେପ୍ଟେମ୍ବର ମଧ୍ୟରେ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଉପରେ ବିଶେଷ ନଜର ରଖିବା ଦରକାର। ଏହା ସୃଷ୍ଟି ହେବା ପରେ ଏହାର ଶକ୍ତି, ଗତିପଥ ଓ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ସ୍ପଷ୍ଟ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସୋମବାର କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ମଙ୍ଗଳବାର ମଧ୍ୟ ଅନେକ ଜିଲ୍ଲାରେ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ସେପ୍ଟେମ୍ବର ତୃତୀୟ ସପ୍ତାହରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏହା ହୁଏତ ମୌସୁମୀ ଋତୁରେ ଶେଷ ଲଘୁଚାପ ହୋଇପାରେ। ମାତ୍ର ଏହି ଲଘୁଚାପଟି ଆଣ୍ଡାମାନ ସାଗର ଅଞ୍ଚଳରେ ସୃଷ୍ଟି ହେବାକୁ ଥିବା ସହ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ହୋଇଯାଇଥିବାରୁ ଏହାର ଘନୀଭୂତ ଶକ୍ତିକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ସାମନାକୁ ଆସିବାରେ ଲାଗିଛି। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଆଣ୍ଡାମାନ ସାଗରରେ ଲଘୁଚାପ ସୃଷ୍ଟି ହୋଇଥାଏ ଓ ଏଥି ମଧ୍ୟରୁ ଅଧିକାଂଶ ବାତ୍ୟାରେ ପରିଣତ ହେଉଥିବାରୁ, ସମ୍ଭାବ୍ୟ ଲଘୁଚାପ ଉପରେ ଏବେ ତୀକ୍ଷ୍ଣ ନଜର ରହିଛି। ଏବେଠାରୁ ଏହାର ଘନୀଭୂତ ଶକ୍ତି ଓ ତୀବ୍ରତା ନେଇ ବିଶେଷ ଆକଳନ କରାଯାଉ ନ ଥିଲେ ମଧ୍ୟ ପାଣିପାଗ ବିଜ୍ଞାନୀମାନେ ଏହା ଉପରେ ନଜର ରଖିଛନ୍ତି।

**VEHICLE FOR SALE**

MARUTI WAGON R vxi, Model - 2025, Registration No-OD-33-AU-9945, in as is where is condition Contact: M/S Sundaram Finance Limited, BHUBANESWAR BRANCH, Ph:9437575689 within 7 days

**AFFIDAVIT**

By virtue of an affidavit sworn before Executive Magistrate Puri dated 28.08.2026 I Babaji Jagajiban Das, Address At Karamala, P.O. Shantidham, P.S.Gadishagoda, Dist. Puri ,Pin-752017 declare that I have changed my name from Jagatrana Biswal to Babaji Jagajiban Das Henceforth I shall be known as "**Babaji Jagajiban Das** for all purpose.
**(Babaji Jagajiban Das)**

**AFFIDAVIT**

By virtue of affidavit sworn before Executive Magistrate Puri,dated 11.09.2026 I Sudhakar Behera of Balapur Behera Sahi Po. Balapur, P.S.Satyabadi Dist-puri PIN-752046 declare that I have changed the name of my son's name from Soham Behera to Swayam Prakash Behera.Henceforth he shall be known as **Swayam Prakash Behera** for all purposes.
**(Sudhakar Behera)**

# ଏକକ ବ୍ୟବହାର ପ୍ଲାଷ୍ଟିକ କାରଖାନା ଉପରେ ଲାଗୁନି ରୋକ
# ୩ ଜିଲ୍ଲାରେ ୧୧ ବେଆଇନ ୟୁନିଟ୍

**ବାଲେଶ୍ୱର, ୧୩।୯ (ରୁଚିକ ରଞ୍ଜନ ମହାପାତ୍ର)**



ପରିବେଶ ସୁରକ୍ଷା ପାଇଁ ସରକାର ଏକକ ବ୍ୟବହାର ପ୍ଲାଷ୍ଟିକ ଉପରେ କଡ଼ା କଟକଣା ଲଗାଇଛନ୍ତି। ନିର୍ଦ୍ଦିଷ୍ଟ ଏକକ ବ୍ୟବହାର ପ୍ଲାଷ୍ଟିକ ସାମଗ୍ରୀର ଉତ୍ପାଦନଠାରୁ ଆରମ୍ଭ କରି ମହଜୁଦ, ବଣ୍ଟନ, ବିକ୍ରି ଓ ବ୍ୟବହାର ଉପରେ ୨୦୨୨ ଜୁଲାଇ ୧ରୁ ଦେଶବ୍ୟାପୀ ନିଷେଧ ଲାଗୁ ହୋଇଛି। ନିଷେଧାଦେଶ ଲାଗୁ ହେବାକୁ ଚାରି ବର୍ଷରୁ ଅଧିକ ସମୟ ବିତିଗଲାଣି। ହେଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲା ରହିଛି। ଏହି ତିନି ଜିଲ୍ଲାରେ ଏକକ ବ୍ୟବହାର ପ୍ଲାଷ୍ଟିକ ଓ ଥର୍ମାକୋଲଜାତ ସାମଗ୍ରୀ ପ୍ରସ୍ତୁତି ସହ ସମ୍ପୃକ୍ତ ୧୧ଟି ୟୁନିଟ୍ ଥିବା ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ନିୟମ ଲାଗୁ କରିବା ପାଇଁ ବିଭାଗ ନିକଟରେ ତଥ୍ୟ ରହିଥିବା ସତ୍ତ୍ୱେ ଯଦି ବେଆଇନ ଉତ୍ପାଦନକୁ ରୋକିବାରେ ଦୃଢ଼ ପଦକ୍ଷେପ ନିଆଯାଉନାହିଁ, ତେବେ ସରକାରଙ୍କ ପ୍ଲାଷ୍ଟିକ ନିଷେଧ ଅଭିଯାନ କେବଳ କାଗଜକଲମରେ ସୀମିତ ରହିଯିବାର ଆଶଙ୍କା ସୃଷ୍ଟି ହୋଇଛି।

ତିନି ଜିଲ୍ଲାରେ ମୋଟ ୧୧ଟି ଏକକ ବ୍ୟବହାର ପ୍ଲାଷ୍ଟିକ ୟୁନିଟ୍ ଚିହ୍ନଟ ହୋଇଛି। ଏଥିରୁ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୮ଟି ୟୁନିଟ୍ ରହିଛି। ସୋରରେ ଗୋଟିଏ, ବାଲେଶ୍ୱରରେ ୨ଟି, ବାଲିଆପାଳରେ ୨ଟି ଏବଂ ଜଳେଶ୍ୱରରେ ୩ଟି ୟୁନିଟ୍ ଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୨ଟି ଏବଂ ଭଦ୍ରକ ଜିଲ୍ଲାରେ ଗୋଟିଏ ୟୁନିଟ୍ ଥିବା ତଥ୍ୟ ମିଳିଛି। ଅର୍ଥାତ୍ ଏକକ ବ୍ୟବହାର ପ୍ଲାଷ୍ଟିକ ବିରୋଧରେ ଦେଶବ୍ୟାପୀ ନିଷେଧାଦେଶ ଥିବା ସତ୍ତ୍ୱେ ଏହି ତିନି ଜିଲ୍ଲାରେ ଏଭଳି ୟୁନିଟ୍ ସମ୍ପର୍କିତ ତଥ୍ୟ ରହିବା ନିଜେ ପ୍ରଶାସନିକ ତଦାରଖକୁ ପ୍ରଶ୍ନ ମଧ୍ୟରେ ରଖିଛି। ଏହି ୟୁନିଟ୍‌ଗୁଡ଼ିକରେ ପ୍ଲାଷ୍ଟିକ ଗ୍ଲାସ୍, ଥର୍ମାକୋଲ ଥାଳି ଏବଂ ବିଭିନ୍ନ ଥର୍ମାକୋଲଜାତ ସାମଗ୍ରୀ ପ୍ରସ୍ତୁତ ହେଉଥିବା ଅଭିଯୋଗ ରହିଛି। ଏଗୁଡ଼ିକର ବ୍ୟବହାର ମେଳା, ମହୋତ୍ସବ, ବିବାହ, ବ୍ରତଘର, ଭୋଜି, ବିଭିନ୍ନ ମାଙ୍ଗଳିକ ଉତ୍ସବ ଓ ସାମାଜିକ କାର୍ଯ୍ୟକ୍ରମରେ ବ୍ୟାପକ ଭାବେ ହେଉଥିବାରୁ ଏହାର ଚାହିଦା ମଧ୍ୟ ଅଧିକ। ଏକକ ବ୍ୟବହାର ପରେ ଏହି ସାମଗ୍ରୀଗୁଡ଼ିକ ଅଳ୍ପ ସମୟ ମଧ୍ୟରେ ବର୍ଜ୍ୟରେ ପରିଣତ ହୋଇଯାଉଛି। ହେଲେ ଏଗୁଡ଼ିକ ସହଜରେ ପ୍ରାକୃତିକ ଭାବେ ନଷ୍ଟ ନ ହେବାରୁ ଦୀର୍ଘ ସମୟ ଧରି ପରିବେଶରେ ପଡ଼ି ରହୁଛି। ରାସ୍ତାକଡ଼, ଖୋଲା ପଡ଼ିଆ, ନାଳନର୍ଦ୍ଦମା, ଜଳାଶୟ ଓ ଜଳ ନିଷ୍କାସନ ପଥରେ ଏହି ବର୍ଜ୍ୟ ଜମା ହୋଇ ପରିବେଶ ପ୍ରଦୂଷଣ ବଢ଼ାଉଛି। ବିଶେଷକରି ପ୍ଲାଷ୍ଟିକ ଗ୍ଲାସ୍ ଓ ଥର୍ମାକୋଲ ଥାଳି ଭଳି ବର୍ଜ୍ୟ ଡ୍ରେନ୍‌କୁ ଯିବା ପରେ ଜଳ ନିଷ୍କାସନ

## କାଗଜକଲମରେ ସୀମିତ କଟକଣା

ପଥ ଅବରୋଧ ହେବାର ଆଶଙ୍କା ରହୁଛି। ବର୍ଷା ସମୟରେ ଏହା ଜଳବନ୍ଦୀ ସମସ୍ୟାକୁ ଆହୁରି ଜଟିଳ କରୁଛି। ନିଷେଧାଦେଶ ଲାଗୁ କରିବାର ଦାୟିତ୍ୱ କେବଳ ରାସ୍ତାକଡ଼ରେ ଦୋକାନରେ ପ୍ଲାଷ୍ଟିକ ପଲିଥିନ ଧରି ଜରିମାନା କରିବାରେ ସୀମିତ ରହୁଥିବାର ଦେଖିବାକୁ ମିଳୁଛି। ଯେଉଁଠାରୁ ନିଷିଦ୍ଧ ପ୍ଲାଷ୍ଟିକର ଉତ୍ପାଦନ ଓ ଯୋଗାଣ ହେଉଛି, ସେହି ଉତ୍ସକୁ ବନ୍ଦ କରିବା ହିଁ ନିୟନ୍ତ୍ରଣ ବ୍ୟବସ୍ଥାର ପ୍ରଥମ ଦାୟିତ୍ୱ ହୋଇଥିବା ବେଳେ ତାହା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ୍ ଏବଂ ଜିଲ୍ଲା ପ୍ରଶାସନ। ଆହୁରି ଚିନ୍ତାଜନକ କଥା ହେଉଛି, ବାଲେଶ୍ୱର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧୀନରେ ବାଲେଶ୍ୱର ସହ ମୟୂରଭଞ୍ଜ ଓ ଭଦ୍ରକ ଭଳି ତିନିଟି ଜିଲ୍ଲା ରହିଥିବା ବେଳେ ଏହି ବ୍ୟାପକ ଅଞ୍ଚଳରେ ନିଷିଦ୍ଧ ପ୍ଲାଷ୍ଟିକ ୟୁନିଟ୍ ଉପରେ ବିଭାଗୀୟ ନଜରଦାରୀ କେତେ ମଜବୁତ, ତାହା ନେଇ ସନ୍ଦେହ ଦେଖାଦେଇଛି। ଗୋଟିଏ ପଟେ ପ୍ରଶାସନ ପ୍ଲାଷ୍ଟିକ ବର୍ଜ୍ୟ ବିରୋଧରେ ସଚେତନତା ଅଭିଯାନ, ଯାଞ୍ଚ ଓ ଜରିମାନା କରୁଥିବା ଡିଣ୍ଡିମ ପିଟା ଯାଉଛି ; ଅନ୍ୟପଟେ ନିଷିଦ୍ଧ ସାମଗ୍ରୀ ପ୍ରସ୍ତୁତି ସହ ସମ୍ପୃକ୍ତ ୟୁନିଟ୍ ସମ୍ପର୍କରେ ତଥ୍ୟ ଥିଲେ ମଧ୍ୟ ଯଦି ସେଗୁଡ଼ିକ ଉପରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଚିହ୍ନଟ ୧୧ଟି ୟୁନିଟ୍ ମଧ୍ୟରୁ କେତୋଟି ବୈଧ ଅନୁମତି ନେଇ ଚାଲୁଛି, କେତୋଟିର ଅନୁମତି ନାହିଁ, କେତୋଟି ୟୁନିଟ୍‌ରେ ନିଷିଦ୍ଧ ସାମଗ୍ରୀ ପ୍ରସ୍ତୁତ ହେଉଛି ଏବଂ କେତୋଟି ୟୁନିଟ୍ ଅନ୍ୟ ନାମରେ କାରଖାନା ଚଳାଇ ନିଷିଦ୍ଧ ସାମଗ୍ରୀ ପ୍ରସ୍ତୁତ କରୁଛି ଏସବୁର ଯାଞ୍ଚ ହେବା ଦରକାର। ଏ ନେଇ ବାଲେଶ୍ୱର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ମନମୋହନ ମୁର୍ମୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସଡ଼କ ଦୁର୍ଘଟଣାରେ ନର୍ସିଂ ଅଫିସରଙ୍କ ମୃତ୍ୟୁ



**ନୀଳଗିରି, ୧୩।୯ (ସମିସ):** ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ନୀଳଗିରି ଡାକ୍ତରଖାନାର ଜଣେ ନର୍ସିଂ ଅଫିସରଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଭୋଗରାଇ ବ୍ଲକ କର୍ମର୍ଦ୍ଦା ଅଞ୍ଚଳର ନିୟତି ଦାସ ଅଧିକାରୀ (୫୨)। ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ନର୍ସିଂ ଅଫିସର ନିୟତି ଗତ ସାତ ତାରିଖରେ ରୋଗୀଙ୍କ ସେବା ସାରିବା ପରେ ମେଡିକାଲ ବସା ଘରୁ ନିଜ ସ୍କୁଟିରେ ମେଡିକାଲରୁ ବାହାରି ନୀଳଗିରି ବସଷ୍ଟାଣ୍ଡ କୁ ତାଙ୍କ ଝିଅକୁ ଆଣିବା ପାଇଁ ଯାଉଥିବା ବେଳେ ନୀଳଗିରି ରେଳଷ୍ଟେସନ ରାସ୍ତାରେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଜେଲ୍ ପାଖାପାଖି ସ୍ଥାନରେ ସାମ୍ନାପଟୁ ଏକ ଗାଡ଼ି ଦ୍ରୁତଗତିରେ ଆସୁଥିବା ଦେଖି ସେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପ୍ରଥମେ ନୀଳଗିରି ଡାକ୍ତରଖାନା ପରେ ବାଲେଶ୍ୱର ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ୫ ଦିନର ଚିକିତ୍ସା ପରେ ରବିବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି।

# ପାଣି ଟାଙ୍କି ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

**ନୀଳଗିରି, ୧୩।୯ (ସମିସ):** ଚଳିତ ମାସ ଏକ ସରକାରୀ କାର୍ଯ୍ୟାଳୟରୁ ପ୍ଲାଷ୍ଟିକ ପାଣି ଟାଙ୍କି ଓ ସ୍କୁଲରୁ ଦୁଇଟି ପ୍ୟାଏ ଚୋରି କରି ଯୁବକ ଜଣଙ୍କ ଗ୍ରାମବାସୀଙ୍କ ହାତରେ ପଡ଼ି ହରହଟା ହେବାକୁ ପଡ଼ିଥିଲା। ଶେଷରେ ଚୋରି ଘଟଣା କୁ ନେଇ ଗ୍ରାମରେ କଙ୍ଗାରୁ କୋର୍ଟ ବସିଥିଲା। ଚୋରି କରୁଥିବା ନେଇ ଅଭିଯୁକ୍ତ କୁ ଅର୍ଥ ଦଣ୍ଡ ଦେବାକୁ ପଡ଼ିଥିଲା। ଶେଷରେ ଘଟଣାର ସମାଧାନ ମଧ୍ୟ ହୋଇ ଯାଇଥିଲା। ମାତ୍ର ଚୋରି କରୁଥିବା ଯୁବକ ଜଣକ ରାଜନୈତିକ ପକ୍ଷ ପାଲି ରେ ପଡି ଶେଷରେ ଗିରଫ ହେବାକୁ ପଡ଼ିଲା। ଏପରି ଏକ ଘଟଣା ନୀଳଗିରି ଥାନା ଅନ୍ତର୍ଗତ ଭାଲୁକାଶୁଣି ଗ୍ରାମରେ ଦେଖିବାକୁ ମିଳିଛି। ଗତ ୧୦ଦିନ ପୂର୍ବରୁ ଉକ୍ତ ଗ୍ରାମରେ ଥିବା ଫରେଷ୍ଟ ବିଟ୍ ହାଉସରୁ ଉକ୍ତ ଗ୍ରାମର ଦେବେନ୍ଦ୍ର ସିଂ ଉକ୍ତ ଅଫିସରୁ ପ୍ଲାଷ୍ଟିକ ପାଣି ଟାଙ୍କି ଓ ଉକ୍ତ ସ୍କୁଲରୁ ଦୁଇଟି ପ୍ୟାଏ ଚୋରି କରି ଘରେ ରଖିଥିବା ବେଳେ ଗ୍ରାମବାସୀ ଜାଣିବା ପରେ ତା ଘରେ ଚଢ଼ାଉ କରିବା ପରେ ସବୁ ଚୋରି ସାମଗ୍ରୀ ଜବତ କରିବା ସହ ତାର ଏକ ବାଇକ୍ ଟିକୁ ନେଇ ଆସିଥିଲେ। ପରେ ଏ ନେଇ ଗ୍ରାମରେ ଏକ କଙ୍ଗାରୁ କୋର୍ଟ ବସିଥିଲା। ଏହି କଙ୍ଗାରୁ କୋର୍ଟରେ ଦେବେନ୍ଦ୍ର ସିଂ ଚୋରି କରିଥିବା ନେଇ ମାନିବା ପରେ ତିରିଶି ହଜାର ଟଙ୍କା ଦଣ୍ଡ ଗଣିବା ପରେ ତା ବାଇକ ଟି କୁ ଫେରାଇ ଦେଇଥିବାର କଙ୍ଗାରୁ କୋର୍ଟରେ ଲେଖା ପଢ଼ା ପରେ ସମାଧାନ ହୋଇ ଯାଇଥିଲା। ମାତ୍ର ଦେବେନ୍ଦ୍ର ସିଂ ତିରିଶି ହଜାର ଟଙ୍କା ଫେରି ପାଇବାର ଆଶା ନେଇ ରାଜ ନେତାଙ୍କ ଶରଣ ପଶିଲା ପରେ ତୁରନ୍ତ ଗ୍ରାମବାସୀଙ୍କ ବିରୋଧରେ ଏକ ଏତଲା ଦେବାକୁ କହିଥିଲେ। ତଦନୁସାରେ ଦେବେନ୍ଦ୍ର ସିଂ ୧୦/୦୯/୨୬ରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ବିରୁଦ୍ଧରେ ଅଭିଯୋଗ ଯୋଗ ହୋଇଥିବା ନେଇ ସୂଚନା ପାଇବା ପରେ ଆଜି ଶତାଧିକ ଗ୍ରାମବାସୀ ନୀଳଗିରି ଥାନାରେ ରୁଣ୍ଡ ହୋଇଥିଲେ। ପରେ ନୀଳଗିରି ଏସ.ଡି.ପି.ଓ, ନିର୍ମଳା ଗୋହ୍ମାଇତ, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କୁ ଡାକି ଘଟଣା ବାବଦରେ ତର୍ଜମା କରିବା ପରେ, ଦେବେନ୍ଦ୍ର ସିଂ ଚୋରି କରିଥିବା ଘଟଣାରେ ଗିରଫ ହେବା ସହ ଦେବେନ୍ଦ୍ର ସିଂ ଦେଇଥିବା ତିରିଶି ହଜାର ଟଙ୍କା ଗ୍ରାମବାସୀ ଫେରାଇଦେବାର ସ୍ଥିର ହେବା ପରେ ଚୋରି ମାମଲାରେ ଦେବେନ୍ଦ୍ର ସିଂଙ୍କୁ ପୁଲିସ ଗିରଫ କରିଛି। ଦେବେନ୍ଦ୍ର ସିଂ ଗ୍ରାମରେ ଅନେକ ଚୋରି କରିଥିବାର ଗ୍ରାମବାସୀ ଅଭିଯୋଗ ଆଣିଥିଲେ।

# ୩ ଗୋରୁ ଉଦ୍ଧାର, ଦୁଇ ଅଟକ

**ସୋର, ୧୩।୯ (ସମିସ):** ସୋର ଥାନା ନଦୀଗାଁ ଛକ ନିକଟରେ ଗୋରୁ ଚୋରି କରି ଏକ ଅଟୋରେ ନେଉଥିବା ବେଳେ ସ୍ଥାନୀୟ ଲୋକେ ଦୁଇଜଣଙ୍କୁ କାବୁ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଆଜି ଭୋର ସମୟରେ ଏକ ଅଟୋରେ ତିନୋଟି ଗାଈ ନେଇ ବେଲପୁର ଅଞ୍ଚଳର ଦୁଇଜଣ ଯୁବକ ନଦୀଗାଁ ଅଭିମୁଖେ ଆସୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଗୋରୁ ଚୋରି ଅଭିଯୋଗରେ ଗାଡିକୁ ଅଟକ ରଖିବା ସହିତ ଯୁବକ ଦୁଇଜଣଙ୍କୁ କାବୁ କରି ସୋର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ୩ଟିକୁ ଉଦ୍ଧାର କରି ସୋର ଗୋଶାଳରେ ଛାଡିବା ସହିତ ଅଟୋକୁ ଜବତ କରିଛି। ପୁଲିସ ଏନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ

**ସିମୁଳିଆ, ୧୩।୯ (ସମିସ):** ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତ ମାଲୁରିପୁର ଗ୍ରାମରେ ପାଶ୍ୱର୍ରେ ଥିବା ଏକ ଘରୋଇ ଫାର୍ମରେ ଜୁଆ ଖେଳ ଚାଲୁ ଥିବା ବେଳେ ସିମୁଳିଆ ଆଇଆଇସି ଦେବରାଜ ଜେନାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ସେଠାରୁ ଜୁଆ ଖେଳ ସରଞ୍ଜାମ ସହ ୫ଟି ବାଇକ୍ ଜବତ କରାଯାଇଛି। ଜୁଆ ଖେଳ କରୁଥିବା ଦୁଇ ଜଣ ହେଲେ ତିହିଡି ବ୍ଲକ ମନ୍ଦାରମାଳ ଗ୍ରାମର ତ୍ରିଲୋଚନ ନାୟକଙ୍କ ପୁତ୍ର ଧନଞ୍ଜୟ ନାୟକ ଓ ଖଇରା ବ୍ଲକ ସିମୁଳିଆ ଥାନା ଅଧିନ ବରଦା ଗ୍ରାମର ଅଂକୁର ପଲେଇଙ୍କ ପୁତ୍ର ରବୀନ୍ଦ୍ର କୁମାର ପଲେଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ଦେଶୀ ମଦ ଓ ପୋଚ ଜବତ ଓ ନଷ୍ଟ

**ନୀଳଗିରି, ୧୩।୯ (ସମିସ):** ନୀଳଗିରି ଅବକାରୀ ବିଭାଗର ରେଞ୍ଜ ଅଧିକାରୀ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଆଜି ନୀଳଗିରି ରେଞ୍ଜ ଅଧୀନରେ ଦୁଇଟି ସ୍ଥାନରେ ଏବଂ ବରହମପୁର ଥାନା ଅଞ୍ଚଳର ଗୋଟିଏ ସ୍ଥାନରେ ରେଡ୍ କରି ବିପୁଳ ପରିମାଣର ପୋଚ ଓ ଦେଶୀମଦ ଜବତକରି ସମସ୍ତ ମଦ ଓ ପୋଚକୁ ସେହି ସ୍ଥାନରେ ନଷ୍ଟ କରାଯାଇଥିବା ବିଭାଗୀୟ ସୂଚନା ମିଳିଛି। ନୀଳଗିରି ଥାନା ଅଧୀନସ୍ଥ ପୁଦାଳ କେନାଲ କଡ଼ରେ ଦୁଇଟି ସ୍ଥାନରେ ଚଢାଉକରି ୭୩୦ଲିଟର ଦେଶୀମଦ ଏବଂ ୯୫୦୦ଲିଟର ପୋଚ , ଅନୁରୂପ ଭାବେ ବରହମପୁର ଥାନା ବେତକଟା ଜଙ୍ଗଲ ମଧ୍ୟରେ ୩୮୦ଲିଟର ଦେଶୀମଦ ଏବଂ ୩୦୦୦ଲିଟର ପୋଚ ମୋଟ ୧୧୧୦ ମଦ ଓ ୧୨୫୦୦ପୋଚ ଜବତକରି ଉକ୍ତ ସ୍ଥାନରେ ନଷ୍ଟ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହି ଚଢ଼ଉରେ ନୀଳଗିରି ଅବକାରୀ ସବ ଇନ୍ସପେକ୍ଟର ଗାଙ୍ଗୋମଣୀ ହେମ୍ବ୍ରମ, ଏଏସଆଇ ସୁଶାନ୍ତ ରାଉତ, ଅବକାରୀ କନେଷ୍ଟବଳ ସନ୍ତୋଷ ବେହେରା, ତପନ କୁମାର ମଲ୍ଲିକ ସାମିଲଥିଲେ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୧୩।୯ (ସମିସ):** ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଏକ ଜରୁରୀ ବୈଠକ ମାକଳପୁର ସ୍ଥିତ ଅରୁଣ ଦେ'ଙ୍କ ସ୍ମୃତି ପରିଷଦ କେନ୍ଦ୍ରର ଆବାହକ ମହମ୍ମଦ ଇସଲାମଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ ଅନ୍ୟତମ ଆବାହକ ଜିତେନ୍ଦ୍ର କୁମାର ଉପାଧ୍ୟାୟ। ବୈଠକରେ ବିଶେଷ କରି ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ଉତ୍ସବ ପାଳନ ଅବସରରେ ଗତବର୍ଷ ପରି ଚଳିତବର୍ଷ ବିଭିନ୍ନ ସ୍କୁଲ୍‌ରେ ଗାନ୍ଧିଜୀଙ୍କ ଜୀବନଚର୍ଯ୍ୟା ସଂପର୍କରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମର ଲିଖିତ ପର ପରୀକ୍ଷା କରାଯିବ। କୃତୀ ପ୍ରତିଯୋଗୀମାନଙ୍କୁ ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ କରାଯିବ। ଏହାଛଡା ଅକ୍ଟୋବର ୨ତାରିଖ ଜୟନ୍ତୀ ପାଳନ ଅବସରରେ ସମାଜରେ ପ୍ରତିଷ୍ଠିତ ବୁଦ୍ଧିଜୀବୀମାନଙ୍କୁ ଅତିଥିଭାବେ ନିମନ୍ତ୍ରିତ କରାଯିବ, ପ୍ରତିଷ୍ଠାନର ପ୍ରତିଷ୍ଠାନର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନଜୀବୀ ତଥା କଳାପ୍ରେମୀ ଜ୍ୟୋତିପ୍ରକାଶ ବାରିକ ନୂତନ ସଭ୍ୟ ଭାବେ ଦେଇଥିବାରୁ ତାଙ୍କୁ କେନ୍ଦ୍ର ପକ୍ଷରୁ ସ୍ୱାଗତ କରାଯାଇଥିଲା।


# ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ୟୁନିଟି ପକ୍ଷରୁ ରକ୍ତଦାନ ଶିବିର

**ବାଲେଶ୍ୱର,୧୩।୯ (ସମିସ):** ରୋଟାରୀ କ୍ଲବ ଅଫ ବାଲେଶ୍ୱର ୟୁନିଟି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରକ୍ତକେନ୍ଦ୍ର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଏହି ଶବିରକୁ ଉଦଘାଟନ ସହିତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍‌ର ସଭାପତି ଅନୂପ ନାରାୟଣ ଦାଶ ରକ୍ତଦାନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର ଏବଂ ଉପାଧକ୍ଷ ସୁମିତ ଭୂୟାଁ ଓ ଅମିତ ପାଣିଗ୍ରାହୀ ପ୍ରମୁଖ ଏହି ରକ୍ତଦାନ ଶିବିର ପରିଚାଳନା କରିଥିଲେ। ଅମିତା ପାଣିଗ୍ରାହୀ, ପ୍ରଭାସିନୀ ମହାପାତ୍ର, ଶେଖ ଫୁରକାନ ଅଲ୍ଲୀ, ଶିବରାଜ ସାମଲ, ଲୋକେଶ ପ୍ରଧାନ, ଅର୍ଣ୍ଣବ ବୋଷ, ରଞ୍ଜିତ ପଣ୍ଡା, ଅବଦୁଲ ସାଦବ ଖାନ, ଧିଲନ ଦାସ, ସାମାପିକା ମହାପାତ୍ର, ରମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କାମେଶ୍ୱର କ୍ଲବ ପକ୍ଷରୁ ରକ୍ତଦାନ ଶିବିର

**ସୋର,୧୩।୯ (ସମିସ):** ପବିତ୍ର ଗଣେଶ ପୂଜା ଉପଲକ୍ଷେ ସୋର ପୌରାଞ୍ଚଳ ବଡ଼ଖୁରିସ୍ଥିତ କାମେଶ୍ୱର କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୂର୍ବତନ ପୌରାଧକ୍ଷା ସସ୍ମିତା ଦାସ, ପୂର୍ବତନ ପାରିଷଦ ରଞ୍ଜନ ଦାସ ଓ ଜାନକୀ ନାୟକ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରୁ ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥଲା। ଅତିଥିଭାବେ ସୋର ୟୁଟ୍ୟୁବ ସେବା ସଂଘର ସଭାପତି ଗୌରୀଶଙ୍କର ସିଂ, ସମ୍ପାଦକ ସଞ୍ଜୟ ନାୟକ ଓ ସହ ସମ୍ପାଦକ ସଞ୍ଜୟ ଦାସ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କମିଟିର ସଭାପତି ସାଗର କାଞ୍ଜିଆ ଶିବିରକୁ ପରିଚାଳନା କରିଥିବା ବେଳେ କ୍ଲବର ମୁଖ୍ୟ ରାଧାକାନ୍ତ ନାୟକ, ସମ୍ପାଦକ ଡମ୍ବରୁ ଧର ଦାସ, ପ୍ରଭୁଜିତ ମହାନ୍ତି, ଉମାକାନ୍ତ ରାଉତ, ଶାଶ୍ୱତ ରଞ୍ଜନ ମହାନ୍ତି, ଶୁବାଶିଷ ନାୟକ, ଅଭୟ ବେହେରା, ସୁନୀଲ ବେହେରା, କାଳନ୍ଦ୍ରୀ ମଣ୍ଡଳ,ସୌରଭ ନାୟକ, ବରୁଣ ଲାମା, ପ୍ରକାଶ ଦାସ, ମୁକ୍ତିକାନ୍ତ ଦାସ, ସୁନୀଲ ଦାସ,ତାପସ ଦାସ, ସୁଶାନ୍ତ ବାରିକ, ଶେଖର ବାରିକ, କ୍ଷୀତିଶ ସାହୁ, ସତୀଶ ମହାନ୍ତି, ଶୁଭମ ନାୟକ, ହରେକୃଷ୍ଣ ବେହେରା, ପ୍ରଭାକର ନାୟକ, ଗୁଡୁରାମ ଦାସ, ଅଶୋକ ମହାରଣା, ସଞ୍ଜୟ ବେହେରା, କାହ୍ନୁ ମଣ୍ଡଳ, ତପନ ବେହେରା, ରାଜେଶ ନାୟକ, ସଞ୍ଜୟ ନାୟକ, ମନ୍ମଥ ଜେନା, ବିକାଶ ଦାସ ସହଯୋଗ କରିଥିଲେ।

# ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଉଦ୍‌ଯାପିତ




**ଚନ୍ଦନେଶ୍ୱର, ୧୩।୯ (ସମିସ):** ସଂସ୍କୃତ କେବଳ ଏକ ଭାଷା ନୁହେଁ, ଏହା ଭାରତୀୟ ଜ୍ଞାନ ପରମ୍ପରା ଓ ସଂସ୍କୃତିର ଜୀବନ୍ତ ଆଧାର ବୋଲି ଭୋଗରାଇ ବ୍ଲକ ସୁନାଧରବସାଣ ପଞ୍ଚାୟତସ୍ଥିତ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ସଂସ୍କୃତ ସପ୍ତାହର ଉଦ୍‌ଯାପନୀ ସମାରୋହରେ ମତପ୍ରକାଶ ପାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହ ଅଧକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର ଯୋଗଦେଇ ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ରକ୍ଷାକବଚୀ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲାସ୍ଥିତ ଭୋଳାନାଥ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଉତ୍ପଳ କୁମାର ଅଧିକାରୀ ଯୋଗଦେଇ ସଂସ୍କୃତ ଭାଷାର ଅତୁଳନୀୟତା ଓ ବୈଜ୍ଞାନିକ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ସଂସ୍କୃତ ବିଭାଗମୁଖ୍ୟ ବ୍ରଜବିହାରୀ ପତି ଯୋଗଦେଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଗୌରବମୟ ଐତିହ୍ୟ ଓ ଶିକ୍ଷା କ୍ଷେତ୍ରରେ ଏହାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବେଦପାଠ, ସଂସ୍କୃତ ଭାଷଣ, ସଂସ୍କୃତ ସଙ୍ଗୀତ ଓ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ ପରିବେଷଣ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସମୀର ନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପଥର ଶିଳ୍ପୀ ଗୋଲକ ପାତ୍ର ପାଇବେ 'କବିବର ପ୍ରତିଭା ସମ୍ମାନ'



**ସୋର, ୧୩।୯ (ସମିସ):** କବିବର ରାଧାନାଥ ରାୟଙ୍କ ୧୭୮ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ତୃତୀୟ ପ୍ରସ୍ତୁତି ବୈଠକ କବିବରଙ୍କ ଜନ୍ମପୀଠ କେଦାରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସର୍ବ ସମ୍ମତିକ୍ରମେ ଗୋଲକ ପାତ୍ରଙ୍କ ପରି ପ୍ରତିଭାଙ୍କୁ ଅନ୍ୱେଷଣ କରି ତାଙ୍କର ନିଖୁଣ ଜାଦୁଗରୀ କଳା ନିପୁଣତା ତଥା ସମାଜସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ପାଇଁ ଆଜିର ବୈଠକରେ ପ୍ରତିଭା ସମ୍ମାନରେ ନାମ ଚୂଡ଼ାନ୍ତ କରାଯାଇଛି। ଆଜିର ଆଲୋଚନାର ମୁଖ୍ୟ ପ୍ରସଂଗ ଥିଲା ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରୁ କବିବରଙ୍କ ଜନ୍ମମାଟି ବାଦ ପଡିବା ପ୍ରସଙ୍ଗ, ସମସ୍ତ ଆଲୋଚନାର ଅନ୍ତମତେ ସଂସଦ ତରଫରୁ ଏକ ବଳିଷ୍ଠ ଦାବିପତ୍ର ସମ୍ବଳିତ ଚିଠି ମୁଖ୍ୟମନ୍ତ୍ରୀଙ୍କ ଅନ ଲାଇନ ଅଭିଯୋଗ କେନ୍ଦ୍ରକୁ ପ୍ରେରଣ ହେବା ସହିତ ଓଡ଼ିଶା ସରକାର ତଥା ସଂସ୍କୃତି ମନ୍ତ୍ରୀଙ୍କୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବୀ ରହିବ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ କବିବରଙ୍କ ଅବଦାନ ବାବଦରେ ରାଜ୍ୟ ସରକାରଙ୍କୁ ସଠିକ ଅବଗତ କରାଇ ଐତିହ୍ୟ ଗ୍ରାମ ଯୋଜନାରେ କବିବରଙ୍କ ଜନ୍ମପୀଠ କେଦାରପୁରକୁ ସାମିଲ କରାଯିବାର ଦୃଢ ଦାବି ଉପସ୍ଥାପନ କରାଯିବ। ବୈଠକରେ ସଦସ୍ୟ ମାନଙ୍କ ମଧ୍ୟରେ ଶ୍ରୀକାନ୍ତ ଜେନା, ଶ୍ରୀମନ୍ତ ପାତ୍ର, ରଙ୍ଗାଧର ମହାପାତ୍ର, ପ୍ରଭାକର ଲେଙ୍କା, ଭଗବାନ ଲେଙ୍କା, ଭାସ୍କର ଚନ୍ଦ୍ର ନାୟକ, ରାଜେନ୍ଦ୍ର ରଣା, ପ୍ରଭାତ ପାକଳ, ଗୋଲକ ପାତ୍ର, ରତ୍ନାକର ବାରିକ, ପ୍ରଦୀପ କୁମାର ବିଶ୍ୱାଳ, କାର୍ତ୍ତିକଚନ୍ଦ୍ର ମହାପାତ୍ର, ଗୌରାଙ୍ଗ ମହାପାତ୍ର, ବିଶ୍ୱନାଥ ଘୋଷ ଅଂଶଗ୍ରହଣ କରିଥିଲେ। ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନେସ୍କୋ ପାୱାର ଏମ୍ପ୍ଲୟିଜ୍ ୟୁନିଅନର ସଭାପତି ହେଲେ ପର୍ଶୁରାମ ଧଡ଼ା

**ବାଲେଶ୍ୱର, ୧୩।୯ (ସମିସ):** ନେସ୍କୋ ପାୱାର ଏମ୍ପ୍ଲୟିଜ୍ ୟୁନିଅନର ନବନିଯୁକ୍ତ ସଭାପତି ତଥା ସୋରର ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁଡ଼ିପଦାସ୍ଥିତ ସଂଘ କାର୍ଯ୍ୟାଳୟରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଉତ୍ତର ଓଡ଼ିଶାର ପାଞ୍ଚ ଜିଲ୍ଲାର ଶ୍ରମିକ ପ୍ରତିନିଧି ଯୋଗଦେଇଥିଲେ। ସଭାରେ ଶ୍ରୀ ଧଡ଼ା ଟିପିଏନଓଡିଏଲ୍‌ରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଠିକା ଓ ଆଉଟସୋର୍ସି କର୍ମଚାରୀଙ୍କୁ ନିୟମିତ ନିଯୁକ୍ତି ଏବଂ ବହିଷ୍କୃତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦାବି କରିଥିଲେ। ତ୍ରୁଟିପୂର୍ଣ୍ଣ ବିଲ୍, ଅତିରିକ୍ତ ଚାର୍ଜ ଓ ବିନା ନୋଟିସ୍‌ରେ ବିଦ୍ୟୁତ କାଟିବା ନେଇ ମଧ୍ୟ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ବେରା ୬ ଦଫା ଦାବି ଉପସ୍ଥାପନ କରିଥିଲେ। ଦାବି ପୂରଣ ନ ହେଲେ ଦୃଢ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ସଭାରେ ମୁଖ୍ୟ ଉପଦେଷ୍ଟା ଜଗଦୀଶ ଚନ୍ଦ୍ର ବେହେରା, ଉପଦେଷ୍ଟା ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ, ଆଇନ ଉପଦେଷ୍ଟା ମନୋଜ ନାୟକ, ଉପ-ସାଧାରଣ ସମ୍ପାଦକ ପଙ୍କଜ ଜେନା, ଓଏସଇଇଏଫ୍‌ର ସାଧାରଣ ସମ୍ପାଦକ ସତ୍ୟବାଦୀ ବାଗ, ଅତିରିକ୍ତ ସାଧାରଣ ସମ୍ପାଦକ ଶମ୍ଭୁପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ, ଉପସଭାପତି ଆଶିଷ ଜେନା, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, କାର୍ତ୍ତିକେଶ୍ୱର ପାଣ୍ଡବ, ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରୀ ସପନ ଦାସ, ଭରତ ଚନ୍ଦ୍ର ସେଠୀ, ଅଶ୍ୱିନୀ ପଣ୍ଡା, ବୃନ୍ଦାବନ ମହାନ୍ତି ଓ ଏଆଇଟିୟୁସି ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନାଙ୍କ ସମେତ ପାଞ୍ଚ ଜିଲ୍ଲାର ବହୁ ଶ୍ରମିକ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘର କୋଷାଧ୍ୟକ୍ଷ ସୁମନ୍ତ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାନ୍ଥଭଉଁରୀର ପ୍ରତିଷ୍ଠା ଦିବସ




**ଚନ୍ଦନେଶ୍ୱର, ୧୩।୯ (ସମିସ):** ଛାତ୍ର ଜୀବନ ହେଉଛି ଜୀବନ ଗଠନର ସୁବର୍ଣ୍ଣ ସମୟ। ଏହି ସମୟରେ ଶିକ୍ଷା ସହିତ ଶୃଙ୍ଖଳା, ନୀତି, ନୈତିକତା ଓ ମାନବିକ ମୂଲ୍ୟବୋଧର ବିକାଶ ହିଁ ଜଣେ ଛାତ୍ରଙ୍କୁ ଭବିଷ୍ୟତର ଆଦର୍ଶ ନାଗରିକ ଭାବେ ଗଢ଼ି ତୋଳିଥାଏ। ଏଥିରେ ଗୁରୁଙ୍କ ମାର୍ଗଦର୍ଶନ ସହିତ ବାପାମାଆଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ସହ ସେମାନଙ୍କ ଚରିତ୍ର ଗଠନକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ମତପ୍ରକାଶ ପାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଗରିମାମୟ ପ୍ରତିଷ୍ଠା ଦିବସ ସମାରୋହ ବିଦ୍ୟାଳୟର ଅଧ୍ୟକ୍ଷା ସରିତା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ଚନ୍ଦନ ପଟ୍ଟାୟତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ଶୃଙ୍ଖଳା ଓ ଅଧ୍ୟବସାୟ ସହ ଶିକ୍ଷା ଗ୍ରହଣ କରି ନିଜର ସ୍ୱପ୍ନ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ କିରଣବାଳା ଜେନା, ପଞ୍ଚାୟତ ସମିତି ସଦସ୍ୟ ପ୍ରଦୀପ କୁମାର ଦାସ ଓ ବିଶିଷ୍ଟ ସମାଜସେବୀ ଶ୍ରୀହରି ଜେନା ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସତ୍ୟରଞ୍ଜନ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ

# ଅପରେଟର ନିଯୁକ୍ତି ନହେବାରୁ ଫେରିଗଲା ମେସିନ

**ବାଲେଶ୍ୱର, ୧୩।୯ (ସମିସ)**




ଘରୋଇ ପାଥୋଲାବକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ

ଉତ୍ତର ଓଡ଼ିଶାର ଏକ ପ୍ରମୁଖ ସରକାରୀ ଚିକିତ୍ସା ପ୍ରତିଷ୍ଠାନ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀ ସେବାକୁ ନେଇ ପୁଣି ସାଂଘାତିକ ଅବ୍ୟବସ୍ଥାର ଅଭିଯୋଗ ସାମ୍ନାକୁ ଆସିଛି। ରୋଗ ପରୀକ୍ଷା ପାଇଁ ଆବଶ୍ୟକ ମେସିନ୍ ଆସିଥିଲେ ମଧ୍ୟ ଅପରେଟର ନିଯୁକ୍ତ ନହେବାରୁ ମେସିନ୍ ଅଚଳ ହୋଇ ଫେରିଯାଇଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ହସ୍ପିଟାଲରେ ଟେଷ୍ଟ ସୁବିଧା ନ ଥିବା ଦର୍ଶାଇ ରୋଗୀଙ୍କୁ ଘରୋଇ ପାଥୋଲାବ୍‌କୁ ପଠାଯାଉଥିବା ଅଭିଯୋଗ ଏବେ ବଡ଼ ପ୍ରଶ୍ନ ଠିଆ କରିଛି।

ଅଭିଯୋଗ ଅନୁସାରେ, ଗତ ୮ ତାରିଖରେ ଛାତିରେ ଯନ୍ତ୍ରଣା ହେବାରୁ ଜଣେ ରୋଗୀ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଛାତି ଓ ଯକ୍ଷ୍ମା ରୋଗ ଚିକିତ୍ସା ବହିଃବିଭାଗ-୧ରେ ଡାକ୍ତର ରୋଗୀଙ୍କୁ ସ୍ପିରୋମେଟ୍ରି ଭଳି ଶ୍ୱାସକ୍ରିୟା ସମ୍ବନ୍ଧୀୟ ପରୀକ୍ଷା କରିବାକୁ ପରାମର୍ଶ ଦେଇ ଲେଖିଥିଲେ। କିନ୍ତୁ ଏହି ପରୀକ୍ଷା ମେଡିକାଲ କଲେଜ ଓ ହସ୍ପିଟାଲରେ ହୋଇନପାରିବାରୁ ରୋଗୀଙ୍କୁ ବାହାରକୁ ପଠାଯାଇଥିବା ଅଭିଯୋଗ ରହିଛି। ସବୁଠାରୁ ଗୁରୁତର କଥା ହେଉଛି, ହସ୍ପିଟାଲରେ ଏହି ପରୀକ୍ଷା ପାଇଁ ମେସିନ୍ ଆସିଥିଲା। ହେଲେ ମେସିନ୍ ଚଳାଇବା ପାଇଁ ଅପରେଟର ନିଯୁକ୍ତି ନ ହେବାରୁ ମେସିନ୍ ଦୀର୍ଘଦିନ ଧରି ପଡ଼ି ରହିବା ପରେ ଶେଷରେ ଫେରିଯାଇଥିବା ଜଣାପଡ଼ିଛି। ଅର୍ଥାତ୍, ସରକାରୀ ଅର୍ଥରେ କିମ୍ବା ସରକାରୀ ବ୍ୟବସ୍ଥାରେ ପରୀକ୍ଷା ସୁବିଧା ଆସିଥିଲେ ମଧ୍ୟ ମାନବସମ୍ବଳ ଅଭାବରୁ ତାହା ରୋଗୀଙ୍କ କାମରେ ଆସିଲା ନାହିଁ। ଏହାଠାରୁ ଆହୁରି ଗୁରୁତର ଅଭିଯୋଗ ହେଉଛି, ରୋଗୀଙ୍କ ପ୍ରେସକ୍ରିପସନ୍ ଟିକେଟ୍‌ରେ ସ୍ପିରୋମେଟ୍ରି ଟେଷ୍ଟ ଲେଖାଯିବା ସହ ଜାନୁଗଞ୍ଜ ଗୋଲେଇ ନିକଟସ୍ଥ "ଲକ୍ଷ୍ମୀପ୍ରିୟା' ନାମକ ଏକ ଘରୋଇ ପାଥୋଲାବ୍ ଏବଂ "ବାଲେଶ୍ୱର କ୍ୟୁର୍ ଏଣ୍ଡ କେୟାର' ଭଳି ଘରୋଇ ସଂସ୍ଥାକୁ ପଠାଯାଇଥିବା ଅଭିଯୋଗ ହୋଇଛି।

ବାଲେଶ୍ୱର ଜିଲ୍ଲାରେ ଏହା ପ୍ରଥମ ଘଟଣା ନୁହେଁ। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସରକାରୀ ଔଷଧ ମହଜୁଦ ଥିବା ସତ୍ତ୍ୱେ ବାହାର ଔଷଧ ଲେଖାଯାଉଥିବା ନେଇ ଭିଡିଓ ଭାଇରାଲ୍ ହେବା ପରେ ଦୁଇ ଜଣ ମହିଳା ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା।

# ଜିଲ୍ଲାସ୍ତରୀୟ ଜ୍ଞାନ ବିନିମୟ ଓ ଅଂଶୀଦାର ପରାମର୍ଶ ବୈଠକ

**ବାଲେଶ୍ୱର,୧୩।୯ (ସମିସ):** ଶିଶୁ ଶ୍ରମ ଉଚ୍ଛେଦ ଅଭିଯାନ ପକ୍ଷରୁ ଜିଲ୍ଲାରେ ଶିଶୁ ଶ୍ରମ ଓ ବାଲ୍ୟ ବିବାହର ପ୍ରଚଳିତ ସ୍ଥିତି ନେଇ ଜିଲ୍ଲାସ୍ତରୀୟ ଜ୍ଞାନ ବିନିମୟ ଓ ଅଂଶୀଦାର ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ସଂଯୋଜକ ସୁକାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ଜୟପ୍ରକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ କରାଯାଇଥିବା ଏକ ସର୍ଭେ ଆଧାରିତ ରିପୋର୍ଟକୁ ଅଭିଯାନର ପୂର୍ବତନ ରାଜ୍ୟ ସଂଯୋଜକ ଉମେଶ ପୁରୋହିତ ଉପସ୍ଥାପନ କରିଥିଲେ। ବୈଠକରେ ଶିଶୁ ମଙ୍ଗଳ କମିଟି, ଶ୍ରମ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ ହେଲ୍ପଲାଇନ୍ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରି ଶିଶୁ ଶ୍ରମ ଓ ବାଲ୍ୟ ବିବାହ ସହ ଜଡ଼ିତ ଆହ୍ୱାନ ଉପରେ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ବାଣ୍ଟିଥିଲେ। ଶିଶୁ ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ପାଇଁ ପ୍ରତିରୋଧ, ଚିହ୍ନଟ, ଉଦ୍ଧାର, ପୁନର୍ବାସ ଓ ସଚେତନତା ପଦକ୍ଷେପକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### ବିଭାଗୀୟ ଅବହେଳା

# ବ୍ଲକ୍ ପ୍ରାଣୀ ଅଧିକାରୀଙ୍କ କ୍ୱାର୍ଟର ଜରାଜୀର୍ଣ୍ଣ

ମହୁଲଡିହା,୧୩।୯ (ସମିସ):



ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟର ନବନିର୍ମିତ ବିଲଡିଂ ବ୍ୟବହାର ପୂର୍ବରୁ ପାଣି ଗଳୁଥିବାବେଳେ ଅନ୍ୟପଟେ ବ୍ଲକ ଭେଟେରିନାରୀ ଅଫିସରଙ୍କ ପୁରୁଣା କ୍ୱାର୍ଟର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବିଭାଗୀୟ ଅବହେଳା ଯୋଗୁଁ କ୍ୱାର୍ଟରକୁ ନା ଭଙ୍ଗାଯାଉଛି ନା ରହିବା ଉପଯୋଗୀ ହୋଇପାରୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।
ସୂଚନା ମୁତାବକ, ଠାକୁରମୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ସରକାରୀ କ୍ୱାର୍ଟର ବହୁବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଚାରିଆଡେ ଅନାବନା ଗଛଲତା ମାଡ଼ିଯାଇଛି। କାନ୍ଥରେ ଲତା ଛାଇଗଲାଣି। ସମ୍ପ୍ରତି ବର୍ଷାରେ ପାଖରେ ଥିବା ଏକ ଶୁଖିଲା ଗଛର ବଡ଼ ଡାଳ ପଡ଼ି ଛାତର ଏକ ଅଂଶ ଭାଙ୍ଗିଯାଇଛି। ଏତେ ଜରାଜୀର୍ଣ୍ଣ ହେଲେ ମଧ୍ୟ ବିଭାଗ ଏହାକୁ ଏ ପର୍ଯ୍ୟନ୍ତ ଡାମେଜ ଘୋଷଣା କରୁନାହିଁ। ନିୟମ ଅନୁଯାୟୀ ପୁରୁଣା ଘର ବିପଦସଂକୁଳ ଘୋଷଣା ନ ହେଲେ ସେହି ସ୍ଥାନରେ ନୂଆ ଘର ନିର୍ମାଣ ପାଇଁ ପ୍ରସ୍ତାବ ଯାଇପାରିବନାହିଁ। ଫଳରେ ଜାଗା ଥାଇ ମଧ୍ୟ ନୂଆ କ୍ୱାର୍ଟର ପାଇଁ ବାଟ ଫିଟୁନାହିଁ। ଏପଟେ ଅଧିକାରୀ ରହିବାକୁ ଘର ନ ପାଇ ବାହାରେ ଭଡ଼ାରେ ରହିବାକୁ ବାଧ୍ୟ ହେଉଥିବାବେଳେ ସରକାରୀ ସମ୍ପତ୍ତି ଏଭଳି ନଷ୍ଟ ହେଉଛି। ସରୀସୃପ ଓ ଅସାମାଜିକ କାର୍ଯ୍ୟକଳାପର ଆଡ୍ଡା ପାଲଟିଛି ଏହି ପରିତ୍ୟକ୍ତ କ୍ୱାର୍ଟର। ତେଣୁ ତୁରନ୍ତ ପୂର୍ତ୍ତ ବିଭାଗ ଏହି କ୍ୱାର୍ଟରକୁ ସରଜମିନ ତଦନ୍ତ କରି ବିପଦସଂକୁଳ ଘୋଷଣା କରିବା ସହ ନୂଆ କ୍ୱାର୍ଟର ନିର୍ମାଣ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ଖୁଣ୍ଟା ଉଚ୍ଚବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା



କୁଆମରା,୧୩।୯ (ସମିସ): ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରତି ଶନିବାର ବ୍ୟାଗ ମୁକ୍ତ, ସ୍ୱଚ୍ଛତା, ବନ ମହୋତ୍ସବ, ମାଆ ପାଇଁ ଗଛଟିଏ, ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବିଭିନ୍ନ ଔଷଧୀୟ ଓ ଫଳଗଛ ବିଦ୍ୟାଳୟ ପରିସରରେ ଲଗାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ରଚନା, ସାଧାରଣ ଜ୍ଞାନ, ତର୍କ, ସଂଗୀତ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ବର୍ଗରୁ ୪୬ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସାନଖୁଣ୍ଟା ପଞ୍ଚାୟତ ସରପଞ୍ଚ ସୁମି ହାଁସଦା, ସମିତି ସଭ୍ୟ ରଞ୍ଜନ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିମାଂଶୁ ମଡୁଆଳ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ଅମୂଲ୍ୟ ବିନ୍ଧାଣୀ, ଉମାଶଙ୍କର ଚକ୍ରବର୍ତ୍ତୀ, ଦୀପାଞ୍ଜଳି ଉପାଧ୍ୟାୟ, ମୋନାଲିସା ସେଠୀ, ରଞ୍ଜିତା ପାଣି, ପଦ୍ମିନୀ ପାଢ଼ୀ, ମମତାରାଣୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



ବାରିପଦା, ୧୩।୯ (ସମିସ): ଭବିଷ୍ୟତ ଶିକ୍ଷକଙ୍କ ପ୍ରୟୋଗାତ୍ମକ ବିଜ୍ଞାନ ପ୍ରତି ରୁଚି, ଦକ୍ଷତା ଓ ଆତ୍ମନିର୍ଭରଶୀଳତା ବୃଦ୍ଧି ଲକ୍ଷ୍ୟ ନେଇ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ସପ୍ତମ ସେମିଷ୍ଟାର ସମନ୍ୱିତ ବିଇଡି ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀର ଉଦଯାପନୀ ସଭା ରାସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. ବିଦ୍ୟୁତପ୍ରଭା ଦାସ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର ସୁଶ୍ରୀ ସଙ୍ଗୀତା ପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ପୁରାତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅମିତାଭ ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡ ଦିଲ୍ଲୀପ କୁମାର ଦଳେଇ, ସୁଶାନ୍ତ କୁମାର ରଣା ଓ ସୌଭାଗ୍ୟଲକ୍ଷ୍ମୀ ପୋଗଡ଼ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ପ୍ରଦର୍ଶନୀରେ ଅଲିଶା ମହାନ୍ତି, ଦେବୀଦତ୍ତ ଆଚାର୍ଯ୍ୟ ଓ ଅଂଶୁମାନ ମିଶ୍ରଙ୍କ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲା। ବିଜୟୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ମଦ ପିଇବାକୁ ନେଇ ଅପରାହ୍ନରେ ଗଣ୍ଡଗୋଳ

# ରାତିରେ ଢାବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

ବୈଶିଙ୍ଗା, ୧୩।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ଜାତୀୟ ରାଜପଥ କଡ଼ରେ ଥିବା ଗଡ଼ଦେଉଳିଆ ଛକର ଗୁଞ୍ଜନ ଢାବାରେ ଜଣେ କର୍ମଚାରୀଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଛି।

**● ପୁଲିସ ହାତରୁ ଖସିଥିବା ଅଭିଯୁକ୍ତ ରାତିରେ ଘଟାଇଲେ କାଣ୍ଡ**

ଆକ୍ରମଣରେ ପଶ୍ଚିମବଙ୍ଗ ଅଞ୍ଚଳର ଢାବା କର୍ମଚାରୀ ଗୋପାଲ ମଦକ ଗୁରୁତର ଆହତ ହୋଇଛନ୍ତି। ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବାଲେଶ୍ୱର ଜିଲ୍ଲା ନହରପାଟଣା ଅଞ୍ଚଳର ୪ ଜଣ ଯୁବକ ଢାବାକୁ ଆସି ସେଠାରେ ମଦ ପିଇବାକୁ ଜିଦ୍ କରିଥିଲେ। ଢାବାରେ ମଦ ପିଇବାକୁ ମନା କରିବାରୁ ସେମାନେ ଗୋପାଳଙ୍କ ସହ ପାଟିତୁଣ୍ଡ କରିବା ସହ ଧମକ ଦେଇ ଜୋର୍ ଜବରଦସ୍ତ ମଦ୍ୟପାନ କରିଥିଲେ। ଏହି ସମୟରେ ବୈଶିଙ୍ଗା ଥାନାର ପାଟ୍ରୋଲିଂ ଟିମ୍ ସେହି ରାସ୍ତା ଦେଇ ଯାଉଥିବାବେଳେ ଢାବାରେ ପହଞ୍ଚିଥିଲା। ପୁଲିସକୁ ଦେଖି ଅନ୍ୟମାନେ ଘଟଣାସ୍ଥଳରୁ ଖସିଯାଇଥିବାବେଳେ ଜଣେ ଯୁବକକୁ ପୁଲିସ କାବୁ କରି ଭ୍ୟାନରେ ବସାଇଥିଲା। ତେବେ ଆବଶ୍ୟକ ସଂଖ୍ୟକ ପୁଲିସ କର୍ମଚାରୀ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଜଣକ ପୁଲିସ ଭ୍ୟାନରୁ ଡେଇଁ ଚମ୍ପଟ ମାରିଥିଲା। ପରେ ପୁଲିସ ଅଭିଯୁକ୍ତଙ୍କ ଢାବା ବାହାରେ ଥିବା ବାଇକ୍‌କୁ ଜବତ କରି ଥାନାକୁ ନେଇଥିଲା। ଏହାକୁ କେନ୍ଦ୍ର କରି ରାତିରେ ଅଭିଯୁକ୍ତମାନେ ପୁଣି ଢାବାକୁ ଆସିଥିଲେ। ସେମାନେ ମାରଣାସ୍ତ୍ର ଧରି ଆସି ନିଜ ବାଇକ୍ ସମ୍ପର୍କରେ ଗୋପାଳଙ୍କୁ ପଚାରିଥିଲେ। ବାଇକ୍ ପୁଲିସ ନେଇଯାଇଥିବା ଗୋପାଳ କହିବାରୁ ଅଭିଯୁକ୍ତମାନେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ଅଭିଯୁକ୍ତମାନେ ଢାବା କାଉଣ୍ଟରରେ ଥିବା ପ୍ରାୟ ୭ ହଜାର ଟଙ୍କା ନେଇ ସେଠାରୁ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ଗୋପାଳଙ୍କୁ ଢାବାର ଅନ୍ୟ କର୍ମଚାରୀ ଓ ସ୍ଥାନୀୟ ଲୋକେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଏ ନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବୈଶିଙ୍ଗା ପୁଲିସ ଉଦ୍ୟମ ଚଳାଇଛି।

### ଝିଅ ଘରକୁ ଯାଇଥିଲେ ବୃଦ୍ଧ ଦମ୍ପତି

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବୈଶିଙ୍ଗା, ୧୩।୯ (ସମିସ): ବୃଦ୍ଧ ଦମ୍ପତି ଝିଅ ଘରକୁ ଯାଇଥିବା ସୁଯୋଗ ନେଇ ଘରେ ପଶି ୨୫ ହଜାର ଟଙ୍କା ଲୁଟିନେଇଛି ଦୁର୍ବୃତ୍ତ। ଚୋରିର ସମସ୍ତ କାରନାମା ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏ ଘଟଣା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମରେ ଘଟିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୁଲିସ ତଦନ୍ତ କରିଛି।

**● ସିସିଟିଭିରେ ଚୋରିର ଦୃଶ୍ୟ କଏଦ**
**● ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ପୁଲିସର ତଦନ୍ତ**

ଗଡ଼ଦେଉଳିଆ ଗ୍ରାମର ଦୟାନିଧି ଦାଶ ଓ ତାଙ୍କ ସ୍ତ୍ରୀ ବୁଧବାରଠାରୁ ଝିଅଙ୍କ ଘର ଆସ୍କା ଓ ଉଦଳା ବୁଲିବାକୁ ଯାଇଥିଲେ। ଘରେ ଅନୁପସ୍ଥିତ ଥିବାରୁ ପଡ଼ୋଶୀ କରୁଣାକର ଦଳେଇଙ୍କୁ ରାତିରେ ଘର ଜଗିବାକୁ କହି ଯାଇଥିଲେ। ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ୪୦ ମିନିଟ ସମୟରେ ଜଣେ ଦୁର୍ବୃତ୍ତ ଘର ପଛପଟ ତାରବାଡ଼ ଡେଇଁ ପରିସରରେ ପଶିଥିଲା। ମୁହଁରେ କପଡ଼ା ଗୁଡ଼ାଇ ଗ୍ରିଲର ତାଲା ଭାଙ୍ଗି ଘର ଭିତରକୁ ପଶିବା ପରେ ଗୋଟିଏ କୋଠରିରୁ ନଗଦ ୨୫ ହଜାର ଟଙ୍କା ଲୁଟିଥିଲା। ପରେ ଅନ୍ୟଏକ କୋଠରିକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ପଡ଼ୋଶୀ କରୁଣାକର ମୁଖ୍ୟ ଫାଟକ ଖୋଲିବା ଶବ୍ଦ ଶୁଣି ଦୁର୍ବୃତ୍ତ ଜଣକ ପୁଣି ଘର ପଛପଟ ତାରବାଡ଼ ଡେଇଁ ଫେରାର ହୋଇଯାଇଥିଲା। ପରେ କରୁଣାକର ଘର ଭିତରକୁ ଯାଇ ଚୋରି ହୋଇଥିବା ଜାଣି ପରିବାର ଲୋକଙ୍କୁ ଫୋନ୍ ଯୋଗେ ସୂଚନା ଦେଇଥିଲେ। ଖବର ପାଇ ଦୟାନିଧିଙ୍କ ପରିବାର ଲୋକ ଘରେ ପହଞ୍ଚି ୨୫ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଦୟାନିଧିଙ୍କ ବଡ଼ ଜ୍ୱାଇଁ ଅଂଶୁମାନ ତ୍ରିପାଠୀ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ ଘଟଣାସ୍ଥଳରେ ଛାନଭିନ୍ ଆରମ୍ଭ କରିଥିବାବେଳେ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତକୁ ଧରିବାକୁ ପ୍ରୟାସ କରୁଛି।

## 'ନମସ୍ତେ ଓଡ଼ିଶା' ଓଡ଼ିଆ ଖାଦ୍ୟର ସ୍ୱାଦ, ପରମ୍ପରା ଓ ପରିଚୟ




ବାରିପଦା, ୧୩।୯ (ସମିସ): ଓଡ଼ିଆ ଖାଦ୍ୟ କେବଳ ଖାଦ୍ୟ ନୁହେଁ, ଏହା ଆମ ମାଟି, ପରମ୍ପରା ଓ ଜୀବନଶୈଳୀର ଏକ ଅଂଶ। ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ସ୍ୱାଦ ଓ ଖାଦ୍ୟ ପରମ୍ପରା ରହିଛି। ସେହି ସ୍ୱାଦ ଓ ପରମ୍ପରାକୁ ଗୋଟିଏ ଛାତ ତଳେ ଆଣିବାର ଏକ ଛୋଟ ପ୍ରୟାସ ହେଉଛି "ନମସ୍ତେ ଓଡ଼ିଶା'। ବାରିପଦା ମଧୁବନ ବା କେସି ସର୍କଲ-ଅସ୍ତିଆ ରୋଡରେ ରବିବାର ନୂଆ ରେଷ୍ଟୁରାଣ୍ଟର ଶୁଭାରମ୍ଭ ହୋଇଛି। ଓଡ଼ିଆ ଚକୋଲେଟ ହିରୋ ସ୍ୱରାଜ ବାରିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପାରମ୍ପରିକ ଓ ଅଥେଣ୍ଟିକ୍ ଖାଦ୍ୟକୁ ଗୁରୁତ୍ୱ ଦେଇ ଓଡ଼ିଆଙ୍କ ପ୍ରିୟ ଖାଦ୍ୟର ରେଷ୍ଟୁରାଣ୍ଟ ପରିକଳ୍ପନାକୁ ପ୍ରଶଂସା କରିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳ ଓ ସମ୍ପ୍ରଦାୟର ପାରମ୍ପରିକ ରେସିପି, ରନ୍ଧନ ପ୍ରଣାଳୀ ଓ ସ୍ୱାଦକୁ ଏଠାକାର ମେନୁରେ ସ୍ଥାନ ଦେବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଫାଉଣ୍ଡର ଗୁରୁଜ୍ୟୋତି ପାଠୀ, କୋ-ଫାଉଣ୍ଡର ନିଗମ ଜ୍ୟୋତି ପାଠୀ ଓ ମାଷ୍ଟର୍ ଶେଫ୍ ମଧୁସ୍ମିତା ସୋରେନ୍ ଓ ମୌସୁମୀ ଦାସ କହିଛନ୍ତି। ସେମାନେ କହିଛନ୍ତି, ଲକ୍ଷ୍ୟ କେବଳ ଗୋଟିଏ ରେଷ୍ଟୁରାଣ୍ଟ ତିଆରି କରିବା ନୁହେଁ। ଓଡ଼ିଆ ଖାଦ୍ୟକୁ ଓଡ଼ିଶାର ଲୋକଙ୍କ ପାଖରେ ଆହୁରି ଭଲ ଭାବେ ପହଞ୍ଚାଇବା ସହିତ ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏହାକୁ ବିସ୍ତାର କରିବା ଓ ପରେ ଓଡ଼ିଶା ବାହାରେ ମଧ୍ୟ ଓଡ଼ିଆ ଖାଦ୍ୟର ସ୍ୱାଦକୁ ପହଞ୍ଚାଇବା ଆମର ସ୍ୱପ୍ନ। ଆମେ ଚାହୁଁଛୁ ଓଡ଼ିଶା ବାହାରର ଲୋକେ ଯେତେବେଳେ ଓଡ଼ିଆ ଖାଦ୍ୟ ବିଷୟରେ ଭାବିବେ, ସେତେବେଳେ ଓଡ଼ିଶାର ମାଟିର ସ୍ୱାଦ, ଆମର ପରମ୍ପରା ଓ ଆତିଥ୍ୟ ସେମାନଙ୍କ ମନରେ ଆସିବ। ଏହି ଯାତ୍ରାରେ ଆମ ସହିତ ଅଛନ୍ତି ସମସ୍ତଙ୍କର ଅଭିଜ୍ଞତା, ପରିଶ୍ରମ। ଓଡ଼ିଆ ଖାଦ୍ୟ ପ୍ରତି ଭଲ ପାଇବା ହିଁ "ନମସ୍ତେ ଓଡ଼ିଶା'ର ମୂଳ ଶକ୍ତି। ଆମର ଚେଷ୍ଟା ଗୋଟିଏ ଓଡ଼ିଆ ଖାଦ୍ୟକୁ କେବଳ ପରସିବା ନୁହେଁ, ତାହା ପଛରେ ଥିବା ଆମ ମାଟିର କାହାଣୀ ଓ ପରମ୍ପରାକୁ ମଧ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ବୋଲି କହିଛନ୍ତି।

# କିଶୋର-କିଶୋରୀ ସ୍ୱାସ୍ଥ୍ୟ କର୍ମଶାଳା



ବାରିପଦା,୧୩।୯ (ସମିସ): ମୟୂରଭଞ୍ଜ ଜିଲ୍ଲାରେ କିଶୋର-କିଶୋରୀଙ୍କ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ୧୦ ଓ ୧୧ ତାରିଖରେ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବି ଏନ୍ ଦାସ ଉପସ୍ଥିତ ରହି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦକ୍ଷେପ ଓ କିଶୋର-କିଶୋରୀଙ୍କ ପାଇଁ ଉପଲବ୍ଧ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଆରବିଏସକେ/ଆରକେଏସକେ ମ୍ୟାନେଜର ଓ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ଯୋଗ ଦେଇଥିଲେ। କିଶୋର-କିଶୋରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ହେଉଛି କିଶୋର-କିଶୋରୀଙ୍କୁ ଶାରୀରିକ, ମାନସିକ ଓ ପ୍ରଜନନ ସ୍ୱାସ୍ଥ୍ୟ ସମ୍ପର୍କରେ ସଠିକ୍ ସୂଚନା ଓ ପରାମର୍ଶ ପ୍ରଦାନ କରିବା। ବିଶେଷକରି କିଶୋରୀଙ୍କ ମଧ୍ୟରେ ରକ୍ତହୀନତା ପ୍ରତିରୋଧ, ପୋଷଣ, ଋତୁସ୍ରାବ ସ୍ୱଚ୍ଛତା, କିଶୋରୀ ଗର୍ଭଧାରଣ ପ୍ରତିରୋଧ, ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟସେବା ଗ୍ରହଣ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏ ଅବସରରେ ପ୍ରୋଗ୍ରାମ ମ୍ୟାନେଜର ଅନୀଲ ମହାନ୍ତି କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟ, କିଶୋର-କିଶୋରୀ ସ୍ୱାସ୍ଥ୍ୟସେବାର କାର୍ଯ୍ୟ ପ୍ରଣାଳୀ ଓ ତୃଣମୂଳ ସ୍ତରରେ ଏହାକୁ ଅଧିକ ପ୍ରଭାବଶାଳୀ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ପିରାମଲ୍ ଫାଉଣ୍ଡେସନ୍‌ର ସହଯୋଗରେ ଆୟୋଜିତ ଏହି ଓରିଏଣ୍ଟେସନ୍‌ରେ ସରକାରୀ ସ୍ୱାସ୍ଥ୍ୟ ବିଭାଗ ଓ ସହଯୋଗୀ ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି, ଫ୍ରଣ୍ଟଲାଇନ୍ କର୍ମୀ ଓ କାଉନସେଲରଙ୍କ ଦକ୍ଷତା ବୃଦ୍ଧି, କିଶୋର-କିଶୋରୀଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଆଲୋଚନା ହୋଇଥିଲା। କର୍ମଶାଳାରେ କିଶୋର-କିଶୋରୀ ସ୍ୱାସ୍ଥ୍ୟ, କିଶୋରୀ ଗର୍ଭଧାରଣ ସମ୍ପର୍କିତ ପରାମର୍ଶ ଓ ରକ୍ତହୀନତା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କିଶୋରୀଙ୍କ ସମସ୍ୟାକୁ ସମ୍ବେଦନଶୀଳ ଭାବେ ବୁଝିବା, ଠିକ୍ ସମୟରେ ପରାମର୍ଶ ଦେବା ଓ ଆବଶ୍ୟକ ହେଲେ ଉଚ୍ଚତର ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫର୍ କରିବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପ୍ରାୟ ୧୧୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଜିଲ୍ଲା ସ୍ତରରୁ ଆରମ୍ଭ କରି ବ୍ଲକ୍ ଓ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତର ପର୍ଯ୍ୟନ୍ତ କିଶୋର-କିଶୋରୀଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ ଓ ପ୍ରଭାବଶାଳୀ କରିବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା।

## 'ମାନବୀୟ ମୂଲ୍ୟବୋଧରେ ବିଦ୍ୟାର୍ଥୀଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର




ବୈଶିଙ୍ଗା,୧୩।୯ (ସମିସ): କ୍ରିଷ୍ଣା ଏଜୁ୍ୟକେସନାଲ ଆଣ୍ଡ ଚାରିଟେବ୍ଲ ଟ୍ରଷ୍ଟ ଓ ଉତ୍କଳ ମହିଳା ଆର୍ଯ୍ୟ ସମାଜ ମିଳିତ ଉଦ୍ୟମରେ ବୈଶିଙ୍ଗାସ୍ଥ ପ୍ରିୟାଂଶୀ ରାଧେ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ 'ମାନବୀୟ ମୂଲ୍ୟବୋଧରେ ବିଦ୍ୟାର୍ଥୀଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରିୟାଂଶୀ ରାଧେ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟ୍ରଷ୍ଟି ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, କ୍ରିଷ୍ଣା ଏଜୁ୍ୟକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ତଥା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଉପଦେଷ୍ଟା ବିଜୟ ଆଚାର୍ଯ୍ୟ ଓ ଉତ୍କଳ ମହିଳା ଆର୍ଯ୍ୟ ସମାଜର ପ୍ରଚାରିକା ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗୀତାରାଣୀ ପୁରୀ, ଜୟଦେବ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ସୁଜାତା ମୁଣ୍ଡ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଭାସିନୀ ଜୀ, ଅଧ୍ୟାପିକା ତଥା ସମାଜସେବୀ ମିନତୀ କର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରିୟାଂଶୀ ରାଧେ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୦୦ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ଉପରୋକ୍ତ ଉପସ୍ଥିତ ଆର୍ଯ୍ୟ ସମାଜର ପ୍ରଚାରିକାଙ୍କଠାରୁ ମାନବୀୟ ମୂଲ୍ୟବୋଧ ଉପରେ ବିଭିନ୍ନ ପ୍ରକାର ଜ୍ଞାନ ପ୍ରାପ୍ତ କରିବା ସହିତ ନିଜ ଭିତରର ସନ୍ଦେହ ଦୂରୀଭୂତ କରାଇଛନ୍ତି। ଆଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାର୍ଥୀଙ୍କୁ ମାନବୀୟ ମୂଲ୍ୟବୋଧ ଶିକ୍ଷା ଅନବରତ ପ୍ରଦାନ କରାଇବା ନିମନ୍ତେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ବିଦ୍ୟାର୍ଥୀଙ୍କୁ ମାନବୀୟ ମୂଲ୍ୟବୋଧ ଉପରେ ଗଳ୍ପ, ପ୍ରବନ୍ଧ, କବିତା, କ୍ଷୁଦ୍ର ନାଟକ, ଚିତ୍ରକଳା, ଭାଷଣ, ପ୍ରଦର୍ଶନୀ ପ୍ରଭୃତି ରଚନାତ୍ମକ ପ୍ରତିଭାର ବିକାଶ ନିମନ୍ତେ ଗୁରୁତ୍ୱ ଦିଆଯିବାର ପ୍ରସ୍ତାବ ଗୃହୀତ ହୋଇଛି। ଅନୁଷ୍ଠାନର ସମ୍ପାଦକ ଇଶାନ କୁମାର ସାହୁ, ଶୁଭେଚ୍ଛୁ ସୁବ୍ରତ ଦଣ୍ଡପାଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କୁଳିଅଣା, ୧୩।୯ (ସମିସ): କୁଳିଅଣା ବ୍ଲକ ଅଧୀନ କୁଆବୁଡ଼ାସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁଳିଅଣା ଗୋଷ୍ଠୀ ଶିକ୍ଷାଧିକାରୀ ରଶ୍ମିରଞ୍ଜନ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ କୁଳିଅଣା ଏବିଇଓ ତଥା ବିଆରସିସି ସରସ୍ୱତୀ ସିଂ ଯୋଗଦେଇ ଉଦଘାଟନ କରିଥିଲେ। ବ୍ଲକ କ୍ରୀଡା ସଙ୍ଘ ସମ୍ପାଦକ କୈଳାସ ଚନ୍ଦ୍ର ମହାଳିକ, କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ମହାନ୍ତ, କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ଶ୍ରୀ ମହାଳିକଙ୍କ ତତ୍ତ୍ୱାବଧାନରେ ପ୍ରତି ଖେଳରେ ୧୦ ଜଣ ଓ ପ୍ରତି ଇଭେଣ୍ଟରୁ ଜଣେ ଲେଖାଏଁ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇଥିଲା। ୨୨ଟି ଉଚ୍ଚବିଦ୍ୟାଳୟ, ୩୫ଟି ଉପ୍ରା ବିଦ୍ୟାଳୟରୁ ୧୭ ବର୍ଷ ଓ ୧୪ ବର୍ଷରୁ କମ ବାଳକ/ବାଳିକା ମୋଟ ୫୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ଲକ ସ୍ତରରୁ ଉନ୍ନୀତ ପ୍ରତିଯୋଗୀ ରସଗୋବିନ୍ଦପୁର, ପାରୁଳିଆ ଓ କରଞ୍ଜିଆ ସରକାରୀ ଉଚ୍ଚବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ନାଥ ସୋରେନ, ବିରସିଂ ମାରାଣ୍ଡି, ଲୋକନାଥ ସି, ପ୍ରଦୀପ କୁମାର ଚୌଧୁରୀ, ରବୀନ୍ଦ୍ର ସେଠୀ, ଅଞ୍ଜନ ରାଉତ, ଅଭିରାମ ପଳେଇ, ଅଲେଖ ବଢ଼େଇ, କାର୍ତ୍ତିକ ନାଏକ, ରଜନୀକାନ୍ତ ମହାପାତ୍ର, ସବଳ ମହାନ୍ତ, ସୁନୀଲ ସେଠୀ, ଆରତୀ ବେହେରା, ସନ୍ତୋଷୀ ମହାନ୍ତ, ସୁମତୀ ପ୍ରଧାନ, ବାବୁଲାଲ ହେମ୍ବ୍ରମ, ପ୍ରମୋଦ ଦଣ୍ଡପାଟ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଆଦିବାସୀ ମାରାଙ୍ଗ ବୁରୁ ବଞ୍ଚାଓ ସଂଘର୍ଷ ମୋର୍ଚ୍ଚାର ବୈଠକ



ରାଇରଙ୍ଗପୁର,୧୩।୯ (ସମିସ): ସର୍ବଭାରତୀୟ ଆଦିବାସୀ ମାରାଙ୍ଗ-ବୁରୁ ବଞ୍ଚାଓ ସଂଘର୍ଷ ମୋର୍ଚ୍ଚାର ଓଡ଼ିଶା ରାଜ୍ୟସ୍ତରୀୟ ସଂକଳ୍ପ ବୈଠକ "ଆଦିବାସୀ ଅଧିକାର ଦିବସ' ଅବସରରେ ରାଇରଙ୍ଗପୁରରେ ଅନୁଷ୍ଠିତ ହୋଇଛି। ସକାଳ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆୟୋଜିତ ଏହି "ବିଚାର-ମନ୍ଥନ' ବୈଠକରେ ମାରାଙ୍ଗ-ବୁରୁଙ୍କ ସୁରକ୍ଷା ଓ ଆଦିବାସୀ ସମାଜର ଧାର୍ମିକ, ସାଂସ୍କୃତିକ ଅଧିକାର ନେଇ ଆଲୋଚନା ହୋଇଥିଲା। ବୈଠକରେ ମୋର୍ଚ୍ଚାର ସର୍ବଭାରତୀୟ ସଭାପତି ଫାଗୁ ବେଶ୍ରା, ମହାସଚିବ ହୀରାଲାଲ ମାଝୀ, କୋଷାଧ୍ୟକ୍ଷ ସୋମୟ ଟୁଡୁ, ଲୁଗୁ ବୁରୁ ଗୋଡ଼େତ ସୁରେନ୍ଦ୍ର ଟୁଡୁ, ମାଝୀ ବାବା ବିନ୍ଦେ ସୋରେନ, ଦୁର୍ଗାଚରଣ ମୁର୍ମୁ, ଜଗଦୀଶ ବାସ୍କେ, ବଡ଼ନାରଣ ମାଝୀ, ଲକ୍ଷ୍ମଣ ମାଝୀ, ଝାଡ଼ଖଣ୍ଡ ରାଜ୍ୟ ଜନଜାତି ପରାମର୍ଶ କମିଟି ସଦସ୍ୟ ଯୋସାଇ ମାରାଣ୍ଡି, ତହସିଲଦାର ହାଁସଦା, ଆଲୋକ କୁମାର ବାସ୍କେ, ଚନ୍ଦ୍ରମୋହନ ମୁର୍ମୁ, ନାରାୟଣ ମୁର୍ମୁ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଓ ପୂର୍ବତନ ବିଧାୟକ ସାହିବା ସୁଶୀଲ ହାଁସଦାଙ୍କ ସମେତ ବିଭିନ୍ନ ଜିଲ୍ଲାର ବହୁ ସାମାଜିକ କର୍ମୀ, ଯୁବ ସମାଜସେବୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଆଦିବାସୀ ସମାଜର ଇଷ୍ଟଦେବତା ମାରାଙ୍ଗ ବୁରୁ (ବଡ଼ ପାହାଡ଼ ଦେବତା)ଙ୍କ ସୁରକ୍ଷା ପାଇଁ ଆଗାମୀ ନଭେମ୍ବର ୪ ଓ ୫ ତାରିଖରେ ଦୁଇଦିନିଆ ସମ୍ମେଳନ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ଏହି ସମ୍ମେଳନରେ ଆଦିବାସୀ ସମାଜର ବୁଦ୍ଧିଜୀବୀ, ଦିଶୋମ ମାଝୀ-ବାବା ଓ ବିଭିନ୍ନ ଅଞ୍ଚଳର ପ୍ରତିନିଧି ଯୋଗଦେଇ ମାରାଙ୍ଗ ବୁରୁ ବଞ୍ଚାଓ ଆନ୍ଦୋଳନର ଆଗାମୀ ରଣନୀତି ଓ କାର୍ଯ୍ୟପନ୍ଥା ଉପରେ ବିଚାର ବିମର୍ଷ କରିବେ।

### ବାଦାମପାହାଡ଼-କେନ୍ଦୁଝରଗଡ଼ ଓ ଗୁରୁମାହିଷାଣୀ-ବାଙ୍ଗରିପୋଷି ନୂତନ ରେଲଲାଇନ ପାଇଁ ତତ୍ପରତା

# ରେଲ ବୋର୍ଡ ଅଧିକାରୀଙ୍କ ସ୍ଥଳ ପରିଦର୍ଶନ

ରାଇରଙ୍ଗପୁର,୧୩।୯ (ସମିସ):




ବାଦାମପାହାଡ-କେନ୍ଦୁଝରଗଡ଼ ଓ ଗୁରୁମାହିଷାଣୀ-ବାଙ୍ଗରିପୋଷୀ ପ୍ରସ୍ତାବିତ ନୂତନ ରେଲଲାଇନ ପ୍ରକଳ୍ପକୁ ନେଇ ରେଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନୂଆଦିଲ୍ଲୀସ୍ଥ ରେଳ ବୋର୍ଡର ପ୍ରିନସିପାଲ ଚିଫ୍ ଇଞ୍ଜିନିୟରଙ୍କ ସମେତ ଚକ୍ରଧରପୁର ରେଳ ମଣ୍ଡଳର ଏଡିଆରଏମ୍, ଟାଟାନଗର ଏଆରଏମ୍ ସମୀର ସୌରଭ ଓ ଅନ୍ୟ ରେଳ ଅଧିକାରୀ ଓ ଇଞ୍ଜିନିୟର ସ୍ୱତନ୍ତ୍ର ନିରୀକ୍ଷଣ ଟ୍ରେନ୍ 'ପରଖ' ଯୋଗେ ଏହି ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଥମେ ଅଧିକାରୀମାନେ ଗୁରୁମାହିଷାଣୀ ରେଳ ଷ୍ଟେସନରେ ପହଞ୍ଚି ପ୍ରସ୍ତାବିତ ଗୁରୁମାହିଷାଣୀ-ବାଙ୍ଗରିପୋଷି ନୂତନ ରେଲଲାଇନ ସଂଯୋଗ ପାଇଁ ସମ୍ଭାବ୍ୟ ସ୍ଥଳ ପରିଦର୍ଶନ ଓ ନିରୀକ୍ଷଣ କରିଥିଲେ। ପରେ ସେମାନେ ବାଦାମପାହାଡ଼ ଷ୍ଟେସନ ଅଭିମୁଖେ ଗସ୍ତ କରିଥିଲେ। ବାଦାମପାହାଡ଼ ଷ୍ଟେସନରେ ପହଞ୍ଚି ପ୍ରସ୍ତାବିତ ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ସଂଯୋଗ ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ସ୍ଥଳ ନିରୀକ୍ଷଣ କରାଯାଇଥିଲା। ଏଥିସହ ବାଦାମପାହାଡ଼ ଷ୍ଟେସନରେ ଆଉ ଦୁଇଟି ନୂତନ ପ୍ଲାଟଫର୍ମ ୨ ନମ୍ବର ଓ ୩ ନମ୍ବର ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଏହି ସ୍ଥଳ ପରିଦର୍ଶନ ଓ ପ୍ରାଥମିକ ନିରୀକ୍ଷଣ ପ୍ରକଳ୍ପ ଦୁଇଟିର କାର୍ଯ୍ୟାନ୍ୱୟନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ବିଶେଷକରି ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳ ସଂଯୋଗ ମୟୂରଭଞ୍ଜ ସମେତ ଅନ୍ୟାନ୍ୟ ଅଞ୍ଚଳର ଯୋଗାଯୋଗ ଓ ଆର୍ଥିକ ବିକାଶକୁ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି। ସମଗ୍ର କାର୍ଯ୍ୟକ୍ରମର ସ୍ଥିତି ଅନୁଧ୍ୟାନ ଓ ତଦାରଖ କରିବା ସହ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ପ୍ରସ୍ତାବିତ ଉଭୟ ନୂତନ ରେଲଲାଇନ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରି ଅବିଳମ୍ବେ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିବାକୁ ରେଳ ବିଭାଗ ନିକଟରେ ଦାବି ଜଣାଇଛନ୍ତି। ରେଳ ବୋର୍ଡ ଓ ରେଳ ମଣ୍ଡଳର ଉଚ୍ଚ ଅଧିକାରୀଙ୍କ ଏହି ପରିଦର୍ଶନ ଓ ସ୍ଥଳ ଚିହ୍ନଟ ପଦକ୍ଷେପ ପରେ ଦୁଇଟି ନୂତନ ରେଲଲାଇନ ପ୍ରକଳ୍ପର ଭବିଷ୍ୟତ କାର୍ଯ୍ୟାନ୍ୱୟନକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ଓ ଉତ୍ସାହ ବୃଦ୍ଧି ପାଇଛି।

**ବାଦାମପାହାଡ଼ ଷ୍ଟେସନରେ ନୂଆ ପ୍ଲାଟଫର୍ମ ପାଇଁ ସ୍ଥାନ ଚିହ୍ନଟ**

### ପାର୍ବଣ ପୂର୍ବରୁ 'ତୃତୀୟ ନୟନ' ଦୃଷ୍ଟିହୀନ

# ବାରିପଦାରେ ୬୪ ହାଇଟେକ୍ କ୍ୟାମେରା ଅଚଳ

ବାରିପଦା, ୧୩।୯ (ସମିସ)

### ପ୍ରଶାସନର ଉଦାସୀନତା, ଅପରାଧୀଙ୍କ ରାଜୁତି



ଆସନ୍ତାକାଲି ପବିତ୍ର ଗଣେଶ ପୂଜା ସହ ଆଗକୁ ଦୁର୍ଗାପୂଜା ଭଳି ବଡ଼ ଉତ୍ସବ ଆସୁଥିବାରୁ ସମଗ୍ର ସହରରେ ଲୋକଙ୍କ ଭିଡ଼ ଓ ଉତ୍ସାହ ବଢ଼ିବାରେ ଲାଗିଛି। ଠିକ୍ ଏହି ସମୟରେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରର ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ି ପ୍ରଶାସନିକ ଦାୟିତ୍ୱହୀନତାର ଚରମ ନମୁନା ସାମ୍ନାକୁ ଆଣିଛି। ସହରରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ପାଇଁ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ କରି ଖଞ୍ଜାଯାଇଥିବା ୬୪ଟି ହାଇଟେକ୍ ବୁଲେଟ୍ ସିସିଟିଭି କ୍ୟାମେରା ଏବେ ସମ୍ପୂର୍ଣ୍ଣ ଅଚଳ ହୋଇ ବିଦ୍ୟୁତ୍ ଖୁଣ୍ଟରେ କେବଳ ନିର୍ଜୀବ ଶୋ'ପିସ୍ ପାଲଟି ଝୁଲୁଛି। ଲୋକଙ୍କୁ ସୁରକ୍ଷା ଯୋଗାଇବା ନାମରେ ବଡ଼ ବଡ଼ ପ୍ରଚାର କରି ଯେଉଁ ବ୍ୟବସ୍ଥାକୁ ଜିଲ୍ଲା ପୁଲିସ ପ୍ରଶାସନ "ଆଇ ଇନ୍ ଦି ସ୍କାଏ' ବୋଲି ଡିଣ୍ଡିମ ପିଟୁଥିଲା, ତାହା ରକ୍ଷଣାବେକ୍ଷଣ ଓ ଉପଯୁକ୍ତ ତଦାରଖ ଅଭାବରୁ ଆଜି ମୁଦ୍ରିତ ନୟନରେ ପରିଣତ ହୋଇଛି। ଷ୍ଟିଲ ଗୋଲେଇ, ସତ୍ୟସାଇ ଛକ, ବାଲେଶ୍ୱର ଗୋଲେଇ, ପାଲବଣୀ, ଫାୟାର ଷ୍ଟେସନ୍ ଛକ ସମେତ ସହରର ୧୩ଟି ଅତି ସମ୍ବେଦନଶୀଳ ସ୍ଥାନରେ ଲାଗିଥିବା ଏହି ଅତ୍ୟାଧୁନିକ କ୍ୟାମେରା କାମ ନ କରିବା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଓ ଚରମ ଅପାରଗତାକୁ ହିଁ ପଦାରେ ପକାଇଛି। ପାର୍ବଣ ଋତୁରେ ଯେତେବେଳେ ବଜାରରେ ଲୋକଙ୍କ ଗହଳି ବଢୁଛି ଓ ସୁରକ୍ଷା ବ୍ୟବସ୍ଥାକୁ ସବୁଠାରୁ ଅଧିକ କଡ଼ାକଡ଼ି କରାଯିବା କଥା, ସେତେବେଳେ ପୁଲିସର ଏହି ନିଷ୍କ୍ରିୟତାର ଭରପୂର ଫାଇଦା ଉଠାଇ ଲୁଟେରା ଓ ଅସାମାଜିକ ଗୋଷ୍ଠୀ ନିର୍ଭୟରେ ଖୁଲମଖୁଲା ଉପଦ୍ରବ ଚଳାଇଛନ୍ତି। ଦିନ ଦ୍ୱିପ୍ରହରରେ ବ୍ୟସ୍ତବହୁଳ ରାସ୍ତାରୁ ଛିନ୍ତାଇ, ଦୋକାନ ବଜାରରୁ ଚୋରି ଓ ଆବାସିକ ଅଞ୍ଚଳରେ ଘରଫୋଡ଼ି ଭଳି ସଙ୍ଗୀନ ଅପରାଧ ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଛି। କୌଣସି ଅପରାଧ ଘଟିବା ପରେ ପୁଲିସ ଯେତେବେଳେ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯାଉଛି, ସେତେବେଳେ ସିସିଟିଭି ଫୁଟେଜ୍ ନ ମିଳିବାରୁ ହାତ ସମ୍ପୂର୍ଣ୍ଣ ଖାଲି ରହୁଛି। ସଠିକ୍ ପ୍ରମାଣ ଅଭାବରୁ ଦୁର୍ବୃତ୍ତ ଖସିଯାଇ ପୁଣି ନୂଆ ଅପରାଧ ଘଟାଇବାକୁ ସାହସ ପାଉଛନ୍ତି। ଜନସାଧାରଣଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କାର ପ୍ରକଳ୍ପକୁ ଏଭଳି ଅବହେଳା କରି ଅଚଳ କରିଦେବା ଓ ପର୍ବପର୍ବାଣି ସମୟରେ ମଧ ଏହାକୁ ସଜାଡ଼ିବାକୁ ତତ୍ପରତା ପ୍ରକାଶ ନ କରିବା ପୁଲିସ ପ୍ରଶାସନର ଦାୟିତ୍ୱହୀନତାର ସୀମା ପାର୍ କରିଛି। ଯଦି ପ୍ରଶାସନ ତୁରନ୍ତ ଏହି ନିଦ୍ରାରୁ ନଚେତି ସମସ୍ତ ଅଚଳ କ୍ୟାମେରା ଓ କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ ନ କରେ, ତେବେ ଆଗାମୀ ପୂଜା ବଜାରରେ ଅପରାଧୀଙ୍କ ଉତ୍ପାତ ଆହୁରି ଭୟାନକ ରୂପ ନେବ। ଏଥିପାଇଁ ସିଧାସଳଖ ଜିଲ୍ଲା ପୁଲିସ ଓ ପ୍ରଶାସନ ହିଁ ଦାୟୀ ରହିବେ ବୋଲି ସହରବାସୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି।

### ଗ୍ରାମସଭାରେ ଅନିୟମିତତାକୁ ବିରୋଧ କରିବାରୁ

## ଗ୍ରାମବାସୀଙ୍କ ନାଁରେ ମିଛ ମାମଲା; ହାତିକୋଟରେ ଉତ୍ତେଜନା

ବାରିପଦା, ୧୩।୯(ସମିସ): ମୟୂରଭଞ୍ଜ ଜିଲ୍ଲା ବାରିପଦା ବ୍ଲକ ଅଧୀନ ହାତିକୋଟ ପଞ୍ଚାୟତରେ ପ୍ରଶାସନିକ କଳ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଛି। ଗତ ୮ ତାରିଖରେ ଜମାଦାପାଳ ଗ୍ରାମରେ ଅନୁଷ୍ଠିତ ଗ୍ରାମସଭା ବେଳେ ନିଜର ନାର୍ଯ୍ୟ ହକ୍ ଓ ସ୍ୱଚ୍ଛତା ଦାବି କରିଥିବା ନିରୀହ ଗ୍ରାମବାସୀଙ୍କ ସ୍ୱରକୁ ଚାପିଦେବାକୁ ପଞ୍ଚାୟତର କାର୍ଯ୍ୟରତ ଏଡିଇଓ ତାପସ ବେହେରା ଷଡ଼ଯନ୍ତ୍ରମୂଳକ ଭାବେ ଥାନାରେ ମିଛ ଅଭିଯୋଗ ଦାୟର କରିଥିବା ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗ୍ରାମସଭାରେ ଗ୍ରାମର ଉନ୍ନୟନମୂଳକ କାମ ଓ ବାସ୍ତବ ପ୍ରସ୍ତାବକୁ ସାଧାରଣ ଲୋକଙ୍କ ସହମତି ବିନା ମନମୁଖୀ ଭାବେ ରେଜିଷ୍ଟରରେ ଲିପିବଦ୍ଧ କରାଯାଉଥିଲା। ଏହି ବେଆଇନ ତଥା ଏକତରଫା କାର୍ଯ୍ୟକୁ ଗ୍ରାମର ବଗଦା ମାରାଣ୍ଡି, ରଘୁନାଥ ମାରାଣ୍ଡିଙ୍କ ସମେତ ଉପସ୍ଥିତ ସଚେତନ ଗ୍ରାମବାସୀ ବିରୋଧ କରିବା ସହ ରେଜିଷ୍ଟରରେ ସମସ୍ତଙ୍କ ସହମତି ଓ ବାସ୍ତବ ନିଷ୍ପତ୍ତି ଉଲ୍ଲେଖ କରିବାକୁ ଦାବି ଜଣାଇଥିଲେ। ନିଜ ଦୁର୍ନୀତି ମନମାନି ପଦାରେ ପଡ଼ିଯିବା ଭୟରେ ଏଡିଇଓ ଶ୍ରୀ ବେହେରା ପ୍ରକୃତ ତଥ୍ୟକୁ ଲୁଚାଇବା ପାଇଁ ଚତୁରତାର ସହ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ନିଜ କାର୍ଯ୍ୟାଳୟର ତ୍ରୁଟି ଓ ଲୋକଙ୍କ ପ୍ରତିବାଦକୁ ଅସଦାଚରଣ ତଥା ସରକାରୀ କାର୍ଯ୍ୟରେ ବାଧା ବୋଲି ରୂପ ଦେଇ ଏଡିଇଓ ନିଜେ ରେକର୍ଡ ବିଭ୍ରାଟ ଘଟାଇବା ପରେ ଓଲଟା ନିରୀହ ଗ୍ରାମବାସୀଙ୍କ ବିରୋଧରେ ବେତନଟୀ ଥାନାରେ ମିଛ ଏତଲା ଦେଇଥିବା ଅଭିଯୋଗ ହେଉଛି। ଏପରି ମିଥ୍ୟା ମାମଲା ରୁଜୁ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ଭୟଭୀତ କରାଇ ସେମାନଙ୍କ ଗଣତାନ୍ତ୍ରିକ ସ୍ୱରକୁ ଦବାଇବାକୁ ଚେଷ୍ଟା କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଘଟଣାରେ ପୁଲିସ କେବଳ ସରକାରୀ କର୍ମଚାରୀଙ୍କ ଏକତରଫା ବୟାନ ଉପରେ ନିର୍ଭର ନ କରି ଗ୍ରାମସଭାର ପ୍ରକୃତ ସତ୍ୟାସତ୍ୟ ଓ ଉପସ୍ଥିତ ସାଧାରଣ ଲୋକଙ୍କ ମତାମତକୁ ଆଧାର କରି ନିରପେକ୍ଷ ତଦନ୍ତ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପାଞ୍ଚପିଢ଼ରେ ଆଲ୍‌ଫା ଫିଟନେସ ଚାମ୍ପିଅନସିପ



କରଞ୍ଜିଆ,୧୩।୯(ସମିସ): ପାଞ୍ଚପିଢ଼ଠାରେ ଆଲଫା ଜିମ୍ ପକ୍ଷରୁ "ଆଲଫା ଫିଟନେସ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଫିଟନେସ ପ୍ରତିଯୋଗିତାରେ ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ସିନିୟର ଓ ଜୁନିୟର ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ଫିଟନେସ ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ବର୍ଗରେ ପ୍ରତିଯୋଗୀଙ୍କ ମଧ୍ୟରେ ଉତ୍ସାହଜନକ ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଥିଲା। ଏହି ଚାମ୍ପିଅନସିପକୁ ଆଲଫା ଜିମର ପ୍ରତିଷ୍ଠାତା ଭିକି ଅଲ୍ଲୀ ଆୟୋଜନ କରିଥିବାବେଳେ ଟ୍ରେନର ମାଧବ ଓ ଅର୍ପିତା ସହଯୋଗ କରିଥିଲେ। ବିଚାରକ ଭାବେ ଓଡ଼ିଶାର ୱେଟ୍‌ଲିଫ୍ଟିଂ ଗୋଲ୍ଡ ମେଡାଲିଷ୍ଟ ସତ୍ୟ ଜେନା ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏ ଅବସରରେ ପାଞ୍ଚପିଢ଼ ଠିକାଦାର ଆସୋସିଏସନର ସଭାପତି ସିପୁ ନାୟକ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଫିଟନେସ, ଶାରୀରିକ ସୁସ୍ଥତା ଓ କ୍ରୀଡ଼ା ମନୋଭାବ ବୃଦ୍ଧି କରିବାରେ ଏଭଳି ପ୍ରତିଯୋଗିତା ଏକ ସକାରାତ୍ମକ ପଦକ୍ଷେପ ବୋଲି ଉପସ୍ଥିତ ଅତିଥି ଓ ଆୟୋଜକ ମତ ପ୍ରକାଶ କରିଥିଲେ।

### ■ ୭ ଦିନ ହେଲା ବିଜୁଳି ନାହିଁ

## ଧାରଣା ପରେ ଚେତିଲା ବିଦ୍ୟୁତ୍ ବିଭାଗ

ବୈଶିଙ୍ଗା,୧୩।୯(ସମିସ): ବେତନଟୀ ବ୍ଲକ୍‌ର ସନ୍ତରା ପଞ୍ଚାୟତ ଅନ୍ତର୍ଗତ ତିଳଦା ଉପକଣ୍ଠ ଧଡ଼ସାହି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରାୟ ୩୦ରୁ ୩୫ ପରିବାରର ୨୫୦ରୁ ଅଧିକ ଲୋକ ବସବାସ କରୁଥିବାବେଳେ ୩୨ ପରିବାର ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ସାମାନ୍ୟ ବର୍ଷା ପବନ ହେଲେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଏ। ଏଥିସହିତ ହାତୀ ଉପଦ୍ରବ ଯୋଗୁଁ ମଧ୍ୟ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଗତ ରବିବାର ବର୍ଷା ପରେ ଏଠାରେ ବିଦ୍ୟୁତ ସରବରାହ



ବନ୍ଦ ହୋଇଥିବାବେଳେ ୭ ଦିନ ବିତିଯାଇଥିଲେ ମଧ ବିଜୁଳି ଆସି ନ ଥିଲା। ଫଳରେ ପାନୀୟଜଳ ଯୋଗାଣ ମଧ ବାଧାପ୍ରାପ୍ତ ହୋଇ ପାଣି ପାଇଁ ଗ୍ରାମରେ ହାହାକାର ପଡ଼ିଛି। ଅନ୍ୟପକ୍ଷରେ ଜଙ୍ଗଲ ନିକଟବର୍ତ୍ତୀ ଗାଁ ହୋଇଥିବାରୁ ଧଡ଼ସାହିରେ ବର୍ଷତମାମ ହାତୀ ଉପଦ୍ରବ ଲାଗି ରହେ। ସନ୍ଧ୍ୟା ପରେ ଅନ୍ଧାର ହୋଇଯିବାରୁ ହାତୀ ଭୟରେ ଗ୍ରାମବାସୀ ଆତଙ୍କିତ ହୋଇ ରହୁଛନ୍ତି। ଏ ନେଇ ବିଦ୍ୟୁତ ବିଭାଗକୁ ବାରମ୍ବାର ଫୋନ୍ କରିଥିଲେ ମଧ ଫୋନ୍ ଉଠାଯାଉ ନ ଥିବା ଓ ଅଭିଯୋଗ ଶୁଣାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ଆଜି ମଧ୍ୟାହ୍ନରେ ଧଡ଼ସାହିର ଏକାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବୈଶିଙ୍ଗା ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ଧାରଣା ପରେ ବିଦ୍ୟୁତ ବିଭାଗ ଚେତିଥିବା ଜଣାପଡ଼ିଛି। ଶେଷରେ ବିଦ୍ୟୁତ ସଂଯୋଗ କରାଯାଇଥିବାରୁ ଦୀର୍ଘ ୭ ଦିନ ପରେ ଗ୍ରାମବାସୀଙ୍କ ଘରେ ପୁଣି ଆଲୋକ ଜଳିଛି।

### ଗମ୍ଭାରିଆ ଗାଁରେ ହାତୀପଲଙ୍କ ଉପଦ୍ରବ

# ଗୋଠଛଡ଼ା ଦନ୍ତା ଭାଙ୍ଗିଲା ଘର





ଯୋଡ଼ା/ଚମ୍ପୁଆ, ୧୩।୯ (ସମିସ)

### ଧାନ, ଚାଉଳ ଓ ପନିପରିବା ନଷ୍ଟ

କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅଧୀନ ଗମ୍ଭାରିଆ ଗ୍ରାମରେ ବିଳମ୍ବିତ ରାତିରେ ହାତୀପଲ ପ୍ରବେଶ କରି ଘରଦ୍ୱାର ଓ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହାତୀପଲ ମଧ୍ୟରୁ ଏକ ଗୋଠଛଡ଼ା ଦନ୍ତା ଜଣେ ଗ୍ରାମବାସୀଙ୍କ ଘରର କିଛି ଅଂଶ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ସୂଚନାନୁସାରେ, ଦନ୍ତାଟି ଘରେ ସଂରକ୍ଷିତ ଥିବା ଧାନ ଓ ଚାଉଳ ଖାଇବା ସହ ଘର ନିକଟରେ ଥିବା ପନିପରିବା ନଷ୍ଟ କରିଥିଲା। ଏଥିସହ ଘରର କିଛି ଜିନିଷପତ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ହାତୀପଲ ଗାଁ ନିକଟରେ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଓ ଚିନ୍ତା ପ୍ରକାଶ ପାଇଛି। ବିଶେଷକରି ରାତି ସମୟରେ ଲୋକଙ୍କ ଯାତାୟାତ ନେଇ ଆଶଙ୍କା ଦେଖାଦେଇଛି। ଘଟଣା ସମ୍ପର୍କରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇ ହାତୀପଲଙ୍କ ଗତିବିଧି ଉପରେ ନିରୀକ୍ଷଣ କରାଯିବା ସହ କ୍ଷତିର ଆକଳନ କରି ନିୟମାନୁସାରେ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗାଲୁସାହି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ



ଖୁଣ୍ଟ, ୧୩।୯ (ସମିସ): ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ମାସିକ ବୈଠକର ଅଭିମୁଖ୍ୟ ହେଉଛି ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ଓ ଶିକ୍ଷକଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତାର ବିକାଶ କରିବା। ଏହି ଶୈକ୍ଷିକ କାର୍ଯ୍ୟକ୍ରମ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଗାଲୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ଦାସରଥି ଗିରିଙ୍କ ପୌରୋହିତ୍ୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଶ୍ରୀ ଗିରି ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଓ ପିଲାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିବାକୁ ବକ୍ତବ୍ୟ ରଖିଥିବାବେଳେ ଅଙ୍କୁର ନାଏକ, ଅଭିରାମ ପାତ୍ର, ଉର୍ମିଳା ପାତ୍ର, କନକଲତା ସାହୁ, ସୁମିତ୍ରା ମୁର୍ମୁ, ଶୈଳେଶ ବେହେରା, କୁନା ପ୍ରଧାନ, ଅଞ୍ଜନ ଘଡେଇ, ଚିତ୍ତରଞ୍ଜନ ବେହେରା, ଜୀବନ ନାଏକ, ସବ୍ୟସାଚୀ ଜେନା ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ନିଜର ମତ ଓ ଅନୁଭୂତି ପ୍ରକାଶ କରିଥିଲେ।

### ମଦ ମାଫିଆଙ୍କ ଦବଙ୍ଗଗିରି

## ଆକ୍ରମଣରେ ଭାଙ୍ଗିଲା ଅବକାରୀ ଗାଡ଼ି




ସୋର, ୧୩।୯ (ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ, ୟୁନିଟ ୨ ତରଫରୁ ନାୟକବନ୍ଧ ଛକରୁ ଏକ ପିକଅପ ସହ ଦେଶୀମଦ ଜବତ କରିଥିବା ବେଳେ ଅବକାରୀ କର୍ମଚାରୀମାନେ ମଦ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିବା ଜଣାପଡିଛି।

କେନ୍ଦ୍ରାଞ୍ଚଳ ଅବକାରୀ ନିର୍ଦ୍ଦେଶକ ବିକାଶ ନାୟକଙ୍କ ନିର୍ଦ୍ଦେଶରେ ଅବକାରୀ ନିରୀକ୍ଷକ ଡମ୍ବରୁଧର ଖଟୁଆଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାଞ୍ଚଳ ଅବକାରୀ ଅଧିକାରୀ ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଗତକାଲି ଅପରାହ୍ନରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ଏକ ପିକଅପକୁ ଅଟକାଇ ଥିଲେ। ଫଳରେ ପିକଅପକୁ ଏସକର୍ଟ ଦେଉଥିବା କିଛି ଯୁବକ ହଠାତ ଅବକାରୀ ଟିମ ଉପରେ ଆକ୍ରମଣ କରିଥିଲେ। ପଥର ମାଡ଼ରେ ଅବକାରୀ ବିଭାଗ ବ୍ୟବହାର କରୁଥିବା ବୋଲେରୋଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅବକାରୀ ଟିମ ପଛକୁ ହଟି ନ ଥିଲା। ଯାଞ୍ଚ ପରେ ପିକଅପରେ ଥିବା ୮ ଶହ ଲିଟର ଦେଶୀମଦକୁ ଜବତ କରିବା ସହିତ ଅଭିଯୁକ୍ତ ନୀଳଗିରି ଘାଟଘର ସାହି ଅଞ୍ଚଳର ତପନ ମଲ୍ଲିକ (୪୦)କୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ସନ୍ଧ୍ୟାରେ ସୋର ମେଡିକାଲରେ ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ତାକୁ ରାତିରେ ଏହି ଟିମ୍ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ସବ ଇନସିପେକ୍ଟର ଶ୍ରୀଧର ସିଂ, ଉର୍ମିଳା ବେହେରା, ଏଏସଆଇ ପ୍ରଶାନ୍ତ ପରିଡା, କନେଷ୍ଟବଳ ବସନ୍ତ କୁମାର ମଲ୍ଲିକ, କିଷାନ କୁମାର ସାବ୍ରତ,ଅଶ୍ୱିନୀ ପରିଡା ପ୍ରମୁଖ ସାମିଲ ଥିଲେ।

## ଗୋଡଭଙ୍ଗା ଘାଟିରେ ଓଲଟିଲା ଅଟୋ, ୩ ଗୁରୁତର

ମହୁଲଡିହା,୧୩।୯(ସମିସ): ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା- ଆନନ୍ଦପୁର ରାଜ୍ୟ ରାଜପଥର ଗୋଡଭଙ୍ଗା ଘାଟି ଠାକୁରାଣୀ ମନ୍ଦିର ସାମ୍ନା ବାଙ୍କରେ ଠାକୁରମୁଣ୍ଡା ଅଭିମୁଖେ ଆସୁଥିବା ଏକ ଅଟୋ ଓଲଟି ୩ ଜଣ ଗୁରୁତର ହୋଇଥିବାବେଳେ ୪ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି।



ଆଜି ସନ୍ଧ୍ୟା ପ୍ରାୟ ୫ଟା ବେଳେ କୁମାରୀରୁ ଆସୁଥିବା ଅଟୋ ଠାକୁରାଣୀ ବାଙ୍କରେ ଓଲଟି ପଡ଼ିଥିଲା। ଅଟୋରେ ଡ୍ରାଇଭର ସହିତ ୭ ଜଣ ଥିଲେ। ଖବରପାଇ ମହୁଲଡିହା ଥାନା ପୁଲିସ ଦୁର୍ଘଟଣା ସ୍ଥଳରୁ ଅଟୋରେ ଥିବା ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ତଦନ୍ତ ଆରମ୍ଭ କରିଛି।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବଡସାହି,୧୩।୯(ସମିସ): ତାଳପଦାଠାରେ ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହି ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ, ମୁଖ୍ୟବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ନାୟକ, ବ୍ଲକ କ୍ରୀଡା ସମ୍ପାଦକ ସନ୍ତୋଷ ମୁଖି ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ବଡ଼ସାହି ବ୍ଲକର ୪ଟି ଜୋନରୁ ଚୟନ କରାଯାଇଥିବା ୧୪ ବର୍ଷ ଓ ୧୭ ବର୍ଷରୁ କମ ବାଳକ/ବାଳିକା ଅଂଶଗ୍ରହଣ କରିଥିଲେ। ଖୋଖୋ, କବାଡି, ଫୁଟବଲ, ଭଲିବଲ କ୍ରିକେଟ, ଦୌଡ଼, ଜାଭେଲିନ ଥ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ, ଡିସକସ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। କ୍ରୀଡାବିତଙ୍କୁ ସହଯୋଗ କରିବା ପାଇଁ ବଡ଼ସାହି ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିଶମ ବିଭାଗ ସହଯୋଗ କରିଥିଲେ। ସଙ୍କୁଳ ସାଧନ କେନ୍ଦ୍ର ସଂଯୋଜକ ଭାବେ ରାମଚନ୍ଦ୍ର ବେହେରା, ସୁନୀଲ ମହାନ୍ତି, ବସନ୍ତ ବାରିକ, ଇନ୍ଦ୍ରଜିତ ଗିରି, ସଙ୍କୋ କିସ୍କୁ, ବରିଷ୍ଠ କ୍ରୀଡା ଶିକ୍ଷକ ସାମୟ ମାଝୀ ସହଯୋଗ କରିଥିଲେ। ପ୍ରତିକୂଳ ପରିବେଶ ଥିଲେ ମଧ ବାଳକ/ବାଳିକା ମଧ୍ୟରେ ଉତ୍କଣ୍ଠା ଦେଖାଯାଇଥିଲା। ଉଦଯାପନୀ ସଭାରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଦୀପ୍ତି ବେହେରା କ୍ରୀଡା ପତାକା ଅବତରଣ କରି ଏହାର ଉଦଯାପନ କରିଥିଲେ। ଏହି ପ୍ରତିଯୋଗିତାରେ ଚୟନ ହେଇଥିବା ସମସ୍ତ ବିଭାଗର ଛାତ୍ରଛାତ୍ରୀଙ୍କୁ ପୂର୍ବତନ ବ୍ଲକ ଓଷ୍ଟା ସମ୍ପାଦକ ପ୍ରଭାସ ନାୟକ ସ୍ୱାଗତ କରିଛନ୍ତି। ଆଗାମୀ ୧୬ ତାରିଖ ରାସଗୋବିନ୍ଦପୁର ବ୍ଲକର ଖେଲାରମ୍ ବିଦ୍ୟାପୀଠରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଉଦଯାପନୀ ସଭାରେ ଗୋଷ୍ଠୀ ସହ ଶିକ୍ଷାଧିକାରୀ ଅଭିରାମ ନାୟକ ଓ ବିଶିଷ୍ଟ ସମାଜସେବୀ ମହେଶ୍ୱର ସେନାପତି ଉପସ୍ଥିତ ରହି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବ୍ଲକ କ୍ରୀଡା ସମ୍ପାଦକ ସନ୍ତୋଷ ମୁଖୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଧନପ୍ରାପ୍ତି ଯୋଗ ଅଛି। ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ବୃଷ:** ପିଲାଙ୍କ ସହ ସମୟ ଅତିବାହିତ କରିବେ। ଅଟକି ଥିବା କାର୍ଯ୍ୟ ପୂରା ହୋଇପାରେ। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ଦାନ ଧର୍ମ କରିବେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜବୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ କରନ୍ତୁନି।

**ସିଂହ:** ଚିନ୍ତା ଦୂର ହେବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ାପାଇଁ ବ୍ୟସ୍ତ ହେବେ। ସମାଜସେବାରେ ସମୟ ଦେବେ। କଠିନ ପରିଶ୍ରମ କରିବେ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ।

**ତୁଳା:** ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟବ୍ୟୟ ସମାନ ରହିବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ବିବାହରେ ସମସ୍ୟା ଉପୁଜିବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ଅଯଥା ଖର୍ଚ୍ଚ ବଢ଼ିବ।

**କୁମ୍ଭ:** କର୍ମଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେଇପାରନ୍ତି। କର୍ମକ୍ଷେତ୍ରରେ ଅସନ୍ତୋଷ ଲାଗି ରହିବ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ବଢ଼ିବ। କଠିନ ପରିଶ୍ରମ କରି ସଫଳ ହେବେ।

## ଆଜିର ଐତିହ୍ୟ

- ୧୮୩୩- ଲର୍ଡ ୱିଲିୟମ୍ ବେଣ୍ଟିକ୍ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ହେଲେ।
- ୧୯୧୭- ରୁଷ୍ ବିଧିବଦ୍ଧ ଭାବେ ଗଣରାଜ୍ୟ ଘୋଷିତ ହେଲା।
- ୧୯୬୦- ଖଣିଜ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ମିଶି 'ଓପେକ୍' ସ୍ଥାପନା କଲେ।
- ୨୦୦୩- ଏସ୍ତୋନିଆ ୟୁରୋପୀୟ ସଂଘରେ ସାମିଲ୍ ହେଲା।
- ୨୦୧୬- ପାରା ଅଲିମ୍ପିକ୍ ଖେଳରେ ଭାରତ ୪ଟି ପଦକ ଜିତିଲା।

# ସୁରକ୍ଷା ଦେବ କାନଫୁଲ

ଆଜିର ସମୟରେ ଟେକ୍ନୋଲୋଜି କେବଳ ଫୋନ୍, ଲାପଟପ୍ ଏବଂ ସ୍ମାର୍ଟୱାଚ୍ ପର୍ଯ୍ୟନ୍ତ ସୀମିତ ନାହିଁ। ଏହାର ବ୍ୟବହାର ଲୋକଙ୍କ ସୁରକ୍ଷା ପାଇଁ ବି କରାଯାଉଛି। ଏହି କ୍ରମରେ ଦକ୍ଷିଣ ଆଫ୍ରିକାର ଲିମ୍ପୋପୋ ପ୍ରଦେଶର ବୋହଲାଲେ ମଫାହଲେଲେ ମାତ୍ର ୧୬ ବର୍ଷ ବୟସରେ ୨୦୨୦ରେ ସ୍ମାର୍ଟ ଇଅରିଂ ନିର୍ମାଣ କରି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ଦକ୍ଷିଣ ଆଫ୍ରିକାରେ ମହିଳା ଓ ଶିଶୁମାନଙ୍କ ପ୍ରତି ବଢୁଥିବା ହିଂସା ଏବଂ ମାନବ ଚାଲାଣ ଭଳି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ସେ ଏହି ପ୍ରୋଟୋଟାଇପ୍ ପ୍ରସ୍ତୁତ କରିଥିଲେ। ଏହା ଦେଖିବାକୁ ସାଧାରଣ କାନଫୁଲ ଭଳି। ବିପଦ ସମୟରେ ମହିଳାମାନେ ଫୋନ ବ୍ୟବହାର ନ କରି କେବଳ କାନଫୁଲରେ ଥିବା ଗୋପନୀୟ ବଟନ୍‌କୁ ଦବାଇବେ। ବଟନ୍ ପ୍ରେସ୍ ହେବା ମାତ୍ରେ ଏହା ସ୍ମାର୍ଟଫୋନ୍ ଆପ୍ଲିକେସନ୍ ସହ କନେକ୍ଟ ହୋଇ କ୍ଲାଉଡ୍ ସର୍ଭର ମାଧ୍ୟମରେ ପରିବାର ଓ ପୋଲିସ ନିକଟକୁ ଜରୁରୀକାଳୀନ ସୂଚନା, ଲାଇଭ୍ ଲୋକେସନ ଓ ଆକ୍ରମଣକାରୀର ଫଟୋ ପଠାଇଥାଏ। ଡିଭାଇସ୍‌ଟି ଆକାରରେ ଅତି ଛୋଟ ହୋଇଥିବାରୁ ଏଥିରେ ଏକ ଛୋଟ ମାଇକ୍ରୋ-ବ୍ୟାଟେରି ବ୍ୟବହାର କରାଯାଇଛି। ପ୍ରୋଟୋଟାଇପ୍ ଅନୁସାରେ, ଏହାକୁ ରିଚାର୍ଜ କରାଯାଇପାରିବ, କିନ୍ତୁ ବ୍ୟାଟେରିର ଦକ୍ଷତା ବଢ଼ାଇବା ଏବଂ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିବା ଉପଯୋଗୀ କରିବା ପାଇଁ ବୋହଲାଲେ ଏବେ ମଧ୍ୟ କାମ କରୁଛନ୍ତି। ବର୍ତ୍ତମାନ ବୋହଲାଲେ 'ମଫାହଲେଲେ ଆଲର୍ଟସ୍' ନାମକ ନିଜର ଏକ କମ୍ପାନି ଆରମ୍ଭ କରି ଏହାକୁ ବଜାରକୁ ଆଣିବା ପାଇଁ କାମ କରୁଛନ୍ତି।



# ହିନ୍ଦୀ ଦିବସ



ପ୍ରତିବର୍ଷ ୧୪ ସେପ୍ଟେମ୍ବରରେ ହିନ୍ଦୀ ଦିବସ ପାଳନ କରାଯାଏ। ଏହି ଦିନଟିକୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ଏବଂ ଏହାର ଗୁରୁତ୍ୱକୁ ବୃଦ୍ଧି କରିବା ପାଇଁ ସମଗ୍ର ଦେଶରେ ଉତ୍ସାହର ସହ ପାଳନ କରାଯାଇଥାଏ। ସାରା ଭାରତରେ ଯୋଗସୂତ୍ରକାରୀ ଭାଷା ହେଉଛି ହିନ୍ଦୀ । ଏହାକୁ ସବୁଲୋକ ବୁଝି ପାରିବେ, ଶିଖି ପାରିବେ, କହି ପାରିବେ। ଏକଦା ଜାତିର ପିତା ମହାତ୍ମାଗାନ୍ଧୀ ଏହାକୁ ସାଧାରଣ ଜନତାର ଭାଷା ବୋଲି କହିଥିଲେ । ତେବେ ସେପ୍ଟେମ୍ବର ୧୪ରେ ହିନ୍ଦୀ ଦିବସ ପାଳନ କରିବାର ଦୁଇଟି କାରଣ ରହିଛି ।୧୯୪୯ ମସିହା ସେପ୍ଟେମ୍ବର ୧୪ ତାରିଖରେ ଭାରତର ସମ୍ବିଧାନ ସଭା ଦ୍ୱାରା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀ ଭାଷାକୁ ଭାରତର ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପରଠାରୁ ଭାରତ ସରକାର ହିନ୍ଦୀକୁ ବହୁଳ ଭାବରେ ବ୍ୟବହୃତ ଭାଷା ଭାବରେ ମାନ୍ୟତା ଦେବା ପାଇଁ ଉଦ୍ୟମ କରିଥିଲେ। ଏହି ଦିବସକୁ ପାଳନ କରିବାର ଅନ୍ୟ ଏକ କାରଣ ହେଉଛି ଏହି ଦିନ ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ରାଜେନ୍ଦ୍ର ସିଂଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯାଏ। ହିନ୍ଦୀ ଭାଷାକୁ ଭାରତର ରାଜଭାଷା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ପରେ ରାଷ୍ଟ୍ରଭାଷା ପ୍ରଚାର ସମିତିର ଅନୁରୋଧ କ୍ରମେ, ୧୪ ସେପ୍ଟେମ୍ବର, ୧୯୫୩ ମସିହାରେ ଦେଶରେ ପ୍ରଥମ କରି ଆନୁଷ୍ଠାନିକ ଭାବେ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ଏହାପରେ ପ୍ରତିବର୍ଷ ଏହି ଦିନକୁ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି। ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷାମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୀ । ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା ଅଟେ। ଇଂରାଜୀ ଭାଷାର ଅଧିକ ପ୍ରଚଳନ ଓ ହିନ୍ଦୀ ଭାଷାର ଅଣଦେଖାକୁ ରୋକିବା ପାଇଁ ଏହି ଦିବସ ପାଳନ କରାଯାଏ। ହିନ୍ଦୀ ପ୍ରତି ଲୋକଙ୍କର ଆଗ୍ରହ ଦେଖି ବିଶ୍ୱର ପ୍ରାୟ ୧୭୫ ବିଶ୍ୱବିଦ୍ୟାଳୟରେ ଏହାକୁ ଏକ ବିଷୟ ଭାବେ ପଢ଼ାଯାଉଛି। ଭାରତ ବ୍ୟତୀତ ନେପାଳ, ଫିଜି, ସୁରିନାମ, ଉଗାଣ୍ଡା, ପାକିସ୍ତାନ, ବାଂଲାଦେଶରେ ବହୁସଂଖ୍ୟାରେ ହିନ୍ଦୀ ଭାଷୀ ଅଛନ୍ତି। ଦେଶର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟରେ ଏହି ଦିନ ହିନ୍ଦୀ ବକ୍ତୃତା, ରଚନା ଲେଖା ଏବଂ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଏ।

# 'ହନୁମାନ ଅଂଶ -୨'ରେ ବିରୁଷ୍କା





ବିଶାଲ ଚତୁର୍ବେଦୀଙ୍କ ଆଧ୍ୟାତ୍ମିକଭିତ୍ତିକ ଚଳଚ୍ଚିତ୍ର 'ହନୁମାନ ଅଂଶ' ଦୀର୍ଘ ସମୟ ଧରି ବକ୍ସ ଅଫିସ୍‌ରେ ଆୟ ମାମଲାରେ ରେକର୍ଡ ପରେ ରେକର୍ଡ କରି ଚାଲିଛି। ଏହି ଚଳଚ୍ଚିତ୍ରର ସିକ୍ୱେଲରେ ଭାରତୀୟ କ୍ରିକେଟର ବିରାଟ କୋହଲି ଏବଂ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କୁ ଅତିଥି କଳାକାର ଭୂମିକାରେ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ପ୍ରଯୋଜିକା ନମ୍ରତା ସିଂଙ୍କ ଏକ ସାମ୍ପ୍ରତିକ ବୟାନ ଏହି ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି। ମାତ୍ର ୨ କୋଟି ଟଙ୍କାର ବଜେଟରେ ନିର୍ମିତ ହୋଇଥିବା ଏହି ଚଳଚ୍ଚିତ୍ର ବର୍ତ୍ତମାନ ସୁଦ୍ଧା ୧୫୦ କୋଟିରୁ ଅଧିକ ବ୍ୟବସାୟ କରି ସାରିଲାଣି। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ନିମ୍ କରୋଲି ବାବାଙ୍କ ଜୀବନୀ ଉପରେ ଆଧାରିତ ଏହି ଫିଲ୍ମରେ ଶୋଭିନଭ ସତ୍ୟା ବାବାଙ୍କ ଚରିତ୍ରକୁ ଅତି ନିଖୁଣ ଭାବେ ରୂପାୟନ କରି ଦର୍ଶକଙ୍କ ମନ ଜିଣିଛନ୍ତି। ସିନେମାଟିକୁ ଅନେକ ବଡ଼ ବଡ଼ ସେଲିବ୍ରିଟି ଦେଖି ପ୍ରଶଂସା କରିଛନ୍ତି। ସେଲିବ୍ରିଟି କପଲ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ନିମ୍ କରୋଲି ବାବାଙ୍କର ପରମ ଭକ୍ତ ଭାବେ ଜଣାଯାନ୍ତି। ଏହି କାରଣରୁ ଫିଲ୍ମର ନିର୍ଦ୍ଦେଶକ ପ୍ରଥମେ ଇଚ୍ଛା ପ୍ରକାଶ କରିଥିଲେ ଯେ, ବିରାଟ ଓ ଅନୁଷ୍କା ଏହି ଫିଲ୍ମଟିକୁ ନିଶ୍ଚୟ ଦେଖନ୍ତୁ। ଏବେ ଫିଲ୍ମର ପ୍ରଯୋଜିକା ନମ୍ରତା ସିଂ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ଯେ, 'ହନୁମାନ ଅଂଶ'କୁ ତିନୋଟି ଭାଗରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଇଛି। ଏହାର ଦ୍ୱିତୀୟ ଭାଗରେ ନିମ୍ କରୋଲି ବାବାଙ୍କ କୈଞ୍ଚି ଧାମ ଅଧ୍ୟାୟ ଏବଂ ତାଙ୍କ ଭକ୍ତମାନଙ୍କ କାହାଣୀ ଦେଖାଯିବ। ଯେତେବେଳେ ତାଙ୍କୁ ପଚରାଗଲା ଯେ ଏଥିରେ ବିରାଟ-ଅନୁଷ୍କା ନଜର ଆସିବେ କି? ନମ୍ରତା କହିଛନ୍ତି, "ଆମେ କିଛି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ସହ ଯୋଗାଯୋଗ କରିଛୁ, ଯେଉଁମାନେ ପୂର୍ବରୁ ମଧ୍ୟ ଏହି ପ୍ରୋଜେକ୍ଟ ବିଷୟରେ ଜାଣିଥିଲେ। ଆଗାମୀ ଭାଗଗୁଡ଼ିକରେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ଅତିଥି କଳାକାର ଭାବେ ଦେଖାଯିବାର ସମ୍ଭାବନା ରହିଛି ।" ତେବେ ସେମାନେ ଏଥିପାଇଁ ସମ୍ପୂର୍ଣ୍ଣ ସ୍ୱୀକୃତି ଦେଇଛନ୍ତି କି ନାହିଁ, ତାହା ସେ ସ୍ପଷ୍ଟ କରିନାହାନ୍ତି।

ଯଦି ଏହି ଷ୍ଟାର୍ ଦମ୍ପତି 'ହନୁମାନ ଅଂଶ'ର ସିକ୍ୱେଲରେ ଅତିଥି କଳାକାର ଭାବେ ପରଦାକୁ ଆସନ୍ତି, ତେବେ ଏହା ଭକ୍ତ ଏବଂ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଉପହାର ହେବ।

# ସ୍ୱସ୍ତି

## ବିଶ୍ୱକର୍ମା



ପ୍ରତିବର୍ଷ କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ଏହିଦିନ ଭଗବାନ ବିଶ୍ୱକର୍ମାଙ୍କ ଜନ୍ମ ହୋଇଥିଲା। ବିଶ୍ୱକର୍ମାଙ୍କୁ ବିଶ୍ୱର ପ୍ରଥମ ଯନ୍ତ୍ରୀ କୁହାଯାଏ। ସକଳ ଶିଳ୍ପକଳାର ସେ ଜନକ। ତାଙ୍କୁ ନିର୍ମାଣର ଅଧିଦେବତା ବୋଲି କୁହାଯାଏ। ବ୍ରହ୍ମାଙ୍କ ନିର୍ଦ୍ଦେଶନାରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ ବିଶ୍ୱ ଭୁବନ ନିର୍ମାଣ କରିଥିଲେ। ଦେବତାମାନଙ୍କର ସମସ୍ତ ଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ। ସ୍ୱର୍ଗର ଅମରାବତୀ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ। ବିଶ୍ୱକର୍ମା ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତିନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ନିର୍ମାଣ କରିଛନ୍ତି। ସେଥିପାଇଁ ଏହି ଅବସରରେ ବିଭିନ୍ନ ଯନ୍ତ୍ର ତଥା ଯନ୍ତ୍ରପାତିର ପୂଜା କରାଯାଇଥାଏ। ଏହିଦିନ କଳକାରଖାନା ଶିଳ୍ପ ପ୍ରତିଷ୍ଠାନରେ ବିଧିବିଧାନ ସହ ଭଗବାନ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ। ବିଭିନ୍ନ ଶିଳ୍ପକଳାରେ ଜଡ଼ିତ ଗୋଷ୍ଠୀ ବେଶ୍ ଜାକଜମକରେ ବିଶ୍ୱକର୍ମା ପୂଜା କରିଥାନ୍ତି। ବିଶ୍ୱକର୍ମାଙ୍କ ପୂଜା କରିବା ଦ୍ୱାରା ଭକ୍ତମାନଙ୍କର ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ। ଏହାସହ ବ୍ୟବସାୟରେ ମଧ୍ୟ ସୁଧାର ଆସିଥାଏ। କେବଳ ସେତିକି ନୁହେଁ, ବିଶ୍ୱକର୍ମାଙ୍କୁ ପୂଜା କରିବା ଦ୍ୱାରା ଘରେ ଧନ ସମ୍ପତ୍ତିର ଅଭାବ ରହି ନ ଥାଏ। ଚଳିତବର୍ଷ ଏହି ପୂଜା ସେପ୍ଟେମ୍ବର ୧୭ ତାରିଖରେ ପାଳନ କରାଯିବ।

## ଅଗ୍ରପୂଜ୍ୟ ଶ୍ରୀଗଣେଶ



**ଆଜି ମହା ଆଡମ୍ବରରେ ଚାରିଆଡ଼େ ପାଳନ ହେବ ଗଣେଶ ଚତୁର୍ଥୀ । ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଣେଶଙ୍କ ପୂଜା ପ୍ରଥମେ କରାଯାଏ । ତେଣୁ ତାଙ୍କୁ ଅଗ୍ରପୂଜ୍ୟ ବୋଲି କୁହାଯାଏ । ତେବେ ତାଙ୍କର ଏହି ପ୍ରଥମ ପୂଜା ପାଇବାକୁ ନେଇ ଏକ ସୁନ୍ଦର କାହାଣୀ ଅଛି ।**

ବାଲ୍ୟକାଳରେ ଥରେ ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକଙ୍କ ମଧ୍ୟରେ ବୁଦ୍ଧିମାନ କିଏ, ତାହାକୁ ନେଇ ଝଗଡ଼ା ଲାଗିଲା। ସେଇଠୁ ଏହି ପ୍ରଶ୍ନକୁ ନେଇ ଦୁହେଁ ମହାଦେବଙ୍କ ପାଖରେ ପହଞ୍ଚିଲେ। ଶିବ ଦୁହିଁଙ୍କୁ କହିଲେ, 'ଯିଏ ସର୍ବପ୍ରଥମେ ବ୍ରହ୍ମାଣ୍ଡକୁ ପରିକ୍ରମା କରି ତାଙ୍କ ପାଖରେ ଆସି ପହଞ୍ଚିବ, ସିଏ ଜିତିବ।' ଏହାପରେ କାର୍ତ୍ତିକ ନିଜ ବାହନ ମୟୂର ଉପରେ ବିରାଜମାନ କରି ବିଶ୍ୱ ଭ୍ରମଣ କରିବାକୁ ବାହାରିଲେ। ମାତ୍ର ଗଣେଶ ନିଜ ପିତା ଓ ମାତାଙ୍କ ଚାରିପାର୍ଶ୍ୱକୁ ପରିକ୍ରମା କରି ତାଙ୍କ ସାମ୍ନାରେ ଛିଡ଼ା ହେଲେ। ଏହାସହ ସେ କହିଲେ, ତାଙ୍କ ପାଇଁ ତାଙ୍କ ପିତା ଓ ମାତା ହେଉଛନ୍ତି ସର୍ବସ୍ୱ। ଦୁହିଁଙ୍କ ପରିକ୍ରମା କରି ସେ ବ୍ରହ୍ମାଣ୍ଡ ପରିକ୍ରମା ପୂର୍ଣ୍ଣ କରିଛନ୍ତି ବୋଲି କହିଲେ। ଏକଥା ଶୁଣି ଶିବ ତାଙ୍କୁ କହିଲେ, 'ତୁମେ ବହୁତ ବୁଦ୍ଧିମାନ।' ଏହାସହ ତାଙ୍କୁ ଆର୍ଶିବାଦ ଦେଲେ, 'ପ୍ରତ୍ୟେକ ଶୁଭକାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କର ପୂଜା ହେବ।' ସେଥିପାଇଁ ଶ୍ରୀଗଣେଶଙ୍କୁ ପ୍ରଥମ ପୂଜନୀୟ ବା ଅଗ୍ରପୂଜ୍ୟ ବୋଲି କୁହାଯାଏ।

## ୟୁରେନସ୍ ବକ୍ରୀ ୪ ରାଶି ପାଇଁ ଶୁଭ

ଅରୁଣ ଗ୍ରହକୁ ୟୁରେନସ୍ କୁହାଯାଏ। ସୌରମଣ୍ଡଳର ନବଗ୍ରହରେ ୟୁରେନସ୍ ସାମିଲ ନାହିଁ। ହେଲେ ଜ୍ୟୋତିଷ ଶାସ୍ତ୍ରରେ ବିଶେଷ ଲାଭ ମିଳିପାରେ। ୟୁରେନସ୍ ଗୋଟିଏ ରାଶିରେ ୭-୮ ବର୍ଷ ରହେ। ତେଣୁ ଗୋଟିଏ ରାଶିଚକ୍ର ପୂରା କରିବାକୁ ଅରୁଣ ଗ୍ରହକୁ ୮୪ ବର୍ଷ ଲାଗିଥାଏ। ସେହିପରି ଅରୁଣ ଗ୍ରହର ରାଶି ପରିବର୍ତ୍ତନର ପ୍ରଭାବ ୧୨ ରାଶି ଉପରେ ପଡ଼ିଥାଏ। ଏବେ ଏହା ବୃଷ ରାଶିରୁ ସେପ୍ଟେମ୍ବର ୧୦ରୁ ଓଲଟା ଚଳନ (ବକ୍ରୀ ଅବସ୍ଥା) କରିଛନ୍ତି। ଏହି ବ୍ରକୀ ଅବସ୍ଥା ଆସନ୍ତା ବର୍ଷ ଫେବୃଆରୀ ୮ ପର୍ଯ୍ୟନ୍ତ ରହିବ। ଅରୁଣ ଗ୍ରହର ଓଲଟା ଚଳନ ୪ ରାଶିକୁ ଶୁଭଫଳ ପ୍ରଦାନ କରିବ।

**ବୃଷ:** ବୃଷ ରାଶିରୁ ହିଁ ୟୁରେନସ ଓଲଟା ଚଳନ କରିଛନ୍ତି। ଏହା ବ୍ୟକ୍ତିତ୍ୱ ଓ ଚିନ୍ତାଧାରା ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ସଫଳ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମାଜ ଓ କାର୍ଯ୍ୟକ୍ଷେତ୍ରରେ ନୂତନ ପରିଚିତି ଲାଭ କରିବେ। କ୍ୟାରିୟରରେ ନୂଆ ଅବସର ପ୍ରାପ୍ତ ହେବ।

**କର୍କଟ:** ବ୍ୟବସାୟରେ ବଡ଼ ଲାଭ ହେବ। ଆୟର ନୂଆ ପଥ ଉନ୍ମୁକ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ମିଳିବ। କୌଣସି ବଡ଼ ଇଚ୍ଛା ପୂରଣ ହେବ।

**କନ୍ୟା:** ବିଦେଶ ଯାତ୍ରା, ଉଚ୍ଚଶିକ୍ଷା ଧାର୍ମିକ କାର୍ଯ୍ୟ ଲାଗି ଅନୁକୂଳ ସମୟ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ନିବେଶରୁ ଲାଭ ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ବିଦ୍ୟାର୍ଥୀ ଓ ଗବେଷକଙ୍କ ପାଇଁ ଉତ୍ତମ ସମୟ। ନୂଆ ଚାକିରି ମିଳିପାରେ। ସେୟାର୍ ବଜାର ଓ ସୃଜନାତ୍ମକ କ୍ଷେତ୍ରରେ କାମ କରୁଥିବା ଲୋକଙ୍କର ଅଚାନକ ଧନ ଲାଭ ଯୋଗ ଅଛି।

## ନୂଆଁଖାଇ

ନୂଆଁଖାଇ ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ। ଏହା ଏକ କୃଷି ଭିତ୍ତିକ ପର୍ବ। ଏହାର ମୁଖ୍ୟ ଆକର୍ଷଣ ହେଉଛି ନବାନ୍ନ ଭକ୍ଷଣ ବା ନୂଆ ଅନ୍ନ ଭକ୍ଷଣ। ଏହି ପର୍ବ ଭାଦ୍ରବ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଗଣେଶ ଚତୁର୍ଥୀ ପରଦିନ ପାଳିତ ହୋଇଥାଏ। ଏହିଦିନ ବର୍ଷର ପ୍ରଥମ ଅନ୍ନ ଇଷ୍ଟଦେବୀଙ୍କୁ ସମର୍ପଣ କରି ଗ୍ରହଣ କରାଯାଏ। ମହୁଲ, କୁରେଇ, ସିଆଳି, ସରଗି ଭଳି ଗଛକୁ ପୂଜାର୍ଚ୍ଚନା କରିବା ପରେ ସେଥିରୁ ପତ୍ର ସଂଗ୍ରହ କରାଯାଏ। ସେହି ପତ୍ରରେ ତିଆରି ଖଲି, ଚଉପତି, ଦନା, ଠୋଲାରେ ମାଆଙ୍କ ନିକଟରେ ନବାନ୍ନ ଲାଗି ହୁଏ। ତା'ପରେ ସମସ୍ତେ ନୂଆ ଖାଇଥାନ୍ତି। କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ଼ ଓ ଆଖପାଖର ଲଙ୍କେଶ୍ୱରୀ, ସମ୍ବଲପୁରର ସମଲେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡ଼ର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବୀଦେବଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗ ଲାଗି ହେବା ପରେ ସେହି ଅନ୍ନକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଆସିଛି। ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ା, ପିଠାପଣା ଦେବଦେବୀଙ୍କୁ ସମର୍ପଣ କରାଯାଏ। ନୂଆ ଦୀପରେ ପୂଜା କରାଯାଏ। ନବନିର୍ମିତ ଚୁଲିରେ ନୂଆହାଣ୍ଡିରେ ଚୁଡ଼ା ଭଜା ଯାଏ। ସେହି ନୂଆ ଚୂଡ଼ାରେ ଘିଅ, କ୍ଷୀର, ନଡ଼ିଆ, କଦଳୀ ଗୁଡ଼ ଆଦି ମିଶ୍ରଣ କରାଯାଇ ନବାନ୍ନ ପ୍ରସ୍ତୁତ କରାଯାଏ। ପ୍ରଥମେ ଇଷ୍ଟଦେବୀଙ୍କ ପାଖରେ ନୂଆଧାନର ବେଣୀ ଝୁଲା ଯାଏ ଏବଂ ଇଷ୍ଟଦେବୀ ଓ ପୂର୍ବପୁରୁଷଙ୍କୁ ନବାନ୍ନ ଅର୍ପଣ ହେବା ପରେ ସାନରୁ ବଡ଼ ସମସ୍ତେ ନବାନ୍ନ ପ୍ରସାଦ ଭକ୍ଷଣ କରିଥାନ୍ତି।

## ପବିତ୍ର ରାଧାଷ୍ଟମୀ

ଶ୍ରୀକୃଷ୍ଣ ବିନା ରାଧା ଅଧା। ରାଧା ବିନା ଶ୍ରୀକୃଷ୍ଣ ଅଧା। ଯେତେବେଳେ ବି ଶ୍ରୀକୃଷ୍ଣଙ୍କ ନାମ ଆସେ ଶ୍ରୀରାଧାରାଣୀଙ୍କ ନାଁ ଆପେ ଆସିଥାଏ। ତେଣୁ ହିନ୍ଦୁଧର୍ମରେ 'ଜନ୍ମାଷ୍ଟମୀ' ଭଳି 'ରାଧାଷ୍ଟମୀ'ର ଖୁବ୍ ମହତ୍ତ୍ୱ ଅଛି। ଜନ୍ମାଷ୍ଟମୀର ୧୫ ଦିନ ପରେ ରାଧାଷ୍ଟମୀ ଉତ୍ସବ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ଏହି ବ୍ରତ ପାଳନ କରାଯାଏ। ଏହିଦିନ ଶ୍ରୀରାଧାଙ୍କ ଜନ୍ମ। ଶ୍ରୀକୃଷ୍ଣ ମଧ୍ୟରାତ୍ରିରେ ଜନ୍ମ ଗ୍ରହଣ କରିଥିବା ବେଳେ ଶ୍ରୀରାଧା ମଧ୍ୟାହ୍ନରେ ଜନ୍ମଗ୍ରହଣ କରିଥିଲେ। ବୈଷ୍ଣବମାନେ ଶ୍ରୀରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି। ବୈଷ୍ଣବମାନଙ୍କ ମତରେ କୃଷ୍ଣଭକ୍ତି ଓ ପ୍ରାପ୍ତିର ମାଧ୍ୟମ। ରାଧାଷ୍ଟମୀ ଦିନ ରାଧାରାଣୀଙ୍କ ପୂଜାର୍ଚ୍ଚନା ନୀତିନିୟମ ସହ କରାଯାଏ। ରାଧାଷ୍ଟମୀ ବ୍ରତ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ଅଛି। ରାଧାଷ୍ଟମୀରେ ରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ୟତୀତ ଏକ ବ୍ରତ କଥା ପାଠ ହୁଏ। ତେବେ ଶ୍ରୀରାଧାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ଭାବେ ଗ୍ରହଣ କରାଯାଏ। ଏହି ଦିନ ଶ୍ରୀରାଧାଙ୍କ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ପୁଣି ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତି ପାଇଁ ଦେବୀ ରାଧାଙ୍କ ନାମ ଜପ କରିବା ଉଚିତ। ସେପ୍ଟେମ୍ବର ୧୯ରେ ରାଧାଷ୍ଟମୀ ପଡ଼ିବ।



## ମହିଳା ଏସିଆ କପ୍ କ୍ରିକେଟ ଫାଇନାଲ୍

# ଶେଫାଳି, ମନ୍ଧାନାଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ଦୁବାଇ, ୧୩।୯ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ମହିଳା ଏସିଆ କପ୍‌ର କ୍ରିକେଟ୍‌ର ଦଶମ ସଂସ୍କରଣ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ରବିବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଦମ୍‌ଦାର ଆରମ୍ଭ କରିଛି। ଦୁଇ ଓପନର୍ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା ପ୍ରଥମ ୱିକେଟ୍ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିଛନ୍ତି। ଫଳରେ ଭାରତ ୨୦ ଓଭରରେ ୫ ୱିକେଟ ହରାଇ ୧୮୩ ରନର ବିଶାଳ ସ୍କୋର କରିଛି। ଯଦି ଭାରତ ଚାମ୍ପିଅନ ହୁଏ ତେବେ ରେକର୍ଡ ୮ ମଥର ଲାଗି ଚାମ୍ପିଅନ ହେବ।

ଏହି ଗ୍ରାଣ୍ଡଫାଇନାଲ ମ୍ୟାଚରେ ଟସ୍ ଜିତି ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ଦୁଇ ଓପନର୍ ମନ୍ଧାନା ଓ ଶେଫାଳି ବିସ୍ଫୋରକ



ଆରମ୍ଭ କରିଥିଲେ। ଉଭୟ ଶ୍ରୀଲଙ୍କା ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ବିଶେଷ କରି ଶେଫାଳି ଅଧିକ ଆକ୍ରମଣାତ୍ମକ ଖେଳିଥିଲେ। ୩୯ଟି ବଲ୍ ସାମ୍ନା କରିଥିବା ଶେଫାଳି ୯ ଚୌକା ଓ ୨ ଛକା ବଳରେ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ଶେଫାଳି ପ୍ରଥମ ୱିକେଟରେ ମନ୍ଧାନାଙ୍କ ସହ ୭୭ ବଲରୁ ୧୨୯ ରନ ଉଠାଇଥିଲେ। ଶେଫାଳିଙ୍କ ଆଉଟ୍ ହେବାର ପାଞ୍ଚଟି ବଲ୍ ପରେ ମନ୍ଧାନା ଦୁର୍ଭାଗ୍ୟଜନକ ଭାବରେ ରନଆଉଟ୍ ହୋଇଥିଲେ। ତିନୋଟି ଛକା ଓ ୫ଟି ଚୌକା ବଳରେ ମନ୍ଧାନା ୩୯ ବଲରୁ ୫୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରମନପ୍ରୀତ୍ ୧୪, ରିଚା ଘୋଷ ୧୭, ଜି କମଳିନୀ ଅପରାଜିତ ୧୫, ଦୀପ୍ତି ଶର୍ମା ୫ ଓ ଭାରତୀ ଫୁଲମଣି ଅପରାଜିତ ୨ ରନ କରିଥିଲେ।

### ମନ୍ଧାନାଙ୍କ କୀର୍ତ୍ତିମାନ

ଭାରତୀୟ ଦଳର ଅଭିଜ୍ଞ ଓପନର୍ ଏହି ମ୍ୟାଚରେ ୫୯ ରନ କରିଥିଲେ। ଯାହାକି ଅର୍ନ୍ତଜାତୀୟ ଟି-୨୦ରେ ତାଙ୍କର ୫୯ତମ ଅର୍ଦ୍ଧଶତକ ଥିଲା। ଏଥିସହ ମନ୍ଧାନା ଅନ୍ତର୍ଜାତୀୟ ମହିଳା ଟି-୨୦ କ୍ରିକେଟ୍ ଇତିହାସରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି। ମନ୍ଧାନା ବର୍ତ୍ତମାନ ସୁଦ୍ଧା ୧୭୬ଟି ଟି-୨୦ ମ୍ୟାଚରୁ ୩୦.୬୫ ଆଭରେଜରେ ୪୭୫୧ ରନ ସଂଗ୍ରହ କରିଛନ୍ତି। ଏହିକ୍ରମରେ ମନ୍ଧାନା ନ୍ୟୁଜିଲାଣ୍ଡର ପୂର୍ବତନ ବ୍ୟାଟର୍ ସୁଜି ବେଟ୍ସଙ୍କୁ ପଛରେ ପକାଇ ଦେଇଛନ୍ତି।

## ହରମନପ୍ରୀତ୍‌ଙ୍କ ସହ ହାତ ନ ମିଳାଇବା ବିବାଦ

# ଆମର ନିଷ୍ପତ୍ତି ନୁହେଁ: ବିସିବି

ଢ଼ାକା,୧୩।୯ (ଏଜେନ୍ସି): ମହିଳା ଏସିଆ କପ୍ କ୍ରିକେଟରେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ସହ ବାଂଲାଦେଶ ଅଧିନାୟିକା ନିଗାର ସୁଲତାନା ହାତ ନ ମିଳାଇବା ନିଷ୍ପତ୍ତି ଆମର ନୁହେଁ। ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଓ ଏଥିଲାଗି ଆମେ କୌଣସି ନିଷ୍ପତ୍ତି ନେଇନାହୁଁ। ଏହି ଘଟଣାରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର କୌଣସି ଭୂମିକା ନାହିଁ ବୋଲି ମହିଳା କମିଟିର ଚେୟାରମ୍ୟାନ୍ ରଫିକୁଲ ଇସ୍‌ଲାମ ବାବୁ କହିଛନ୍ତି। ତାଙ୍କ ମତରେ ଆମେ ବିଶ୍ୱର ସମସ୍ତ କ୍ରିକେଟ ବୋର୍ଡ ସହ ସୌହାର୍ଦ୍ଦ୍ୱପୂର୍ଣ୍ଣ ସମ୍ପର୍କ ରଖିବାକୁ ଚେଷ୍ଟା କରୁଛି। ଭାରତ ଏଥିରୁ ବାଦ୍ ଯାଇ ନାହିଁ। ଏଭଳି ସ୍ଥିତିରେ ଭାରତ ବିପକ୍ଷ ଏସିଆ କପ୍ ସେମିଫାଇନାଲରେ ନିଗାର ସୁଲତାନାଙ୍କ ଏଭଳି ବ୍ୟବହାର ସମ୍ପର୍କରେ ନିଶ୍ଚିତ ଆଲୋଚନ ହେବ। ଏବେ ବିସିବି ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ଦୁବାଇରେ ଅଛନ୍ତି ଓ ସେମାନେ ସ୍ୱଦେଶ ଫେରିବା ପରେ ଏଭଳି ବିଶୃଙ୍ଖଳିତ ଆଚରଣ ଉପରେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ବାବୁ କହିଛନ୍ତି। ଲିଗ୍ ମ୍ୟାଚରେ ଶ୍ରୀଲଙ୍କା ଓ ସେମିଫାଇନାଲରେ ଭାରତଠାରୁ ବିନା ଲଢ଼େଇରେ ହାରିବା ପରେ ନିଗାରଙ୍କ ନେତୃତ୍ୱ ମଧ୍ୟ ସଙ୍କଟରେ ରହିଛି। ତେବେ ଏ ସମ୍ପର୍କରେ ବୋର୍ଡ କର୍ମକର୍ତ୍ତାଙ୍କ ବୈଠକ ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ନିକଟରେ ପାକିସ୍ତାନ ସରକାର ଭାରତରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବାରୁ ଭାରତର ଅଧିନାୟକ ପାକିସ୍ତନୀ ଅଧିନାୟକଙ୍କ ସହ ମ୍ୟାଚ୍ ପୂର୍ବରୁ କିମ୍ବା ପରେ ହାତ ମିଳାଉନାହାନ୍ତି। ଏବେ ବାଂଲାଦେଶର ସୁଲତାନା ସେହି ବିବାଦକୁ ନୂଆ ରୂପ ଦେବାକୁ ଚେଷ୍ଟା କରିଛନ୍ତି।

## ■ ଭାରତ ବିପକ୍ଷ ପ୍ରଥମ ଟି-୨୦

# ଓମରଜାଇଙ୍କ ଅପରାଜିତ ଅର୍ଦ୍ଧଶତକ



ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଏଠାରେ ଭାରତ ବିପକ୍ଷରେ ପ୍ରଥମଥର ଘରୋଇ ଟି-୨୦ ସିରିଜ୍ ଖେଳୁଥିବା ଆଫଗାନିସ୍ତାନ ପ୍ରଥମ ମୁକାବିଲାରେ ସଂଘର୍ଷ କରିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଦୁଇ ଅଲରାଉଣ୍ଡର ଆଜମତୁଲ୍ଲା ଓମରଜାଇ ଓ ମହମ୍ମଦ୍ ନବିଙ୍କ ଲଢ଼ୁଆ ଖେଳିବା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୬ ରନ୍ କରିନେଇଛି। ଦଳ ପକ୍ଷରୁ ଓମରଜାଇ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରି ୪୪ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଆଫଗାନିସ୍ତାନ ୪୩ ରନ୍‌ରେ ୫ଟି ୱିକେଟ ହରାଇବା ପରେ ଓମରଜାଇଙ୍କ ସହ ମିଶି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଏମାନେ ୬ଷ୍ଠ ୱିକେଟରୁ ୫୬ବଲ୍‌ରୁ ୮୩ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ। ନବି ୨୭ ବଲ୍‌ରେ ୨ଟି ଲେଖାଏଁ ଚୌକା ଓ ଛକା ସହ ୩୩ରନ୍ କରିଥିଲେ। ସେଦିକୁଲା ଅଟଲଙ୍କ ୧୩ ଓ ଅଧିନାୟକ ଇବ୍ରାହିମ୍ ଜଦ୍ରାନଙ୍କ ୧୧ ରନ୍‌କୁ ବାଦ୍ ଦେଲେ ବ୍ୟାଟିଂ କରିଥିବା ଅନ୍ୟ ୬ଜଣ ଡବଲ ଫିଗର ଛୁଇଁ ନ ଥିଲେ। ଭାରତ ପକ୍ଷରୁ ୭ଜଣ ବୋଲର ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରୁ ଅର୍ଶଦୀପ ସିଂହ ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ୧୫୭ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ୩ ଓଭର ଖେଳ ଶେଷ ବେଳକୁ ୧ ୱିକେଟ ହରାଇ ୨୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଇଶାନ କିଶାନ୫ ଓ ଅଭିଷେକ ଶର୍ମା ୧୮ ରନ୍‌ରେ ବ୍ୟାଟିଂ କରୁଥିଲେ।

# ୯୪ ବର୍ଷରେ ପ୍ରଥମ; ଘରୋଇ ମାଟିରେ ଭାରତ ବିଦେଶୀ

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଭାରତୀୟ କ୍ରିକେଟ ଇତିହାସରେ ଭାରତ ଘରୋଇ ମାଟିରେ ବିଦେଶୀ ଦଳ ଭାବେ ଖେଳୁଛି। ଏଠାରେ ଆଜି ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ କ୍ରିକେଟ ସିରିଜ୍‌ରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଘରୋଇ ଓ ବିଦେଶୀ ଦଳଙ୍କ ଲାଗି ଅଲଗା ଅଲଗା ଡ୍ରେସିଂ ରୁମ୍ ରହିଛି। ଏହି ମ୍ୟାଚ୍‌ରେ ଭାରତ ବିଦେଶୀ ଦଳର ଡ୍ରେସିଂ ରୁମ୍ ବ୍ୟବହାର କରିଛି। ଏହାର କାରଣ ହେଲା ଆଫଗାନିସ୍ତାନ ଏହି ସିରିଜ୍‌ର ପ୍ରାୟୋଜକ ରହିଛି। ଫଳରେ ପ୍ରସାରଣ ଅଧିକାର, ଷ୍ଟାଡିୟମ୍ ବିଜ୍ଞାପନ ଓ ଟିକଟ ବିକ୍ରୟରୁ ମିଳୁଥିବା ଅର୍ଥ ଆଫଗାନିସ୍ତାନ ନେବ। ଫଳରେ ଭାରତୀୟ କ୍ରିକେଟର ୯୪ ବର୍ଷ ଇତିହାସରେ ଭାରତ ପ୍ରଥମଥର ଏକ ବିଦେଶୀ ଦଳ ଭାବେ ଖେଳୁଛି। ସୂଚନାଯୋଗ୍ୟ ନିଜ ଦେଶରେ ସୁରକ୍ଷା କାରଣରୁ ଆଫଗାନିସ୍ତାନ ବିଦେଶରେ କ୍ରିକେଟ ଖେଳୁଛି। ଏହାର ଘରୋଇ ସିରିଜ୍ ଭାରତ ଓ ୟୁଏଇରେ ଆୟୋଜିତ ହେଉଛି। ଭାରତରେ ଏହି ଦେଶ ଅନେକ ଦେଶ ବିପକ୍ଷରେ ଆୟୋଜକ ଭାବେ ସିରିଜ୍ ଖେଳିଛି। କିନ୍ତୁ ପ୍ରଥମଥର ଭାରତ ବିପକ୍ଷରେ ଆଫଗାନିସ୍ତାନ ସିରିଜ୍ ଆୟୋଜନ କରୁଛି। ଯାହା ଫଳରେ ଘରୋଇ ମାଟିରେ ଭାରତ ବିଦେଶୀ ହୋଇଯାଇଛି। ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସ ପୂର୍ବରୁ ପ୍ରସ୍ତୁତି ସ୍ୱରୂପ ଏହି ସିରିଜ୍ ଉପରେ ଗୁରୁତ୍ୱ ଦେଉଛନ୍ତି।

# ଦକ୍ଷିଣ ଆଫ୍ରିକାର ଦିନକିଆ କ୍ଲିନ୍ ସ୍ୱିପ୍

ୱିଣ୍ଡୋହକ୍,୧୩।୯ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନକିଆରେ ଦକ୍ଷିଣ ଆଫ୍ରିକା ୯ ୱିକେଟରେ ନାମିବ୍ୟାକୁ ପରାସ୍ତ କରିଛି। ଏହା ଫଳରେ ଦକ୍ଷିଣ ଆଫ୍ରିକା ୩-୦ରେ ଏହି ସିରିଜ୍‌କୁ କ୍ଲିନ୍ ସୁଇପ କରିଛି। ସୂଚନାଯୋଗ୍ୟ ଦକ୍ଷିଣ ଆଫ୍ରିକା ବିଶ୍ୱର ଏକ ଶ୍ରେଷ୍ଠ ଦଳ ଭାବେ ନାମିବ୍ୟାରେ ପ୍ରଥମଥର ସିରିଜ୍ ଖେଳିଛି। ଏହି ମ୍ୟାଚ୍‌ରେ ୩୩ ରନ୍ ଦେଇ ୪ଟି ୱିକେଟ ନେଇଥିବା ଅଧିନାୟକ ଜର୍ଣ୍ଣ ଫୋର୍ଟୁଇନ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମୋଟ ୩ଟି ମ୍ୟାଚ୍‌ରେ ସର୍ବାଧିକ ୨୪୭ ରନ୍ କରିଥିବା ଜୋର୍ଡାନ ହର୍ମାନଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନାମିବ୍ୟା ୩୬.୨ ଓଭରରେ ୧୫୬ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭୧ ବଲ୍ ଓ ୯ଟି ୱିକେଟ ବାକିଥାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜୋର୍ଡାନ ୭୭ ରନ୍‌ରେ ଆଉଟ ହୋଇଥିଲାବେଳେ କନ୍ନର ଇସ୍ତରହୁଇଜେନ୍ ୬୮ ରନ୍‌ରେ ଅପରାଜିତ ରହିଥିଲେ।

## ■ ନିଖିଳ ଓଡ଼ିଶା ସିକ୍ସ ରେଡ୍ ସ୍ନୁକର

# ମହମ୍ମଦ୍ ରାଜାଙ୍କ ଡବଲ ବିଜୟ



କଟକ,୧୩।୯ (ସମିସ): ଫୋକାଲ କେପ୍ ଦ୍ୱିତୀୟ ଜିକେ ନିଖିଳ ଓଡ଼ିଶା ସିକ୍ସ-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ରେ ଡବଲ ସଫଳତାରୁ ମହମ୍ମଦ୍ ରାଜା ଅଭିଯାନ ଆରମ୍ଭ କରିଛନ୍ତି। କଟକ ସିଡିଏ ଗୋଲ୍ଡେନ କ୍ୟୁ ସ୍ନୁକର କେଫ୍‌ରେ ଆଜି ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେବୀପ୍ରସାଦ ସାହୁ ଖେଳିବାକୁ ଅସମର୍ଥ ହେବାରୁ ପ୍ରଥମ ମ୍ୟାଚ୍‌ରେ ରାଜାଙ୍କୁ ୱାକ୍ ଓଭର ମିଳିଥିଲା। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ରାଜ୍ୟର ଅନ୍ୟତମ ଟାଣୁଆ ଖେଳାଳି ଚିରାଗ ଅରୋରାଙ୍କୁ କଡ଼ା ମୁକାବିଲାରେ ୩-୨ ଫ୍ରେମ୍‌ରେ ପରାସ୍ତକରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶ ମହାପାତ୍ର, ଆଶିଷ ଶର୍ମା, ଆଚାର୍ଯ୍ୟ ଦିନେଶ, ଅମିତ ସିଂ, ମିହିର ଭୋରା, ସଞ୍ଜୀବ ସାହୁ ଓ ସାଗର ସ୍ୱାଇଁ। ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ଓ ଆଶିଷ ୩-୧ରେ, ଦିନେଶ, ସଞ୍ଜୀବ ଓ ସାଗର ୩-୦ ଫ୍ରେମ୍‌ରେ ମ୍ୟାଚ୍ ବିଜୟୀ ହୋଇଥିଲେ।

# ଜାପାନ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୩ ପଦକ

ଭୁବନେଶ୍ୱର, ୧୩।୯ (ସମିସ): ଟୋକିଓରେ ରବିବାର ଶେଷ ହୋଇଥିବା ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ଓଡ଼ିଶାର ୩ ଖେଳାଳି ମୋଟ୍ ୩ଟି ପଦକ ବିଜୟୀ ହୋଇଛନ୍ତି।



ଯେଉଁଥିରେ ପ୍ରମୋଦ ଭଗତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ଦୀପ୍ ରଞ୍ଜନ ବିଶୋୟୀ ଓ କୁଳଦୀପ ମହାକୁଡ଼ ଯୋଡ଼ି କାଂସ୍ୟ ପଦକ ହାସଲ କରିଛନ୍ତି। ଛଅଥରର ବିଶ୍ୱ ବିଜେତା ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଏସଏଲ-୩ କାଟାଗୋରୀର ଫାଇନାଲରେ ୨୧-୧୬, ୨୧-୧୮ ଗେମରେ ନିଜ ଦେଶର ଉମେଶ କୁମାରଙ୍କୁ ପରାସ୍ତ କରିଥିଲେ। ଏହାପପରେ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କମଦ ଯୋଡ଼ି ଫାଇନାଲରେ ୫-୨୧, ୧୫-୨୧ ଗେମରେ ଇଣ୍ଡୋନେସିଆ ଯୋଡ଼ିଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଥିଲେ। ଅପରପକ୍ଷରେ ପୁରୁଷ ଡବଲ୍ସର ଏସଏଲ-୩ ଓ ଏସୟୁ-୫ ବର୍ଗରେ ଓଡ଼ିଆ ଯୋଡ଼ି ଦୀପରଞ୍ଜନ ଓ କୁଳଦୀପଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି।

## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ

# ରିବାକିନା ମହିଳା ସିଙ୍ଗଲ୍ସ ଚାମ୍ପିଅନ

ନ୍ୟୁୟର୍କ,୧୩।୯ (ଏଜେନ୍ସି): ଗତ ଦୁଇଥରର ଚାମ୍ପିଅନ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଏଲେନା ରିବାକିନା ୨୦୨୬ର ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ କାଜାଖସ୍ତାନର ରିବାକିନାଙ୍କୁ ଡବଲ ସଫଳତା ମିଳିଛି। ଏହି ବିଜୟ ଫଳରେ ବେଲାରୁଷର ସାବାଲେଙ୍କାଙ୍କୁ ସେ ହ୍ୟାଟ୍ରିକ୍ ଟାଇଟଲରୁ ବଞ୍ଚିତ କରିଛନ୍ତି। ଦ୍ୱିତୀୟରେ ସାବାଲେଙ୍କାଙ୍କୁ ହଟାଇ ସେ ମଧ୍ୟ ବିଶ୍ୱର ନଂ-୧ ଖେଳାଳି ହୋଇଛନ୍ତି। ଶନିବାର ରାତିରେ ଖେଳାଯାଇଥିବା ଏହି ଫାଇନାଲରେ ରିବାକିନା ୬-୪, ୫-୭, ୬-୨ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରି କ୍ୟାରିୟରରେ ତୃତୀୟ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ୨୦୨୨ରେ ୱିମ୍ବଲଡନରେ ପ୍ରଥମ ଟାଇଟଲ ଜିତିଥିବା ରିବାକିନା ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନରେ ସାବାଲେଙ୍କାଙ୍କୁ ହରାଇ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହି ବିଜୟ ଖୁବ୍ ଆନନ୍ଦ ଦେଇଛି, କିନ୍ତୁ ଏହାକୁ ହାସଲ କରିବା ଲାଗି ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ସେ ଯାହା ହେଉ ମୁଁ ମୋ କାମକୁ ନେଇ



ବେଶ ଗର୍ବିତ ବୋଲି ରିବାକିନା କହିଛନ୍ତି। ଏହି ବିଜୟ ଫଳରେ ୟୁଏସ୍ ଓପନରେ ସାବାଲେଙ୍କାଙ୍କ ୨୧ତମ ବିଜୟରେ ବ୍ରେକ୍ ଲଗାଇଛନ୍ତି ସାବାଲେଙ୍କା।

ପୁରୁଷ ବିଭାଗରେ ଆଜି ରାତିରେ ଟପ୍ ସିଡ ଆଲେକଜାଣ୍ଡର ଜ୍ୱେରେଭ ଓ ବେନ୍ ଶେଲଟନଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହେଉଛି। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ ନିଜ ଦେଶର ଫ୍ରାନ୍‌ସେସ ଟିଆଫୋଏଙ୍କୁ ପରାସ୍ତ କରି ଶେଲଟନ ପ୍ରଥମଥର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି କାରେନ ଖାଚାନୋଭ୍‌ଙ୍କୁ ହରାଇ ଜ୍ୱେରେଭ ତୃତୀୟଥର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜ୍ୱେରେଭ ଓ ଶେଲଟନଙ୍କ ମଧ୍ୟରେ ମୁକାବିଲା ବେଶ ରୋମାଞ୍ଚକର ହୋଇପାରିଛି।

# ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଶ୍ରୀବାସ୍ତବଙ୍କୁ ବହିଷ୍କାର କଲେ ଦିଲୀପ

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ବିଶୃଙ୍ଖଳିତ ଆଚରଣ, ଆଦେଶ ଅବମାନନା, ସୂଚନାକୁ ଲୁଚାଇବା, ଖେଳାଳି ଓ କୋଚ୍‌ଙ୍କୁ ଆବଶ୍ୟକୀୟ ଆଦେଶକୁ ନ ଜଣାଇବା ଆଦି ୮ଟି ଅଭିଯୋଗରେ ହକି ଇଣ୍ଡିଆର ସର୍ବଶକ୍ତିମାନ କର୍ମକର୍ତ୍ତା ତଥା ମହାନିର୍ଦ୍ଦେଶକ କମାଣ୍ଡର ଆର୍‌କେ ଶ୍ରୀବାସ୍ତବଙ୍କୁ ସଭାପତି ଦିଲୀପ ତିର୍କୀ ବହିଷ୍କାର କରିଛନ୍ତି। ସଂଗଠନର କାର୍ଯ୍ୟଧାରାରେ ବାଧା ସୃଷ୍ଟି କରିବା ଓ ନିଜ ଇଚ୍ଛାନୁଯାୟୀ କାମ କରି ହକି ଇଣ୍ଡିଆର ନିୟମକୁ ଉଲ୍ଲଙ୍ଘନ କରିଥିବା ଶ୍ରୀବାସ୍ତବଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେ ସମ୍ପର୍କରେ ଉତ୍ତରଦେବାକୁ ୪ ସପ୍ତାହ ସମୟ ଦିଆଯାଇଛି। ଏହା ସହ ହକି ଇଣ୍ଡିଆ ଲାଗି କୌଣସି ନିଷ୍ପତ୍ତି, ନିର୍ଦ୍ଦେଶ ଓ ସ୍ୱାକ୍ଷର ନ କରିବାକୁ ମଧ୍ୟ ସଭାପତି ତିର୍କି ଦେଇଥିବା ବହିଷ୍କାର ଆଦେଶରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। କହି ଇଣ୍ଡିଆ କାର୍ଯ୍ୟନିର୍ବାହୀ କମିଟି ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ଯାଏ, ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଅନ୍ୟ ପକ୍ଷରେ ହକି ଇଣ୍ଡିଆ ମହସଚିବ ଭୋଳାନାଥ ସିଂ ଏଭଳି ନିର୍ଦ୍ଦେଶର କୌଣସି ବୈଧତା ନାହିଁ ବୋଲି କହିଛନ୍ତି। ତାଙ୍କ ମତରେ ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ କମିଟି ଏଭଳି କୌଣସି ନିଷ୍ପତ୍ତି ନେଇ ନ ଥିବା ବେଳେ ସଭାପତିଙ୍କ ଆଦେଶକୁ ସେ ମାନିବେ ନାହିଁ ବୋଲି କହିଛନ୍ତି।


ମହାନିର୍ଦ୍ଦେଶକ ଶ୍ରୀବାସ୍ତବଙ୍କୁ ବହିଷ୍କାର ଆଦେଶରେ ସଭାପତି ତିର୍କି ୩ଟି କାମରେ ବିଶୃଙ୍ଖଳିତ ଆଚରଣ ସମ୍ପର୍କରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗତ ଏକ ବର୍ଷରେ ଶ୍ରୀବାସ୍ତବ କିପରି ଆଦେଶ ଅବମାନନା କରିଛନ୍ତି ତାହା ଉଲ୍ଲେଖ କରିଛନ୍ତି। ନିକଟରେ ଶେଷ ହୋଇଥିବା ବିଶ୍ୱକପ୍‌ରେ ପର୍ଯ୍ୟବେକ୍ଷକ ଭାବେ ସୁଭଦ୍ରା ପ୍ରଧାନ, ରାଣି ରାମପାଲ ଓ ସର୍ଦ୍ଦାର ସିଂହଙ୍କୁ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ମହାନିର୍ଦ୍ଦେଶକ ମହୋଦୟ ଏହା କାହାରିକୁ ନ ଜଣାଇ ନିଜେ ଚାଲିଯାଇଥିଲେ। ଦ୍ୱିତୀୟରେ ହକି ଜର୍ସି ପରିବର୍ତ୍ତନ କରିବା ନେଇ ସେ କାହାରିକୁ କିଛି ସୂଚନା ଦେଇ ନ ଥିଲେ। ଜର୍ସି ପରିବର୍ତ୍ତନ ପରେ ଏହା ହକି ଇଣ୍ଡିଆ ସଭାପତି ଓ ଅନ୍ୟମାନେ ଜାଣିଥିଲେ। ସେହିପରି ଦକ୍ଷିଣ ଆଫ୍ରିକା ଟୁର୍‌ରେ ବିଶୃଙ୍ଖଳିତ ବ୍ୟବହାର କରିଥିବା କିଛି ଖେଳାଳି ଓ କୋଚ୍ କ୍ରେଗ୍ ଫୁଲଟନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥିର ହୋଇଥିଲା। ଏହି ଆଚରଣ ସମ୍ପର୍କରେ ବିକ୍ରମ ପାଲ ଦେଇଥିବା ରିପୋର୍ଟକୁ ମହାନିର୍ଦ୍ଦେଶକ ଫାଇଲ ତଳେ ଚାପିଦେଇଥିଲେ।

ଏଭଳି ଜଣେ କର୍ମକର୍ତ୍ତା ହକି ଇଣ୍ଡିଆର କାମରେ ବାଧା ସୃଷ୍ଟି କରିବା, ଯୋଗାଯୋଗ ନ କରିବା, ସଭାପତିଙ୍କ ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିବା ଯୋଗୁଁ ଶ୍ରୀବାସ୍ତବଙ୍କର ସମସ୍ତ କ୍ଷମତା ତତ୍‌କ୍ଷଣାତ ପ୍ରତ୍ୟାହାର କରିନିଆଯାଇଛି। ହକି ଇଣ୍ଡିଆର ବାଇ ଲ' ଅନୁଯାୟୀ ସଭାପତି ତିର୍କି ଏଭଳି ନିଷ୍ପତ୍ତି ନେଇଥିବା ନିର୍ଦ୍ଦେଶନାମାରୁ ଜଣାଯାଇଛି।

# ଏସୀୟ ବ୍ୟାଡ୍‌ମିଣ୍ଟନରେ ପୁଣିଥରେ ତନ୍ୱୀଙ୍କ କମାଲ୍

## କ୍ରମାଗତ ଟାଇଟଲ ଜିତି ଓଡ଼ିଶାର ଟେକ ରଖିଲେ

ଭୁବନେଶ୍ୱର, ୧୩।୯ (ସମିସ): ଓଡ଼ିଶାର ପ୍ରତିଭାବାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରି ପୁଣିଥରେ ଅନ୍ତର୍ଜାତୀୟସ୍ତରରେ ପଦକ ଜିତି ରାଜ୍ୟ ଓ



ଦେଶ ପାଇଁ ଗୌରବ ଆଣିଛନ୍ତି। ଚାଇନାର ଚେଙ୍ଗଡୁରେ ରବିବାର ଉଦ୍‌ଯାପିତ ହୋଇଥିବା ବ୍ୟାଡମିଣ୍ଟନ ଏସିଆ ୧୭ ବର୍ଷରୁ କମ୍ ଚାମ୍ପିଅନସିପ୍‌ରେ ତନ୍ୱୀ ଚାମ୍ପିଅନ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ୧୧-୧୫, ୧୫-୧୦, ୧୫-୧୨ ଗେମରେ ସାଥୀ ଭାରତୀୟ ଖେଳାଳି ସାଇନା ମନିମୁଥୁଙ୍କୁ ପରାସ୍ତ କରିଥିଲେ। ଫଳରେ ୧୫ ବର୍ଷୀୟା ତନ୍ୱୀଙ୍କ ଏହା କ୍ରମାଗତ ଦ୍ୱିତୀୟ ଏସୀୟ ଟାଇଟଲ୍ ହୋଇଛି। ବାଲେଶ୍ୱର ସିମୁଳିଆ ଜନ୍ମିତ ତନ୍ୱୀ ଏଥିପୂର୍ବରୁ ୨୦୨୪ରେ ୧୫ ବର୍ଷରୁ କମ୍ ଏସିଆନ ଚାମ୍ପିଅନସିପ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ନିକଟରେ ତନ୍ୱୀ ମଧ୍ୟ ସିନିଅରବର୍ଗରେ ତାଙ୍କର ପ୍ରଥମ ଟାଇଟଲ୍ ଜିତିଥିଲେ। ଇଣ୍ଡୋନେସିଆରେ ଅନୁଷ୍ଠିତ ପୋଣ୍ଟିଆଙ୍କ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜରେ ତନ୍ୱୀ ଚାମ୍ପିଅନ ହୋଇ ଏହି ସଫଳତା ପାଇଥିଲେ।

## ଏସିଆ କପ୍ ଜୁନିଅର ହକି

# ଡବଲ୍ ସ୍ୱର୍ଣ୍ଣ ସହ ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ମୋକି, ୧୩।୯ (ଏଜେନ୍ସି)

ଭାରତୀୟ ହକି ପାଇଁ ରବିବାର ଏକ ସ୍ମରଣୀୟ ଦିନ ହୋଇଛି। ଚାଇନାରେ ଅନୁଷ୍ଠିତ ଜୁନିଅର ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଡବଲ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଓଡ଼ିଆ ଖେଳାଳି ଅନମୋଲ୍ ଏକ୍କାଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ଫାଇନାଲରେ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ରେକର୍ଡ ଷଷ୍ଠ (୨୦୦୪, ୨୦୦୮, ୨୦୧୫, ୨୦୨୩, ୨୦୨୪, ୨୦୨୬)ଥର ଲାଗି ଚାମ୍ପିଅନ ହୋଇଛି। ସେହିଭଳି ଭାରତୀୟ ଜୁନିଅର ମହିଳା ହକି ଦଳ ଫାଇନାଲରେ ଆୟୋଜକ ଚାଇନାକୁ ୧-୦ ଗୋଲରେ ମାତ୍ ଦେଇ ହ୍ୟାଟ୍ରିକ (୨୦୨୩, ୨୦୨୪ ଓ ୨୦୨୬) ଟାଇଟଲ ଅର୍ଜନ କରିଛି। ବିଜୟ ସହ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଜୁନିଅର ହକି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ପ୍ରତି ଖେଳାଳିଙ୍କୁ ୩ ଲକ୍ଷ** : ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଜୁନିଅର ପୁରୁଷ ଓ ମହିଳା ହକି ଦଳ ପାଇଁ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି। ଉଭୟ ଚାମ୍ପିଅନ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ୩ ଲକ୍ଷ ଲେଖାଏ ଏବଂ ସପୋର୍ଟ ଷ୍ଟାଫଙ୍କୁ ଦେଢ଼ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS